ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨ ଜୁନ୍ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 2 JUNE 2020

Vol.No. 30 ■ No. 138 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଯା ଦେବୀ ସର୍ବଭୂତେଷୁ............

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

# ଓଡ଼ିଶାରେ ଲକଡାଉନ ଜୁନ୍ ୩୦ ପର୍ଯ୍ୟନ୍ତ ଜାରି ରହିବ :ମୁଖ୍ୟ ଶାସନ ସଚିବ

## ➤ଜୀବନ ଏବଂ ଜୀବିକା ମଧ୍ୟରେ ସନ୍ତୁଳନ ପାଇଁ କିଛି କୋହଳ କରାଯାଇଛି

## ➤୧୧ଟି ଜିଲ୍ଲାରେ ପ୍ରତି ଶନି ଓ ରବିବାର ଦିନ ମାନଙ୍କରେ ସଟଡାଉନ

ଭୁବନେଶ୍ୱର,୧।୬ (ନି.ପ୍ର): ଓଡ଼ିଶାରେ ମହାମାରୀ କରୋନା ବ୍ୟାପ୍ତିକୁ ପ୍ରତିରୋଧ କରିବା ନିମନ୍ତେ ରାଜ୍ୟ ସରକାର ଲକ୍-ଡାଉନ୍‌କୁ ଜୁନ୍ ୩୦ ପର୍ଯ୍ୟନ୍ତ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଗୀତ ଗୋବିନ୍ଦ ଭବନରୁ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କର ଦୂରଦର୍ଶୀ ପଦକ୍ଷେପ ଯୋଗୁ ରାଜ୍ୟ



କୋଭିଡ୍-୧୯ ନିୟନ୍ତ୍ରଣରେ ଭଲ ସ୍ଥିତିରେ ଅଛି । ଜୁନ୍ ମାସଟି ଆମ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ଶେତୁ ଆମକୁ ଲଢ଼େଇ ଜାରି ରଖିବାକୁ ପଡ଼ିବ ।

ମୁଖ୍ୟ ଶାସନ ସଚିବଙ୍କ ସହଯୋଗ ଦେଇ ପୋଲିସ୍ ମହା ନିର୍ଦ୍ଦେଶକ ଶ୍ରୀ ଅଭୟ କହିଥିଲେ ଯେ, ଲକଡାଉନ କୋହଳ କେବଳ ଜିବୀକାର୍ଜନରେ ସହାୟତା ପାଇଁ ଉଦ୍ଦିଷ୍ଟ । ଏହାକୁ ମନୋରଂଜନ ବୋଲି ଭାବି ଢ଼ିଲା ଦେଲେ ଆମେ ସମସ୍ତେ ବିପଦରେ ପଡ଼ିବା । ଆଜି ପର୍ଯ୍ୟନ୍ତ ପୋଲିସ୍ ସଚେତନତାମୂଳକ ବାରଣ କରୁଥିଲା । ଏଥର ପୋଲିସ୍ ଅବମାନନାକାରୀଙ୍କ ବିରୁଦ୍ଧରେ ଆରେଷ୍ଟ, ମୋକଦ୍ଦମା ଓ ଜୋରିମାନା ପରି କଠୋର କାର୍ଯ୍ୟାନୁଷ୍ଠାନ କରିବ ।

ଲକଡାଉନ ବିଷୟରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ପୂର୍ବଥର ପରି ଏଥର କଂଟେନମେଂଟ ଜୋନରେ ଲକ୍‌ଡାଉନ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ସମ୍ପୃକ୍ତ ▶▶ପୃଷ୍ଠା ୭

# ରାଜ୍ୟରେ ଆଉ ୧୫୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧।୬ (ନି.ପ୍ର): ରାଜ୍ୟରେ ଆଉ ୧୫୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୨୧୦୪କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ମୋଟ ୧୯ଟି ଜିଲ୍ଲାରୁ ଏହି ୧୫୬ ଜଣ ଆକ୍ରାନ୍ତଙ୍କୁ ଚିହ୍ନଟ କରା ଯାଇଛି ।




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କେନ୍ଦ୍ରାପଡା ଜିଲ୍ଲାରୁ ସବୁଠାରୁ ଅଧିକ ୫୦ ଜଣ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି କଟକ ଜିଲ୍ଲାରୁ ୨୦ ଜଣ, ଗଂଜାମ ଜିଲ୍ଲାରୁ ୧୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଜଗତସିଂହପୁର ଜିଲ୍ଲାରୁ ୧୪ ଜଣ, ଯାଜପୁର ଜିଲ୍ଲାରୁ ୧୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ▶▶ପୃଷ୍ଠା ୭




କରୋନା ମହାମାରୀ ବିଶ୍ୱରେ ଅନେକ ପରିବର୍ତ୍ତନ ଆଣିଛି । ଏହା ଆପଣଙ୍କ ଜୀବନ ଜୀବିକା ଉପରେ ବଡ଼ ପ୍ରଭାବ ପକାଇଛି । ଏଥିରୁ ମୁକୁଳିବାରେ ଆପଣଙ୍କ ସହାୟତା କରିବା ପାଇଁ ମନରେଗା ଅଧୀନରେ **୧ ଲକ୍ଷ ୧ ହଜାର ୫ଶହ କୋଟି** ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ମନରେଗା ଅଧୀନରେ ଜାତୀୟ ସ୍ତରରେ ଦୈନିକ ମଜୁରୀ **୧୮୨ ଟଙ୍କାରୁ ୨୦୨ ଟଙ୍କାକୁ ବୃଦ୍ଧି** ପାଇଛି
- ଆବେଦନକାରୀ କର୍ମନିଯୁକ୍ତି ପାଇଁ nrega.nic.in/netnrega/HomeGP.aspx ରେ ନିଜକୁ ପଂଜୀକୃତ କରିପାରିବେ କିମ୍ବା ସ୍ଥାନୀୟ ଗ୍ରାମ ପଂଚାୟତରେ ଯୋଗାଯୋଗ କରିପାରିବେ

ଶ୍ରମିକ ଭାଇ ଓ ଭଉଣୀମାନେ, ଆପଣମାନେ ଜାଣନ୍ତି କି ?

- ଯେକୌଣସି ଅଭାବି ବ୍ୟକ୍ତି ବିନା ରାସନ କାର୍ଡ଼ରେ ମଧ୍ୟ ଦୁଇ ମାସ ପାଇଁ ଖାଦ୍ୟ ଶସ୍ୟ ପାଇବାକୁ ହକଦାର । ଜଣେ ବ୍ୟକ୍ତି ମାସକୁ ୫ କେଜି ପର୍ଯ୍ୟନ୍ତ ଗହମ ବା ଚାଉଳ ଏବଂ ପ୍ରତି ପରିବାର ୧ କେଜି ପର୍ଯ୍ୟନ୍ତ ଚଣା ବା ଡାଲି ପାଇପାରିବେ ।
- ଶ୍ରମିକମାନେ ସହରାଂଚଳରେ ଅଧିକ ଘରଭଡ଼ା ଦେଇ ପାରୁନଥିବାରୁ ଗାଁକୁ ଫେରିବାକୁ ବାଧ୍ୟ ହେଉଛନ୍ତି । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ଅଧୀନରେ 'ସୁଲଭ ଘରଭଡ଼ା କମ୍ପ୍ଲେକ୍ସ' ପାଇଁ ଏକ ଯୋଜନା କାର୍ଯ୍ୟକାରୀ କରାଯାଉଛି ।

**ଆପଣଙ୍କ ପାଇଁ କରାଯାଇଥିବା ସୁବିଧାର ଲାଭ ଉଠାନ୍ତୁ !**

**ମନେରଖନ୍ତୁ, ଏଭଳି କଠିନ ପରିସ୍ଥିତିରେ ମଧ୍ୟ ଆପଣ ଏକା ନୁହନ୍ତି ।**



"ଆଜି ସାରା ବିଶ୍ୱରେ ସୃଷ୍ଟି ହୋଇଥିବା ଏହି କଠିନ ପରିସ୍ଥିତି ଆମକୁ ଆତ୍ମନିର୍ଭର ଭାରତର ରାସ୍ତା ଦେଖାଇଛି"

-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ




ଅଧିକ ସୂଚନା ପାଇଁ, ଦେଖନ୍ତୁ-transformingindia.mygov.in/aatmanirbharbharat

davp 22112/13/0009/2021

# ପଙ୍ଗପାଳକୁ ନେଇ ପଶ୍ଚିମ ଓଡ଼ିଶାର ଚାଷୀମାନଙ୍କ ମଧ୍ୟରେ ଭାଳେଣି

ଭୁବନେଶ୍ୱର,୧।୬ (ନି.ପ୍ର): ପଙ୍ଗପାଳକୁ ନେଇ ରାଜ୍ୟର ପଶ୍ଚିମ ଓଡ଼ିଶାର ଚାଷୀ ମାନଙ୍କ ମଧ୍ୟରେ ଏକ ଚିନ୍ତାର କାରଣ ହୋଇଛି । ଏହି ପଙ୍ଗପାଳକୁ କିପରି ମୁକାବିଲା କରି ଫସଲକୁ ରକ୍ଷା କରାଯାଇ ପାରିବ ସେଥିନେଇ ଆଜି କୃଷିଭବନଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା । ଏଥିରେ ଫସଲ ରକ୍ଷା ପାଇଁ ଏସଓପି ଜାରି କରିବା ପାଇଁ ନିଷ୍ପତି ହୋଇଛି । ଜିଲ୍ଲା ଏବଂ ବ୍ଲକ୍ ସ୍ତରରେ ଥିବା କୃଷି ଅଧିକାରୀମାନେ ପଙ୍ଗପାଳ କୁଆଡ଼େ ଯାଉଛନ୍ତି କୋଉଠୁ ଆସୁଛନ୍ତି ସେ ବିଷୟରେ ସର୍ଭେ ଓ ମନିଟରିଂ କରିବେ । ପ୍ରତି ଦିନ ଏ ସମ୍ପର୍କରେ ଖବର ମଧ ରଖିବା ପାଇଁ କୁହାଯାଇଛି । କୀଟନାଶକ ଔଷଧ ଏବଂ ସ୍ପ୍ରେୟାର ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି । ରାଜ୍ୟ ସରକାର ପଙ୍ଗପାଳକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଛନ୍ତି ବୋଲି କୃଷି ସଚିବ ଓ ନିର୍ଦ୍ଦେଶକ କହିଛନ୍ତି । ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କଳାହାଣ୍ଡି ଏବଂ ମାଲକାନଗିରି ଅଂଚଳକୁ ଆସିବାର ଅନୁମାନ କରାଯାଉଛି । ପଙ୍ଗପାଳ ବର୍ତମାନ ଛତିଶଗଡ଼ରେ ପହଂଚିଛନ୍ତି ।

# ପୋଖରୀରେ ବୁଡ଼ି ୪ ମୃତ: ମୃତକଙ୍କ ମଧ୍ୟରେ ଅଛନ୍ତି ତିନି ନାବାଳକ ଓ ଜଣେ ନାବାଳିକା

ଢେ଼ଙ୍କାନାଳ,୧।୬ (ନି.ପ୍ର): ଢେ଼ଙ୍କାନାଳ ସଦର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଅଂଚଳରେ ପୋଖରୀରେ ବୁଡ଼ି ୪ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ତିନି ନାବାଳକ ଓ ଜଣେ ନାବାଳିକା ରହିଛନ୍ତି । ଏମାନେ ସମ୍ପର୍କୀୟ ଭାଇ ଭଉଣୀ ହୋଇଥିବା ସୂଚନା ମିଳିଛି । ୪ ଜଣ ଯାକ ଆଜି ପୂର୍ବାହ୍ନରେ ଏକାଠି ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ବେଳେ ପାହାଚରୁ ଗୋଡ଼ ଖସି ଗଭୀର ପାଣି ମଧ୍ୟକୁ ଚାଲିଯିବାରୁ ଏମାନେ ବୁଡ଼ି ଯାଇଥିଲେ । ଗ୍ରାମବାସୀଙ୍କ ସହାୟତାରେ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର ପୂର୍ବକ ଢେ଼ଙ୍କାନାଳ ମେଡ଼ିକାଲରେ ଭର୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ଜୁଲାଇ ୩୧ ଯାଏଁ ସ୍କୁଲ ଓ କଲେଜ ବନ୍ଦ

ଭୁବନେଶ୍ୱର,୧।୬ (ନି.ପ୍ର): ଆସନ୍ତା ଜୁଲାଇ ୩୧ ତାରିଖ ଯାଏଁ ରାଜ୍ୟରେ କୌଣସି ସ୍କୁଲ୍, କଲେଜ ଓ କୋଚିଙ୍ଗ୍ ସେଂଟର୍ ଖୋଲିବ ନାହିଁ । ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ନିଷ୍ପତି ରାଜ୍ୟ ସରକାର । ସେହିପରି ଜୁନ୍ ୩୦ ଯାଏଁ କୌଣସି ସପିଙ୍ଗ୍ କମ୍ପ୍ଲେକ୍ସ ଖୋଲିପାରିବ ନାହିଁ । ଏଥିସହ ଜୁନ୍ ୩୦ ଯାଏଁ କେଣସି ସିନେମା ହଲ୍, ଜିମ୍ ଓ ସୁଇମିଙ୍ଗ୍ ପୁଲ୍ ମଧ ଖୋଲି ପାରିବ ନାହିଁ ।୩୦% ସାମର୍ଥ୍ୟ ନେଇ ହୋଟେଲ୍ ଖୋଲି ପାରିବ । ଗ୍ରାହକମାନେ ରେଷ୍ଟୋରାଁକୁ ଯାଇ ଭୋଜନ କରି ପାରିବେ ନାହିଁ । କେବଳ ହୋଟେଲରେ ରହୁଥିବା ଲୋକମାନଙ୍କ ପାଇଁ ରେଷ୍ଟୋରାଁ ଖୋଲିବ । ସୋମବାର ଠାରୁ ସମଗ୍ର ଦେଶରେ ଅନଲକ୍ ର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଥିବା ବେଳେ ରାଜ୍ୟରେ ପଜିଟିଭ୍ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟି ଦେଇ ଓଡ଼ିଶା ସରକାର ଜୁନ୍ ମାସ ▶▶ପୃଷ୍ଠା ୭

# ସୁସ୍ଥ ହେଲେ ୧୧୯ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୧।୬ (ନି.ପ୍ର): ଓଡ଼ିଶାରେ ଚିକିତ୍ସାଧୀନ ଥିବା ୧୧୯ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସୋମବାର ଦିନ ୧୨ ଟି ଜିଲ୍ଲାରୁ ସୁସ୍ଥ ହୋଇଥିବା ୧୧୯ ଜଣଙ୍କ ମଧ୍ୟରୁ ୬୦ ଜଣ ଯାଜପୁର, ୧୩ ଜଣ କଟକ, ୧୨ ଜଣ କେନ୍ଦ୍ରାପଡା, ୯ ଜଣ ଗଜପତି, ୬ ଜଣ ନୟାଗଡ଼, ୫ ଜଣ ସୁନ୍ଦରଗଡ଼, ବାଲେଶ୍ୱର, ପୁରୀ ଓ ଖୋର୍ଦ୍ଧାରେ ୩ ଜଣ ଲେଖାଏଁ , ଗଞ୍ଜାମ ଓ ବଲାଙ୍ଗୀରରେ ୨ ଜଣ ଲେଖାଏଁ ଓ ଜଣେ ସମ୍ବଲପୁରରୁ ରହିଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ୧୧୯ ଜଣଙ୍କୁ ମିଶାଇ ରାଜ୍ୟରେ ଏବେ ସମୁଦାୟ ▶▶ପୃଷ୍ଠା ୭

# ଭଦ୍ରକର ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭଦ୍ରକ, ୧/୬ (ହି.ସ.) - ଜିଲ୍ଲାରେ କାର୍ଯ୍ୟରତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଆଶାଲତା ମହାନ୍ତିଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ବିଦାୟକାଳୀନ ସଭାରେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ସିଡିପିଓ, ସୁପରଭାଇଜର ଏବଂ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ସାମାଜିକ ଦୂରତା ରକ୍ଷା କରି ଓ ମାସ୍କ ପିନ୍ଧି ଉପସ୍ଥିତ ରହିଥିଲେ । ଭଦ୍ରକ ଜିଲ୍ଲାରେ ଦୀର୍ଘ ୫ ବର୍ଷ ଧରି ଶ୍ରୀମତି ମହାନ୍ତି ସମାଜମଙ୍ଗଳ ଅଧିକାରିଣୀ ଭାବେ ସରକାରୀ ନିର୍ଦ୍ଦେଶାନୁସାରେ ନିଜର କର୍ତ୍ତବ୍ୟ ସଠିକ୍ ଭାବରେ ତୁଲାଇଛନ୍ତି ବୋଲି ଜିଲ୍ଲାପାଳ ଡ. ଦାସ କହିଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳବିଭାଗ ପକ୍ଷରୁ ଶ୍ରୀମତି ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଦାୟକାଳୀନ ସମ୍ବର୍ଦ୍ଧନାର ଉ ରରେ ଶ୍ରୀମତି ମହାନ୍ତି ୨୦୧୫ ମସିହା ଏପ୍ରିଲ ୧୫ ତାରିଖରେ ଭଦ୍ରକରେ ଯୋଗ ଦେଇ ଥିବା ବେଳେ ୨୦୨୦ ମେ ୩୧ରେ ଅବସର ନେଇଛନ୍ତି । ଭଦ୍ରକ ଜିଲ୍ଲାରେ ସୁଦୀର୍ଘ ୫ ବର୍ଷ କାର୍ଯ୍ୟ ସମୟରେ ଜିଲ୍ଲା ପ୍ରଶାସନ, ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନଙ୍କ ଠାରୁ ବହୁ ସମର୍ଥନ ତଙ୍କୁ ମଳିଛି ଯାହା କାର୍ଯ୍ୟ କରିବାକୁ ପ୍ରେରଣା ମିଳିବା ସହ ଏହା ସବୁଦିନ ସ୍ମୃତି ହୋଇ ରହିବ ବୋଲି କହିଥିଲେ ।

# ପଡିଶା ଘରର ନଡିଆ ଗଛ ପଡି ଭାଙ୍ଗିଲା ଘର ଛାତ

କେନ୍ଦ୍ରାପଡ଼ା,୧/୬ (ନି.ପ୍ର): ଆମ୍ଫାନ ବାତ୍ୟା ସମୟରେ ଜଣେ ଅସହାୟ ମହିଳାଙ୍କ ଘର ଉପରେ ନଡିଆ ଗଛ ପଡି ଛାତ ଭାଙ୍ଗି ଯାଇଥିବା ନେଇ ମହିଳା ଜଣକ ଜିଲ୍ଲାପାଳଙ୍କୁ ଅବିଯୋଗ କରିଛନ୍ତି । ଅଭିଯୋଗ ମୁତାବକ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଂଚାୟତ ଜଗନ୍ନାଥପୁର ଗ୍ରାମର ଗୋପାଳ ନାୟକଙ୍କ ସ୍ତ୍ରୀ ବୀଣାପାଣି ନାୟକ ସରକାରଙ୍କ ତରଫରୁ ଏକ ଇନ୍ଦିରାଆବାସ ପାଇ ଘର ତିଆରି କରିଥିଲେ । ତାଙ୍କ ଘର ନିକଟରେ ଥିବା ମଥୁରାନନ୍ଦ ପରିଡାଙ୍କର ନଡିଆ ଗଛ ଆମ୍ଫାନ ବାତ୍ୟା ସମୟରେ ତାଙ୍କ ଘର ଉପରେ ପଡିଯାଇ ଘର ଛାତର କେତେକ ଅଂଶ ଭାଂଗି ଯାଇଥିବା ନେଇ ସେ ଜିଲ୍ଲାପାଳ୍କୁ ଅଭିଯୋଗ କରିବା ସହିତ ଗଛ କାଟିବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିବା ଜଣା ପଡିଛି ।

# କ୍ୱାରେନଟାଇନ ଅବଧି ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ବିଧାୟକ

ନୂଆପଡା,୧/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ନୂଆପଡା ଜିଲ୍ଲାରେ କ୍ୱାରେନଟାଇନ ଅବଧି ବୃଦ୍ଧି ସକାଶେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି ଦାବୀ ଜଣାଇଛନ୍ତି । ଦାବୀରେ ନୂଆପଡା ଜିଲାରେ ଦିନକୁ ଦିନ କରୋନା ପୋଜିଟିଭଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହାର କ୍ୱାରେ ।ଇନ ଅବଧି ୭ ଦିନ ବଦଳରେ ୧୪ ଦିନ ରଖିବାକୁ ଅନୁରୋଧ କରିଛନ୍ତି । ନୂଆପଡା ଜିଲ୍ଲା ଏକ ଦାଦନ ପ୍ରବଣ ଜିଲ୍ଲା ହୋଇଥିବା ବେଳେ ଏଠାକାର ୭୦ ହଜାର ଶ୍ରମିକ ବାହାର ରାଜ୍ୟରେ ଦାଦନ ଖଟି ଯାଇଥିବା ନେଇ ସରକାରଙ୍କ ଶ୍ରମିକ ଆଗମନ ପଞ୍ଜିକରଣରେ ଜଣାପଡିଥିଲା । ବିଶେଷକରି ମହାରାଷ୍ଟ୍ରରୁ ଆସୁଥିବା ପ୍ରବାସୀ ଓଡିଆ ଦାଦନ ଶ୍ରମିକଙ୍କ ପୋଜିଟିଭ ସଂଖ୍ୟା ବଢିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି କ୍ୱାରେନଟାଇନ ଅବଧି ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି । ବର୍ତ୍ତମାନ କ୍ୱାରେନଟାଇନରେ ପ୍ରବାସୀ ଶ୍ରମିକ ମାନଙ୍କୁ ମାତ୍ର ୭ ଦିନ ରଖି ସେମାନଙ୍କୁ ଛାଡି ଦିଆଯାଇ ହୋମ କ୍ୱାରେନଟାଇନ ୭ ଦିନ ରହିବାକୁ ପରାମର୍ଶ ଦିଆଯାଉଛି । ହେଲେ ଶ୍ରମିକଙ୍କୁ ଛାଡି ଦେବା ପରେ ସେମାନଙ୍କ କରୋନା ପୋଜିଟିଭ ବାହାରୁଥିବାରୁ ବିଶେଷକରି ଗ୍ରାମାଂଚଳ ମାନଙ୍କରେ ଭୟର ବାତାବରଣ ସୃଷ୍ଟି ହେଉଛି । ଏହାକୁ ଦୃଷ୍ଟିରେ ରଖି କ୍ୱାରେନଟାଇନ କେନ୍ଦ୍ରରେ ୧୪ ଦିନ ରଖିବା ବ୍ୟବସ୍ଥା କରିବା ସହ ଶ୍ରମିକଙ୍କ ସ୍ୱାବ ପରୀକ୍ଷା ବାଧ୍ୟତା ମୂଳକ କରାଯିବାକୁ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ନୂଆପଡା ଜିଲ୍ଲାରେ ଶ୍ରମିକ ମାନଙ୍କ କରୋନା ଲକ୍ଷଣ ଦେଖାନଦେଲେ କ୍ୱାରେନଟାଇନ କେନ୍ଦ୍ରରୁ ସେମାନଙ୍କୁ ୭ ଦିନ ମଧ୍ୟରେ ଛାଡି ଦିଆଯାଉଥିଲେ ବେଳେ ସେମାନଙ୍କ କରୋନା ପୋଜିଟିଭ ବାହାରୁଥିବାର ଦେଖିବାକୁ ମିଳିଛି । ଯେଉଁ ବ୍ୟକ୍ତିଙ୍କୁ କ୍ୱାରେନଟାଇନ କେନ୍ଦ୍ରରୁ ଛାଡି ଦିଆଯାଉଛି ସେହି ବ୍ୟକ୍ତି ପରିବାର, ସମ୍ପର୍କୀୟ, ଗ୍ରାମବାସୀ, ବନ୍ଧୁବାନ୍ଧବଙ୍କ ସହ ମିଳାମିଶା କରୁଥିବାରୁ କରୋନା ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଥିବାର ପ୍ରଚାର ହେଉଥିବା ବେଳେ ବର୍ତ୍ତମାନ ଅଧିକାଂଶ ଗ୍ରାମରେ ଭୟର ବାତାବରଣ ଦେଖାଦେଇଛି ।

# ନିଜ ଖର୍ଚ୍ଚରେ କେନ୍ଦ୍ର ଚଳାଇଛନ୍ତି ଅଙ୍ଗନୱାଡି କର୍ମୀ : ଗୁହାରି କଲେ ମିଳୁଛି ଧମକ

କନ୍ଧମାଳ,୧/୬ (ନି.ପ୍ର): କନ୍ଧମାଳ ଜିଲାର କ.ନୂଆଗାଁ ବ୍ଲକ ଅନ୍ତର୍ଗତ କଞ୍ଚାମେଣ୍ଡି ଗ୍ରାମରେ ପ୍ରାୟ ୮ମାସ ହେଲା ଏକ ଭଡାଘରେ ଚାଲିଛି ସହି ଅଂଚଳର ଅଙ୍ଗନୱାଡି କେନ୍ଦ୍ର । ସେଠାରେ ପୂର୍ବରୁ ଥିବା କେନ୍ଦ୍ରର ପୁରୁଣା କେନ୍ଦ୍ରକୁ ଅସୁରକ୍ଷିତ ଥିବାରୁ ଭାଙ୍ଗି ଦିଆଯାଇଛି କିନ୍ତୁ ସେହିଟିକୁ ନୂତନ ଭାବରେ ନିର୍ମାଣ କରାଯାଇନାହିଁ । ଫଳରେ ସେହି କେନ୍ଦ୍ରର ପିଲାମାନେ ଭଡାଘରେ ଚାଲିଥିବା କେନ୍ଦ୍ରକୁ ଯାଉଛନ୍ତି । ସେଠାରେ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି । ସେଠାରେ ଥିବା କିଛି କେନ୍ଦ୍ରରେ କର୍ମୀମାନେ ନିଜ ଖର୍ଚ୍ଚରେ ଚଳାଇଛନ୍ତି କେନ୍ଦ୍ର । ଫଳରେ ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । କ.ନୂଆଗାଁ ବ୍ଲକ ଅଂଚଳରେ ରାଜଘରା,କଞ୍ଚାମେଣ୍ଡି ଓ ବାଲିଗାଡା ଗ୍ରାମପଂଚାୟତ ଭଳି ବିଭିନ୍ନ ଅଂଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକର ନିଜସ୍ୱ ଗୃହ ନଥିବା ସ୍ଥଳେ ସେହି କେନ୍ଦ୍ର ଗୁଡିକ ଯେନ ତେନ ପ୍ରକାରେଣ କେନ୍ଦ୍ରର କର୍ମୀମାନେ ଚଳାଇଥିବାରୁ । ଏ ସଂକ୍ରାନ୍ତରେ ସେହି ଅଂଚଳରେ ନିଜସ୍ୱ ଗୃହ ନଥିବା କେନ୍ଦ୍ର ଗୁଡିକର କର୍ମୀମାନେ ଯାଇ ବାରମ୍ବାର ସିଡିପିଓଙ୍କୁ ଭେଟିବାପରେ ମଧ୍ୟ ଏହାର କୌଣସି ସୁଫଳ ନମିଳିବାରୁ ଅଂଚଳର କଛି ସ୍ୱୟଂସହାୟୀକା ଗୋଷ୍ଠୀର ସଦସ୍ୟାମାନେ ଏକାଠି ହୋଇ କ.ନୂଆଗାଁ ବିଡିଓଙ୍କୁ ଏହି ସଂକ୍ରାନ୍ତରେ ଅଭିଯୋଗ କରିବାରୁ ବିଡିଓ ମନୋଜ କୁମାର ତ୍ରିପାଠୀଙ୍କୁ ଲିଖିତ ଭାବରେ ଅଙ୍ଗନୱାଡି କେନ୍ଦ ଗୁଡିକର ନିଜସ୍ୱ ଗୃହ ନିର୍ମାଣପାଇଁ ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଏଥିରେ ବିଡିଓ ସେମାନଙ୍କୁ ସେମାନଙ୍କର ଅସୁବିଧା ବାବଦରେ ଶୁଣିବା ବଦଳରେ ସେମାନଙ୍କୁ ପୋଲିସ ଡାକିବା ନେଇ ଧମକ ଦେବା ସହିତ ସେମାନଙ୍କୁ ଘଉଡାଇ ଦେଇଥିବା ନେଇ କହିଛନ୍ତି ସ୍ୱୟଂସହାୟୀକା ଗୋଷ୍ଠୀର ମହିଳାମାନେ । ତେବେ ସେହି ଅଂଚଳରେ ଥିବା ଅଙ୍ଗନୱାଡି କେନ୍ଦ ଗୁଡିକର କର୍ମୀମାନେ ବିଭିନ୍ନ ଅସୁବିଧାରେ ଥାଇ ମଧ୍ୟ ସେମାନଙ୍କ କେନ୍ଦ୍ର ଗୁଡିକୁ ବନ୍ଦ ହେବାକୁ ନଦେଇ କଷ୍ଟରେ ଚଳାଇଥିବାବେଳେ ବିଭାଗୀୟ ଉଚ୍ଚ ଅଧିକାରୀ ମାନେ ସେମାନଙ୍କର ସୁବିଧା ଅସୁବିଧା ବୁଝୁନାହାନ୍ତି ସେଥିପାଇଁ ଅଂଚଳରେ ବିଦ୍ଧୀଜୀବି ମହଲରେ ଅସନ୍ତୋଷ ଦେଖାଦେଇଛି ।

# ଏନଏଚ ୫୩ ରାସ୍ତା ସାରା ଖାଲ, ଟିକେ ହାଉଲେ ଚାଲ

ଭୁବନ,୧/୬ (ନି.ପ୍ର): ଭୁବନ ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥରେ ଏବେ ୪ ଥାକିଆ ରାସ୍ତା କାମ ଦୃତ ଗତିରେ ଚାଲିଥିବା ବେଳେ ପ୍ରବେଶପଥ ବାଉଁଶକଣ ଠାରୁ ଥାନା ଛକ ୫ କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏହି ରାସ୍ତାରେ ଆଣ୍ଠୁଏ ରୁ ଅଂଟେ ଲେଖାଏଁ ଖାଲ ସୃଷ୍ଟି ହୋଇଥିବା ବେଳେ ରାସ୍ତାରୁ ପିଚୁ ଉଠିଗଲାଣି । ବର୍ଷା ହେବାପରେ ଖାଲଖମାରେ ପାଣିଜମୁଛି , ଫଳରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି । ୪ ଟିକିଆ ରାସ୍ତାକାର୍ଯ୍ୟରେ ବ୍ୟବହୃତ ଭାରିଯାନ ସାଙ୍ଗକୁ ଶତାଧିକ କୋଇଲା ବୋଝେଇ ଟ୍ରକ ଚଳାଚଳ ଯୋଗୁ ରାସ୍ତା ଅବସ୍ଥା ଦିନକୁ ଦିନ ଖରାପ ହୋଇପଡୁଛି ଓ ଧୂଳିଧୂଆଁରେ ପଥଚାରୀ ଅତିଷ୍ଟ ହୋଇପଡୁଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣ/ ମରାମତି କରିବାକୁ ଦାବି ହୋଇଛି ।

# କେନ୍ଦ୍ରାପଡା ବ୍ଲକର କଂସାରା ଗାଁ କଂଟେନମେଂଟ ଜୋନ ଘୋଷିତ

କେନ୍ଦ୍ରାପଡା,୧/୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକର କଂସାରା ଗାଁକୁ କଂଟେନମେଂଟ ଜୋନ ରୂପେ ଘୋଷଣା କରା ଯାଇଥିବା କେନ୍ଦ୍ରାପଡା ଜିଲ୍ଲାପାଳ ସମର୍ଥ ବର୍ମା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଆଜି ଜିଲ୍ଲାରେ ୫୦ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏମାନେ ସମସ୍ତେ ପ୍ରବାସୀ ଶ୍ରମିକ ଓ ଏମାନେ ସମସ୍ତେ ବିଭିନ୍ନ କ୍ୱାରେଂଟାଇନ କେନ୍ଦ୍ରରେ ଥିଲେ । ଏମାନଙ୍କ ମଧ୍ୟରୁ ୩୬ ଜଣ ସୁରତ ଫେରନ୍ତା ହୋଇଥିବା ବେଳେ ୮ଜଣ ମୁମ୍ବାଇରୁ ଫେରିଥିଲେ । ୩ ଜଣ ଦିଲ୍ଲୀରୁ ଫେରିଥିବା ବେଳେ୍ ଜଣେ ଜଣେ ଆନ୍ଧ୍ର ପ୍ରଦେଶ. ତାମିଲନାଡୁ ଓ ଉତର ପ୍ରଦେଶରୁ ଫେରିଥିଲେ । ଏମାନଙ୍କ ମଧ୍ୟରୁ ଜଣଙ୍କର ସାତ ଦିନର କ୍ୱାରେଂଟାଇନ ଶେଷ ହେବା ପରେ କୌଣସି ଲକ୍ଷଣ ନ ଥିବା କାରଣରୁ ତାଙ୍କୁ ଘରକୁ ଛାଡି ଦିଆ ଯାଇଥିଲା । ସେଠାରେ ସେ ବୁଲାବୁଲି କରିଥିବାର ଅଭିଯୋଗ ଆସିଛି । ତେବେ ଲକ୍ଷଣ ନ ଥିବା କାରଣରୁ ସଂକ୍ରମଣ ସମ୍ଭାବନା ଖୁବ କମ । ଏହା ସତ୍ୱେ ଉକ୍ତ ଅଂଚଳକୁ କଂଟେନମେଂଟ ଜୋନ ଭାବେ ଘୋଷଣା କରା ଯାଇଥିବା ସେ କହିଛନ୍ତି ।

# ପାଇଖାନା ଟାଙ୍କି ସେଟରିଂଗ ଖୋଲିଲା ବେଳେ ଶ୍ୱାସରୁଦ୍ଧ ହୋଇ ମିସ୍ତ୍ରୀ ମୃତ ୨ ଅଚେତ

କେନ୍ଦ୍ରାପଡ଼ା,୧/୬ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳରେ ସୋମବାର ଏକ ଅଭାବନୀୟ ଘଟଣା ଘଟି ଶ୍ୱାସରୁଦ୍ଧ ଅବସ୍ଥାରେ ଜଣେ ମୃତ ଓ ଅନ୍ୟ ୨ ଜଣ ଶ୍ରମିକ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସା ହେଉଥିବା ଜଣା ପଡିଛି । ସୋମବାର ଦିନ ପ୍ରାୟ ୧୧ଟା ସମୟରେ ସହର ର ବାଇପାସ ରୋଡ ଭାସ୍କର ଟକିଜ ନିକଟରେ ଏକ ନିର୍ମାଣଧିନ ପାଇଖାନା ଟାଙ୍କିରେ ଘଟିଥିବା ଜଣା ପଡିଛି । ସୂଚନା ମୁତାବକ ସହର ର ଆମ୍ବବାଡି ଗ୍ରାମର ୧୪ନଂ ୱାର୍ଡର ମିର୍ ସକୁରୁଦ୍ଦିନଙ୍କ ଏକ ପଡାଇଖାନା ଟାଙ୍କି ତିଆରି କରା ଯାଉଥିବା ବେଳେ କରୋନା କଟକଣା ପାଇଁ ୨ ମାସ ହେବ ବନ୍ଦ ରହିଥିଲା । ଟାଙ୍କିର ଢଳେଇ ସେଟରିଂଗ ଖୋଲିବା ପାଇଁ ଆମ୍ବବାଡି ଗ୍ରାମର ରାଜମିସ୍ତ୍ରୀ ସେକ ମୁନା ଓ ପୋଷ୍ଟ ଅଫିସ ଲେନ ର ସେକ ୱାସିମ ରୁଦ୍ଦିନ ଓ କଜଳା ଗ୍ରାମର ଟୁକୁ ବାସକେ ପ୍ରମୁଖ ୩ଜଣ ଶ୍ରମିକ ଟାଙ୍କି ଭିତରେ ପସି ସେଟରିଂଗ ଖୋଲିବା ସମୟରେ ଶ୍ୱାସରୁଦ୍ଧ ହୋଇ ଯାଇଥିଲେ । ତେବେ ୩ଜଣଙ୍କୁ ଅଗ୍ନିଶମ ବିଭାଗ ଗୁରୁତର ଅବସ୍ଥାରେ ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ । ସେଠାରେ ଡ଼ଃ ସେକ ମୁନାଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ୨ଜଣ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣା ପଡିଛି ।

# ବିଶ୍ୱ ଦୁଗ୍ଧ ଦିବସରେ ଦାବୀ : ଦୁଗ୍ଧଚାଷୀଙ୍କୁ କ୍ଷତିପୂରଣ ପ୍ୟାକେଜ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ଭୁବନେଶ୍ୱର,୧/୬ (ନି.ପ୍ର): 'ବିଶ୍ୱ ଦୁଗ୍ଧ ଦିବସ' ଜୁନ୍ ପହିଲାରେ କରୋନା ସଂକ୍ରମଣ କ୍ଷତିଗ୍ରସ୍ତ ଦୁଗ୍ଧଚାଷୀଙ୍କୁ କ୍ଷତିପୂରଣ ଦେବା ଓ ଗୋ-ଖାଦ୍ୟ ଦରକୁ ନିୟନ୍ତ୍ରିତ କରିବାକୁ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଦାବି କରିଛି । ମହାସଂଘର ଅଧ୍ୟକ୍ଷ ରବି ବେହେରାଙ୍କ ସମେତ ଉପାଧ୍ୟକ୍ଷ ଦୁଃଶାସନ ମହାପାତ୍ର, ସମ୍ପାଦକ ନାରାୟଣ ଡାଲୁଆ ପ୍ରମୁଖଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଖିତ ଏକ ପତ୍ରରେ ଦର୍ଶାଯାଇଛି ଯେ 'ଲକ୍ ଡାଉନ୍' ସମୟରେ କୃଷିମନ୍ତ୍ରୀ ଡଃ ଅରୁଣ ସାହୁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ ଯେ କୌଣସି ଚାଷୀ କ୍ଷତିଗ୍ରସ୍ତ ହେବେନାହିଁ । ଚାଷୀଙ୍କର ସମସ୍ତ ଦୁଗ୍ଧ ଓମ୍ଫେଡ୍ କିଣିବ । କିନ୍ତୁ ଓମ୍ଫେଡ୍ ଚାଷୀଙ୍କ ଜୀବନ ଜୀବିକା ସହିତ ଲୁଚକାଳି ଖେଳୁଛି । ଦିନେ କ୍ଷୀର ନେଲେ ଦୁଇଦିନ ବନ୍ଦ ରଖୁଛି । ଏହି ସମୟକୁ ଚାଷୀଙ୍କ ଦାଉ ସାଧୁଛନ୍ତି ଅସାଧୁ ବ୍ୟବସାୟୀ, 'ଲକ୍‌ଡାଉନ୍'ର ସୁଯୋଗ ନେଇ ସେମାନେ ଚୁନି, ଚୋକଡ, ପିଡ଼ିଆ ପ୍ରଭୃତି ଗୋ-ଖାଦ୍ୟର ଅହେତୁକ ମୂଲ୍ୟବୃଦ୍ଧି କରିଚାଲିଛନ୍ତି । ଗୋଟିଏ ଦିଗରେ ଓମ୍ଫେଡ୍ ଓ ଅନ୍ୟାନ୍ୟ ଡାଏରୀ ଫାର୍ମଗୁଡ଼ିକର ଚାଷୀଙ୍କ କ୍ଷୀର ନ କିଣିବା ଓ ଅନ୍ୟ ଦିଗରେ ଗୋ-ଖାଦ୍ୟ ଦରବୃଦ୍ଧି ଯୋଗୁଁ ରାଜ୍ୟର ୬ଲକ୍ଷ ଦୁଗ୍ଧ ଚାଷୀଙ୍କର ଜୀବିକା ବୁଡ଼ିଯିବାକୁ ବସିଛି । ଦୋକାନ, ବଜାର, ହୋଟେଲ୍, ଗ୍ଣ, ଜଳଖିଆ ଦୋକାନ ବନ୍ଦ ଯୋଗୁଁ କ୍ଷୀର ଆଦୌ ବିକ୍ରି ହୋଇପାରୁନାହିଁ କିମ୍ବା ଛେନା, ପନିର, ଦହି ଇତ୍ୟାଦିର ଆଦୌ ଚାହିଦା ନାହିଁ । କଟକ, ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର ଭଳି ସହରରେ ଯେଉଁମାନେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ବିକ୍ରି କରି ଚଳୁଥିଲେ, ସେମାନେ ଆଜି ଭୋକ ଉପାସରେ । ତାଙ୍କ ଗାଇଗୋରୁ ମଧ ଦାନା ଖାଇବାକୁ ପାଉନାହାନ୍ତି । ସରକାର ସହରର ଉଠାଦୋକାନୀଙ୍କ ପାଇଁ ଯେଉଁ କ୍ଷତିପୂରଣ ପ୍ୟାକେଜ୍ ୩ ହଜାର ଟଙ୍କା ଘୋଷଣା କରିଛନ୍ତି ତାହା ମଧ ସେମାନେ ପାଇବାକୁ ସକ୍ଷମ ନୁହଁନ୍ତି । କାରଣ ଛେନା, ପନିର, ଛେନାପୋଡ ବିକୁଥିବା ବ୍ୟବସାୟୀମାନଙ୍କର 'ଟ୍ରେଡିଂ ଲାଇସେନ୍ସ' ନାହିଁ । ତେଣୁ ରାଜ୍ୟର କ୍ଷତି ଦୁଗ୍ଧଚାଷୀ ବିଶେଷତଃ ଗ୍ରାମା ଳର ଅର୍ଦ୍ଧଶିକ୍ଷିତ ଯୁବକ ଓ ମହିଳାମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର ମାସିକ ୫ ହଜାର ଟଙ୍କା ଲେଖାଏଁ କ୍ଷତିପୂରଣ ଦେବା ଓ ଗୋ-ଖାଦ୍ୟ ମୂଲ୍ୟ ନିୟନ୍ତ୍ରିତ କରିବାକୁ 'ମହାସଂଘ' ଏହି ପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଓଡ଼ିଶାର ଅର୍ଦ୍ଧଶିକ୍ଷିତ ମହିଳା ଓ ବେକାର ଯୁବକ ଯୁବତୀଙ୍କର ଜୀବନ ଜୀବିକା କ୍ଷେତ୍ରରେ ଦୁଗ୍ଧ ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଦିନକୁ ହାରାହାରି ୬୩ ଲକ୍ଷ ଲିଟର କ୍ଷୀର ଉତ୍ପାଦନ ହେଉଥିଲା ବେଳେ ଦୀର୍ଘ ଦୁଇ ମାସ ଧରି ଲକଡାଉନ୍ ଯୋଗୁଁ ଏହି ଶ୍ରେଣୀର ଚାଷୀମାନେ ନିଜର ଜୀବନ ଜୀବିକା ହରାଇଛନ୍ତି । ତେଣୁ ରାଜ୍ୟର ଗ୍ରାମାଂଚଳ ଅର୍ଥନୀତିକୁ ଚଳଚଂଚଳ କରିବା ପାଇଁ ଓ ଗ୍ରାମାଂଚଳ ମହିଳାମାନଙ୍କର ଜୀବିକାର ସୁରକ୍ଷା ପାଇଁ ତୁରନ୍ତ ରାଜ୍ୟ ସରକାର ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଏକ କ୍ଷତିପୂରଣ ପ୍ୟାକେଜ୍ ଘୋଷଣା କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି ।

# ଟୁକଲା ,ଦାବରୀ ଓ ମାଣ୍ଡୋସିଲ ପଂଚାୟତ ସଟ୍‌ଡାଉନ

ନୂଆପଡା,୧/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ ଟୁକଲା, ଦାବରୀ ଏବଂ ମାଣ୍ଡୋସିଲ ପଂଚାୟତକୁ ସେହି ପଂଚାୟତର ସରପଂଚ ମାନେ ଜିଲ୍ଲାପାଳ କ୍ଷମତା ପ୍ରୟୋଗ କରି ସଟ୍‌ଡାଉନ ଘୋଷଣା କରିଛନ୍ତି । ବ୍ଲକର ଟୁକଲା ସରପଂଚ ପଂଚାୟତକୁ ପୁଣି ଦ୍ୱିତୀୟ ଥର ସକାଶେ ସଟ୍‌ଡାଉନ ଘୋଷଣା କରିଛନ୍ତି । ଟୁକଲାରୁ ୨ ଜଣ ପ୍ରବାସୀ ଶ୍ରମିକଙ୍କ କରୋନା ଲକ୍ଷଣ ଥିବା ନେଇ ରିପୋର୍ଟ ଆସିବା ପରେ ଗତକାଲି ରାତ୍ରରେ ଚିକିତ୍ସା ସକାଶେ ଏହି ୨ ଜଣଙ୍କୁ କୋଭିଡ ଡାକ୍ତରଖାନା ନିଆଯାଇଥିବା କାରଣରୁ ପଂଚାୟତକୁ ସଟ୍‌ଡାଉନ ଘୋଷଣା କରିଥିବା ନେଇ ସରପଂଚ ଭଗତରାମ ମେହେର ସୂଚନା ଦେଇଛନ୍ତି । ଟୁକଲା ଗ୍ରାମର ଜଣେ ମୁମ୍ବାଇ ଫେରନ୍ତା ଯୁବକ ନେହେନା ଅସ୍ଥାୟୀ ସ୍ୱା ସ୍ଥ୍ୟ କେନ୍ଦ୍ରରେ କ୍ୱାରେନଟାଇନରେ ଥିଲେ । ହେଲେ ତାଙ୍କର ରିପୋର୍ଟ ଆସିବା ପୂର୍ବରୁ ଗତ ୨୭ ତାରିଖରେ ଉକ୍ତ ଯୁବକଙ୍କୁ ଛାଡି ଦିଆଯାଇଥିଲା । ସେ ଟୁକଲା ଗ୍ରାମକୁ ଆସି ହୋମ କ୍ୱାରେନଟାଇନରେ ଥିଲେ । ହେଲେ ତାଙ୍କର ରିପୋର୍ଟ ପୋଜିଟିଭ ଆସିଥିବାରୁ ରବିବାର ରାତ୍ରରେ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଛି । ସେହିପରି ଟୁକଲା ଗ୍ରାମର ଅନ୍ୟ ଜଣେ ଶ୍ରମିକ ଦାବରୀ କ୍ୱାରେ ।ଇନରେ ଥିବା ବେଳେ ତାଙ୍କର ପୋଜିଟିଭ ଆସିଥିବା ସୂଚନା ମିଳିଛି । ଏନେଇ ସରପଂଚ ୪୮ ଘଂଟିଆ ଟୁକଲା ପଂଚାୟତ ସଟ୍‌ଡାଉନ ଘୋଷଣା କରିଛନ୍ତି । ସୋମବାର ସକାଳ ୬ ଘଂଟାରୁ ବୁଧବାର ସକାଳ ୬ ଘଂଟା ପର୍ଯ୍ୟନ୍ତ ଏହି ସଟ୍‌ଡାଉନ ଘୋଷଣା କରାଯାଇଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ତଥା ଦୋକାନକୁ ଛାଡି ଅନ୍ୟ ସବୁ ବନ୍ଦ ରହିବ ବୋଲି ସରପଂଚ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ସରପଂଚ ଗତ ମଇ ମାସ ୧୨ ତାରିଖ ଦିନ ପ୍ରବାସୀ ଶ୍ରମିକଙ୍କ ଆଗମନକୁ ଦୃଷ୍ଟିରେ ରଖି ୨୪ ଘଂଟିଆ ଟୁକଲା ପଂଚାୟତ ସଟ୍‌ଡାଉନ ଘୋଷଣା କରିଥିଲେ । ସେହିପରି ଦାବରୀ ସ୍ଥିତ କ୍ୱାରେ ।ଇନ କେନ୍ଦ୍ରରେ ୭ ଜଣଙ୍କ କରୋନା ପୋଜିଟିଭ ରିପୋର୍ଟ ଆସିବା ପରେ ଦାବରୀ ସରପଂଚ ନରେନ୍ଦ୍ର କୁମାର ହେର୍ଣ୍ଣା ୪୮ ଘଂଟିଆ ଦାବରୀ ପଂଚାୟତ ସଟ୍‌ଡାଉନ ଘୋଷଣା କରିଛନ୍ତି । ଦାବରୀ ପଂଚାୟତର ୬ ଖଣ୍ଡ ଗ୍ରାମରେ ସୋମବାର ସକାଳ ୭ ଘଂଟାରୁ ବୁଧବାର ସକାଳ ୭ ଘଂଟା ପର୍ଯ୍ୟନ୍ତ ଏହି ସଟ୍‌ଡାଉନ ଲାଗୁ ହୋଇଥିବା ବେଳେ ଅତି ଅତ୍ୟାବଶ୍ୟକ ଦୋକାନକୁ ଛାଡି ଅନ୍ୟ ଦୋକାନ, ବଜାର ବନ୍ଦ ରହିବ ବୋଲି ନିର୍ଦ୍ଦେଶାନାମା ଜାରୀ କରିଛନ୍ତି । ଏହାସହ ପଂଚାୟତବାସୀ ନିଜ ନିଜ ଘରେ ରହିବେ ଏବଂ ବାହାର ପଂଚାୟତର ଲୋକଙ୍କୁ ଏଠାକୁ ଆସିବାକୁ ବାରଣ କରାଯାଇଛି । ଠିକ ସେହିପରି ବ୍ଲକର ମାଣ୍ଡୋସିଲ ପଂଚାୟତକୁ ମଧ୍ୟ ସରପ ରାଧେଶ୍ୟାମ ରଣା ୭୨ ଘଂଟିଆ ମାଣ୍ଡୋସିଲ ପଂଚାୟତ ସଟ୍‌ଡାଉନ ଘୋଷଣା କରିଛନ୍ତି । ଏହି ସଟ୍‌ଡାଉନ ସୋମବାର ସକାଳ ୭ ଘଂଟାରୁ ଗୁରୁବାର ସକାଳ ୭ ଘଂଟା ପର୍ଯ୍ୟନ୍ତ ଲାଗୁ ରହିବ । ଏଥିରେ ଅତି ଅତ୍ୟାବଶ୍ୟକ ସେବାକୁ ଛାଡି ଅନ୍ୟ ସବୁ ବନ୍ଦ ରହିବ ଏବଂ ଲୋକେ ନିଜ ନିଜ ଘରେ ସଟ୍‌ଡାଉନ ଘୋଷଣାକୁ ମାନି ରହିବେ ବୋଲି ନିର୍ଦ୍ଦେଶ ରହିଛି ।

# ଏସପି କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

କୋରେଇ,୧/୬ (ନି.ପ୍ର): ପାଣିକୋଇଲିସ୍ଥିତ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର କାର୍ଯ୍ୟରତ ୪ ଜଣ ଅଧିକାରୀ କର୍ମଚାରୀଙ୍କ ଅବସର ଗତ ୩୧ ତାରିଖ ହୋଇଥିଲା । ୧୯୮୪ ବ୍ୟାଚର ଏସଆଇ ମନମୋହନ ରାଉତ, ୧୯୭୯ ବ୍ୟାଚର ଡିଏସଆଇ ଅକ୍ଷୟ କୁମାର ପଟ୍ଟନାୟକ, ୧୯୮୩ ବ୍ୟାଚର ହାବିଲଦାର ଅକ୍ଷୟ କୁମାର ପତି, ୧୯୮୩ ବ୍ୟାଚର କନେଷ୍ଟବଳ ମାଧବ ଚନ୍ଦ୍ର ମୁଦୁଲିଙ୍କ ଅବସର ହୋଇଥିଲା । ଆଜି ଏସପି ଚରଣ ସିଂହ ମୀନାଙ୍କ ଉପସ୍ଥିତିରେ କାର୍ଯ୍ୟାଳୟରେ ସେମାନଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅତିରିକ୍ତ ଏସପି ଜୟୀରାମ ଶତପଥି, ରିଜର୍ଭ ଇନସପେକ୍ଟର କାହ୍ନୁ ଚରଣ ମାରାଣ୍ଡି, ଡିଏସପି ପ୍ରଫୁଲ୍ଲ ମିଶ୍ର, ଷ୍ଟେନୋ ମନୋରଂଜନ ସାମଲ, ଏସଆଇ ରମେଶ ସାହାଣୀ, ସସ୍ମିତା ସାହୁ, କହର ଆବେଦିନ, କନେଷ୍ଟବଳ ହାବିଲଦାର ସଂଘ ସଭାପତି ତାରାକାନ୍ତ ବିଶ୍ୱାଳ, ରଂଜନ ବେହେରା, ଦେବାଶିଷ ମହାପାତ୍ର, ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# କମଳାକାନ୍ତ ମିଶ୍ର ଫାଉଣ୍ଡେସନ ପକ୍ଷରୁ ଏସପି ଅଫିସ ସାନିଟାଇଜ

କୋରେଇ,୧/୬ (ନି.ପ୍ର): ଯାଜପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ କମଳାକାନ୍ତ ମିଶ୍ର ଫାଉଣ୍ଡେସନ ପକ୍ଷରୁ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ସାନିଟାଇଜ କରାଯାଇଛି । ଲକ ଡାଉନ ଅବଧିରୁ ମାସ୍କ ବଂଟନ, ଶୁଖିଲା ଖାଦ୍ୟ ବଂଟନ ଆଦି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଏବେ ସମସ୍ତ ସରକାରୀ କାର୍ଯ୍ୟାଳୟ ଯଥା ବ୍ଲକ୍, ପୋଷ୍ଟ ଅଫିସ, ବ୍ୟାଙ୍କ ମାନଙ୍କୁ ସାନିଟାଇଜ କରିବାକୁ ଅନୁଷ୍ଠାନ ନିଷ୍ପତି କରିଛି । ଏହି ପରିପ୍ରେକ୍ଷୀରେ ଆଜି ଅନୁଷ୍ଠାନର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ସାନିଟାଇଜ କାର୍ଯ୍ୟ ଚାଲୁ ରହିଛି ।

# ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କୁ ସିପିଆଇଏମ୍ ପକ୍ଷରୁ ଶୁଖିଲା ଖାଦ୍ୟ ବଣ୍ଟନ

ଭଦ୍ରକ, ୧/୬ (ହି.ସ.) - ସୁଦୂର ତାମିଲନାଡୁ ରାଜ୍ୟରୁ ୫୩ ଜଣ ପ୍ରବାସୀ ଶ୍ରମିକ ମାନଙ୍କୁ ନେଇ ବରଗଡକୁ ଫେରୁଥିବା ଏକ ବସ୍ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ରାଜରାସ୍ତାରେ ଅଟକି ରହିଥିଲା । ସିପିଆଇଏମ୍ ଭଦ୍ରକ ଜିଲା କମିଟି ପକ୍ଷରୁ ଜିଲା ସଂପାଦକ ମଣ୍ଡଳୀ ସଭ୍ୟ ଚନ୍ଦ୍ରଶେଖର ନାୟକ, ଜିଲା କମିଟି ସଦସ୍ୟ ବିକାଶ ନାଥ, ଅଭିରାମ ବଳ, ଛାତ୍ର ନେତା ବିକ୍ରମ ନାୟକ, ଶ୍ରମିକ ନେତାହ ସେକ୍ କମର, ରିକ୍ସା ଚାଳକ ସଂଘର ନେତା ସେକ୍ ରହେମାନ, ଯୁବନେତା କାଲୁ ଖାନ ପ୍ରମୁଖ ସେମାନଙ୍କୁ ଶୁଖିଲା ଖାଦ୍ୟ ଯଥା ପାଉଁରୁଟି, ବିସ୍କୁଟ ଓ ପାଣି ବୋତଲ ଆଦି ବ ନ କରିଥିଲେ । ପ୍ରବାସୀ ଶ୍ରମିକମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ । ଶ୍ରମିକମାନେ ୨ ଦିନ ଧରି କୌଣସି ଖାଦ୍ୟ ପାଇନଥିବାର ଖବର ଅତି ଦୁଃଖର ସହ କହିଥିବା ସିପିଆଇଏମ୍ ନେତୃବୃନ୍ଦ ପ୍ରକାଶ କରିଛନ୍ତି । କିଛି ସମୟ ପରେ ବସ୍‌ଟି ବରଗଡ ଅଭିମୁଖେ ଯାତ୍ରା କରିଥିବାର ସୂଚନା ମିଳିଛି ।

# ପାଣିଟାଙ୍କିରୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଭଦ୍ରକ, ୧/୬ (ହି.ସ.) - ପାଣିଟାଙ୍କି ଉପରେ ଚଢି ଜଣେ ଯୁବକ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ମାତ୍ର ଦମକଳ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିବାରୁ ତାଙ୍କ ଜୀବନ ରକ୍ଷା ହୋଇଯାଇଥିଲା । ଏମିତି ଅଭାବନୀୟ ଘଟଣା ଭଦ୍ରକ ଜିଲା ନାୟକାଣୀଡିହି ଥାନା ଅନ୍ତର୍ଗତ ବାଲିମେଦ ପଂଚାୟତ କାଳିଦାସପୁର ଗ୍ରାମରେ ଦେଖିବାକୁ ମିଳିଥିଲା । ତେବେ ସଂପୃକ୍ତ ଯୁବକ ଜଣକ ହେଉଛନ୍ତି ସୋର ଥାନା ଅନ୍ତର୍ଗତ କାନ୍ଥିଗଡିଆ ଗ୍ରାମର ଶିବ ମଳିକ (୪୪) । ତେବେ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବା ଶିବଙ୍କୁ ମାଲିକ ଘରକୁ ଛାଡିନଥିବାରୁ ଏମିତି ନିଷ୍ପି ନେଇଥିବା ସେ ଅଭିଯୋଗ କରିଥିଲେ । ତାଙ୍କ କହିବା ଅନୁସାରେ ସକାଳ ୭ଟା ବେଳେ ଗାଁର ଥିବା ଗୋଟିଏ ୧୨୦ ଫୁଟ୍ ବିଶିଷ୍ଟ ପାଣିଟାଙ୍କି ଉପରକୁ ଶିବ ଚଢି ଯାଇଥିଲେ । ତାଙ୍କୁ ଦେଖି ଗ୍ରାମବାସୀମାନେ ଡାକ ପକାଇଥିଲେ । ମାତ୍ର ଶିବ ଆଉ ତଳକୁ ଓହ୍ଲାଇବ ନାହିଁ, ତଳକୁ ଡେଇଁ ଆତ୍ମହତ୍ୟା କରିବ ବୋଲି ରୋକଠୋକ୍ ଭାବେ କହିଥିଲେ । ଖବରପାଇ ନାୟକାଣୀଡିହି ଥାନାର ଅଧିକାରୀ ଉମାଶଙ୍କର ନାୟକ ଘଟଣାସ୍ଥଳରେ ପହଞ୍ଚି ଶିବଙ୍କୁ ଓହ୍ଲାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ପରେ ବାସୁଦେବପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଶିବଙ୍କୁ ଓହ୍ଲାଇବାକୁ ଉଦ୍ୟମ ଆରମ୍ଭ କରିଥିଲେ । ମାତ୍ର ସେ ବାଡି ଗୋଡାଇଥିଲେ । କିନ୍ତୁ ଦମକଳ ବାହିନୀମାନେ ତାଙ୍କୁ ପାଣି ବିସ୍କୁଟ ଦେଇ ବୁଝାସୁଝା କରିଥିଲେ । ଦୀର୍ଘ ସମୟ କସରତ ପରେ ଶିବଙ୍କୁ ଓହ୍ଲାଇବାରେ ଦମକଳ ବାହିନୀମାନେ ସଫଳ ହୋଇଥିଲେ । ପରେ ଦମକଳ ବାହିନୀମାନେ ଶିବଙ୍କୁ ନେଇ ତାଙ୍କ ଘରେ ଛାଡି ଦେଇ ଆସିଥିବା ଜଣାପଡିଛି । ସୂଚନାଯୋଗ୍ୟ ଦୀର୍ଘଦିନ ଧରି କାଳିଦାସପୁର ଅଂଚଳରେ ରହି ଶିବ ଟ୍ରାକ୍ଟର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ । ଲକଡାଉନ୍ ବେଳେ ସେ ଘରକୁ ଯାଇଥିଲେ । ମାତ୍ର ୩ ଦିନ ରହିବା ପରେ ସେ ପୁଣି କର୍ମକ୍ଷେତ୍ରକୁ ଫେରିଥିଲେ । ଏତିକିବେଳେ ଟ୍ରାକ୍ଟର ମାଲିକଙ୍କ ସମେତ ଗ୍ରାମବାସୀମାନେ ଶିବଙ୍କୁ କରୋନା ହୋଇଥିବା କହି ବୁଲିଥିଲେ । ପରେ ଘରକୁ ଯିବାକୁ ବାହାରିବାରୁ ତାଙ୍କୁ ଆଉ ମାଲିକ ଛାଡିନଥିଲେ । ମାନସିକ ଆଘାତ ପାଇ ଏମିତି ନିଷ୍ପି ନେଇଥିବାକୁ ସେ ବାଧ ହୋଇଥିଲେ ବୋଲି ଶିବ କହିଥିଲେ ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ଶୁଣିଲାନି : ରାସ୍ତା ମରାମତି କଲେ ଗ୍ରାମବାସୀ

ଭଦ୍ରକ, ୧/୬ (ହି.ସ.) - ସହରା ଳ ତଥା ଗ୍ରାମା ଳରେ ବସବାସ କରୁଥିବା ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଗମନାଗମନ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦେଉନାହାଁନ୍ତି ବିଭାଗୀୟ ଅଧିକାରୀ ଓ ନିର୍ବାଚିତ ଲୋକ ପ୍ରତିନିଧି। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରୁ ଆସ୍ଥା ହରାଇ ଚରମ୍ପା ପଂଚାୟତ ଝାଟିଆ ଜାନୁଗଞ୍ଜ ସାହିର ଯୁବଗୋଷ୍ଠୀ ନିଜ ରାସ୍ତାକୁ ମରାମତି ଆରମ୍ଭ କରିଛନ୍ତି। ସୂଚନା ଅନୁସାରେ ଚରମ୍ପା-ଡୁଙ୍ଗୁରା ୧୨ କିଲୋମିଟର ରାସ୍ତା ଗତ ଫନି ବାତ୍ୟା ବେଳେ କ୍ଷତିଗ୍ରସ୍ତ ହୋଇଥିଲା। ବିଶେଷକରି ଝାଟିଆ ଜାନୁଗଞ୍ଜ ସାହିଠାରୁ କେନାଲ ରୋଡ୍ ପର୍ଯ୍ୟନ୍ତ ୫ କିମିରୁ ଏହି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ବଡବଡ ଗର୍ତ୍ତ ସୃଷ୍ଟି ହୋଇ ରାସ୍ତାକୁ ବିପଦପୂର୍ଣ୍ଣ କରିପକାଇଛି। ଏହି ରାସ୍ତା ଉପରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଉକ୍ତ ରାସ୍ତାର ଶୋଚନୀୟ ଅବସ୍ଥା ପାଇଁ ପଥଚାରୀ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ମଧ୍ୟ ଯିବାରେ ବାଧା ସୃଷ୍ଟି ହୋଇଛି। ଫଳରେ ଗୁରୁତର ଅସୁସ୍ଥ ରୋଗୀଙ୍କୁ ମେଡିକାଲ ନେବା କଷ୍ଟକର ହୋଇପଡୁଛି। ବର୍ଷାଦିନରେ ଏହାର ଅବସ୍ଥା ଯାତାୟତ ଅନୁପଯୋଗୀ ହୋଇପଡୁଛି। ଏ ସଂପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ତେଣୁ ବାଧ ହୋଇ ଝାଟିଆ ଜାନୁଗଞ୍ଜ ସାହିର ଯୁବଗୋଷ୍ଠୀ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ନିଜ ହାତରୁ ଖର୍ଚ୍ଚ କରି ଆରମ୍ଭ କରିଛନ୍ତି। ରାସ୍ତାର ପୁନରୁଦ୍ଧାର ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ବିଧାୟକଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ତେବେ ଫନି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଉକ୍ତ ରାସ୍ତାର ମରାମତି ତଥା ପୁନରୁଦ୍ଧାର ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ଓ ଜୁନ୍ ମାସ ୩୦ ତାରିଖ ସୁଦ୍ଧା କାର୍ଯ୍ୟ ସରିବ ବୋଲି କହିଛନ୍ତି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ।

# ଗୋଟିଏ ଭଙ୍ଗା ନଳକୂପ ଯୋଗାଉଛି ୫୦ ପରିବାର କୁ ପାନୀୟ ଜଳ

କେନ୍ଦ୍ରାପଡ଼ା,୧/୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଘାଗରା ପଂଚାୟତ ର ପ୍ରାୟ ୫୦ ପରିବାରଙ୍କ ପାଇଁ ଗୋଟିଏ ଅଚଳ ନଳକୂପ ଥିବା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ନୂତନ ନଳକୂପ ବସାଇବା ପାଇଁ ଦାବି କରିଛନ୍ତି । ଦାବି ମୁତାବକ ଦୀର୍ଘ ବର୍ଷ ହେଲା ଘାଗରା ଗ୍ରାମର ୱାର୍ଡ ନଂ-୧୧ ରେ ଥିବା ବାସିନ୍ଦା ମାନଙ୍କ ପାଇଁ ଗୋଟିଏ ନଳକୂପ ଅଛି। ଏହି ନଳକୂପ ଉପରେ ଗ୍ରାମର ୫୦ ପରିବାର ନିର୍ଭର କରି ଚଳୁଛନ୍ତି । ପାଣି ନେବା ପାଇଁ ଲମ୍ବା ଧାଡିରେ ମଧ୍ୟ ବେଳେବେଳେ ଛିଡା ହେବାକୁ ପଡୁଛି। ଗ୍ରାମବାସୀ ଦୀର୍ଘ ଦିନ ହେବ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ଗ୍ରାମୀଣ ଜଳ ଯୋଗାଣ ବିଭାଗ ସେଠାରେ ନୂତନ ନଳକୂପ ନ ବସାଇ ବାରୁ ସୋମବାର ଗ୍ରାମର ପତିତ ପାବନ ପରିଡା, ହୃଷିକେଶ ସାହୁ, ମଙ୍ଗୁଳି ସାହୁ, ରାଜ କିଶୋର ସାହୁ, ସୁଚିତ୍ରା ସାହୁ ପ୍ରମୁଖ ଜିଲ୍ଲାପାଳ ଙ୍କୁ ଭେଟି ନଳକୂପ ବସାଇବାକୁ ଦାବି କରିଛନ୍ତି ।

## ସଙ୍ଗରୋଧ ଗୃହରୁ ତିନି କରୋନା ପଜିଟିଭ୍ ଚିହ୍ନଟ
### ମୟୂରଭଞ୍ଜ ଜିଲ୍ଲାରେ ପଜିଟିଭ୍ ସଂଖ୍ୟା ୨୬କୁ ବୃଦ୍ଧି
### ଜିଲ୍ଲାରେ ସକ୍ରିୟ ସଂଖ୍ୟା ୧୨ ଓ ସୁସ୍ଥ ହୋଇଥିବା ସଂଖ୍ୟା ୧୪

ବାରିପଦା,୧/୬ (ନି.ପ୍ର): ଆଜି ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅଂଚଳ ସଙ୍ଗରୋଧ କେନ୍ଦ୍ରରୁ ୨ ଜଣ ଓ ଯଶୀପୁର ବ୍ଲକ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଏହିପରି ମୋଟ୍ ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ୨୪ ଓ ୨୬ ବର୍ଷର ଦୁଇ ଜଣ ଯୁବକ ରହିଥିବା ବେଳେ ଜଣେ ୨୧ ବର୍ଷୀୟା ଯୁବତୀ ରହିଛନ୍ତି । ଏମାନେ ସମସ୍ତେ ଗତ ମଇ ୨୬ରେ ତାମିଲନାଡୁ ରାଜ୍ୟ ତିରୁନେଲଭେଲିରୁ ସ୍ୱତନ୍ତ୍ର ଶ୍ରମିକ ଟ୍ରେନରେ ଫେରି ସିଧାସଳଖ ନିଜ ନିଜ ଅଂଚଳରେ ଥିବା କ୍ୱାରେଂଟାଇନ ସେଂଟରରେ ଅବସ୍ଥାନ କରୁଥିଲେ । ସେମାନଙ୍କ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିଲା । ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ନିକଟରେ କରୋନା ସଂକ୍ରମିତମାନଙ୍କ ରିପୋର୍ଟ ପହଁଚିବା ମାତ୍ରେ ସେମାନଙ୍କୁ ବାରିପଦା ବ୍ଲକ ବାଙ୍କିଶୋଳସ୍ଥିତ କୋଭିଡ଼୍ ହସପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିବା ବିଷୟ ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି । ତେବେ ଆଜିର ୩ ଜଣଙ୍କୁ ମିଶାଇ ଜିଲ୍ଲାରେ କରୋନା ପଜିଟିଭଙ୍କ ସଂଖ୍ୟା ୨୬ ଛୁଇଁଛି । ସେହିପରି ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ସକ୍ରିୟ ସଂଖ୍ୟା ୧୨ ଓ ସୁସ୍ଥ ସଂଖ୍ୟା ୧୪ ରହିଥିବାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ସାପ ଭୟରେ ନିଜ ଗୃହ ସଂଗରୋଧ ରେ ରଖିବାକୁ ଗର୍ଭବତୀ ମହିଳାଙ୍କ ଦାବି

କେନ୍ଦ୍ରାପଡ଼ା,୧/୬ (ନି.ପ୍ର): ମହାରାଷ୍ଟ୍ରରୁ ଆସିଥିବା ଜଣେ ପ୍ରବାସୀ ଗର୍ଭବତୀ ମହିଳା ଗୃହ ସଂଗରୋଧ ଶିବିର ରେ ରହିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି । ଏନେଇ ମହିଳାଙ୍କ ପକ୍ଷରୁ ଲିଖିତ ଏକ ଆବେଦନ ପତ୍ର ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରାଯାଇ ଥିବାର ଜଣା ପଡିଛି । ୪ଦିନ ତଳେ ରାଜନଗର ବଡମ୍ବିଳା ଗ୍ରାମର ମୂଳ ବାସିନ୍ଦା ଏହି ମହିଳା ଜଣକ ମହାରାଷ୍ଟ୍ରରୁ କେନ୍ଦ୍ରାପଡା ଆସିବା ପରେ ତାଙ୍କୁ ପ୍ରଶାସନ ପକ୍ଷରୁ ମହାକାଳପଡା ବ୍ଲକର ରାଜଗଡ ଠାରେ ଥିବା ସଂଗରୋଧ ଶିବିର ରେ ରଖା ଯାଇଥିଲା । ତେବେ ଏହି ଶିବିର ଟି ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ସାପ, ମଶା ପ୍ରଭୃତି ବିଷାକ୍ତ ବାହାର ଜୀବଙ୍କ ଦ୍ୱାରା ଭରି ରହିଥିବାରୁ ଏହି ଗର୍ଭବତୀ ମହିଳା ଜଣକ ନିଜ ସ୍ୱାସ୍ଥ୍ୟ ପ୍ରତି ବିପଦ ଆଶଙ୍କା କରିଛନ୍ତି । ତେବେ ସରକାରଙ୍କ କୋଭିଡ କଟକଣା ନିୟମକୁ ମାନି ଗୃହ ସଂଗରୋଧ ଶିବିର ରେ ରହିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

# ୪ ଦିନ ହେଲା ଖଡିଆଳ ସହରରେ ସଫେଇ ବନ୍ଦ

ନୂଆପଡା,୧/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅଧିନରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରୀ ରହିଛି। ଏମାନେ ଗତ ୨୯ ତାରିଖରୁ ସଫେଇ କରୁନଥିବା ବେଳେ ସହର ସାରା କୁଢ କୁଢ ମଇଳା ଆବର୍ଜନା ପଡି ରହିଛି । ସଫେଇ କର୍ମଚାରୀ ଏବଂ ଖଡିଆଳ ବଣିକ ସଂଘର କିଛି କର୍ମକର୍ତ୍ତାଙ୍କ ସହ ଝଗଡା କାରଣରୁ ସଫେଇ କର୍ମଚାରୀ ମାନେ କାର୍ଯ୍ୟବନ୍ଦ କରିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଏହି ଏଡିଏମ ଖଡିଆଳ ବିଜ୍ଞାପିତ ଅ ଳ ପରିଷଦକୁ ପହଂଚି ସଫେଇ କର୍ମଚାରୀ ମାନଙ୍କ ସହ ଆଲୋଚନା କରି ସଫେଇ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଉଭୟ ପକ୍ଷରୁ ୧୧୫/୨୦୨୦ ଏବଂ ୧୧୭/୨୦୨୦ ରେ ମାମଲା ରୁଜୁ ହୋଇଥିବା ପ୍ରକାଶ କରି ତଦନ୍ତ ଚାଲୁ ରହିଛି ବୋଲି କହିଥିଲେ । ଅନ୍ୟପକ୍ଷରେ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ସାହୁଙ୍କୁ ଯୋଗାଯୋଗ କରାଯିବାରୁ ସଫେଇ କର୍ମଚାରୀ ଏବଂ ବଣିକ ସଂଘର ବିବାଦ ବୋଲି ପ୍ରକାଶ କରି ୪ ଦିନ ହେଲା ସେମାନେ ସଫେଇ କରୁନଥିବା ପ୍ରକାଶ କରି ଏଡିଏମ ଆସି ଆଲୋଚନା କରି ଯାଇଥିବା ପ୍ରକାଶ କରିଥିଲେ ।

## ଭୁବନ ଥାନାରେ ଜିତେନ୍ଦ୍ର ସାହୁ ନୂତନ ଆଇଆଇସି ଭାବେ ଯୋଗଦେଲେ

ଭୁବନ,୧/୬ (ନି.ପ୍ର): କରୋନା ଯୋଦ୍ଧା ଭାବେ ବିଭିନ୍ନ ସଂଗଠନ ତରଫରୁ ସମ୍ବର୍ଦ୍ଧିତ ହୋଇ ବେଶ୍ ପ୍ରଶଂସାର ପାତ୍ରୀ ହୋଇଥିବା ଆଇଆଇସି ଶ୍ରୀମତୀ ନିର୍ମଳା ଗୋଚ୍ଛାୟତଙ୍କୁ ଗଁନ୍ଦିଆ ଥାନାକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ ଆଇଆଇସି ଭାବେ ଜିତେନ୍ଦ୍ର ସାହୁ ଭୁବନ ଥାନା ଯୋଗଦାନ କରିଛନ୍ତି । ସେ ଜିଲ୍ଲା ପୋଲିସ ହେଡକ୍ୱାଟର ରୁ ଏଠାକୁ ବଦଳି ହୋଇ ଆସିଛନ୍ତି । ଜଣେ ସଂପୂର୍ଣ୍ଣ ଦୁର୍ନୀତିମୁକ୍ତ,ସ୍ୱଚ୍ଛ ଓ ଦକ୍ଷ ଅଫିସର ଭାବେ ପରିଚିତ ଶ୍ରୀଯୁକ୍ତ ସାହୁ ଢେଙ୍କାନାଳ ଜିଲ୍ଲାର ସମସ୍ତ ଥାନାରେ କାର୍ଯ୍ୟକରି ତାଙ୍କର ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଶେଷରେ ଭୁବନ ଥାନାରେ ଯୋଗଦେଇ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା ସାଙ୍ଗକୁ ଗରିବ ଲୋକଙ୍କୁ ନ୍ୟାୟ ପ୍ରଦାନ ତାଙ୍କର ମୁଖ୍ୟ କାମ ବୋଲି କହିଛନ୍ତି । ୟଙ୍ଗ,ଏଜୁକେଟେଡ ଏବଂ ଡାଇନାମିକ ଅଫିସର ଶ୍ରୀଯୁକ୍ତ ଙ୍କ ଯୋଗଦାନ ପରେ ବିଭିନ୍ନ ଚୋରା ବେପାରୀ ଓ ମାଫିଆ ଙ୍କ ମହଲରେ ଆତଙ୍କ ସୃଷ୍ଟି ହୋଇଛି ।

# ରଥଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ,ପରିସ୍ଥିତି ଦେଖି ନିଷ୍ପତି

ଭୁବନ,୧/୬ (ନି.ପ୍ର): ଭୁବନରେ ରଥଯାତ୍ରା ପାଳନ ନେଇ ଆଜି ସଂଧ୍ୟାରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଶୁଭେନ୍ଦୁ ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ନିରଂଜନ ଗୁରୁ, ପୁରୀ ଗୋବର୍ଦ୍ଧନ ପୀଠର ସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଆଦ୍ୟ ସେବକ ରାମଚନ୍ଦ୍ର ରାଉତ.ବାସୁଦେବ ବେହେରା, ସମୀର ସାହୁ, ପ୍ରଭାସ ସେନାପତି, ସତ୍ୟାନନ୍ଦ ପୃଷ୍ଟି,ନିତ୍ୟାନନ୍ଦ ସାହୁ,ତୁଷାରକାନ୍ତ ମିଶ୍ର,ପୂର୍ଣ୍ଣାନନ୍ଦ ମିଶ୍ର, ଦୁଷ୍ମନ୍ତ କୁମାର ପୃଷ୍ଟି, ଭଗବାନ ଗୁର,ରବି ନାରାୟଣ ସାହୁ,ଚକ୍ରଧର ସାହୁ,ସୁଶାନ୍ତ ପୃଷ୍ଟି ,ବିନୋଦ ମହାରଣା, ଶିବାନନ୍ଦ ମେହେଣା ଙ୍କ ସମେତ ସେସୁ କନିଷ୍ଠଯନ୍ତ୍ରୀ ହୃଷିକେଶ ଦାସପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ତହସିଲଦାର ଶକ୍ତିକାନ୍ତ ରାୟ ଯୋଗଦେଇ ସ୍ୱଳ୍ପ ସଂଖ୍ୟକ ସେବାୟତ ଓ ଶ୍ରଦ୍ଧାଳୁ ଙ୍କ ଉପସ୍ଥିତିରେ ସ୍ନାନ ପୂର୍ଣ୍ଣିମା ପାଳନ କରାଯିବ ଏବଂ ସେତେବେଳର ପରିସ୍ଥିତି ଦେଖି ରଥଯାତ୍ରା ପାଇଁ ନିଷ୍ପତି ନିଆଯିବ ବୋଲି କହିଥିଲେ ।

# ଭୁବନର ମୁଖ୍ୟରାସ୍ତା ବଡଦାଣ୍ଡ ଛକରେ ସ୍ଲାବ ଭାଙ୍ଗି ସୃଷ୍ଟି ହୋଇଛି ମ୍ୟାନହୋଲ

ଭୁବନ,୧/୬ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ବଡଦାଣ୍ଡ ଛକରେ ଦୀର୍ଘ ଦିନ ହେଲା ସ୍ଲାବ ଭାଙ୍ଗି ପଡି ମ୍ୟାନହୋଲ ସୃଷ୍ଟି ହୋଇଥିଲା ବେଳେ ଏନଏସି କର୍ତୃପକ୍ଷ ଙ୍କ ନଜର ପଡୁନାହିଁ । ଭୁବନ ବସଷ୍ଟାଣ୍ଡ ଠାରୁ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବୁଦ୍ଧେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିବା ଏହି ରାସ୍ତାଟି ସହରର ମୁଖ୍ୟରାସ୍ତା ଅଟେ । ଦୈନିକ ହଜାର ହଜାର ଲୋକ ଏହି ରାସ୍ତାରେ ଯିବା ଆସିବା କରନ୍ତି । ମୁଖ୍ୟରାସ୍ତାରେ ସ୍ଲାବ ଭାଙ୍ଗି ଯାଇଥିବା ବେଳେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି । ସ୍ଲାବ ବଦଳରେ କଲଭର୍ଟ କରିବାକୁ ବାରମ୍ବାର ଏନଏସି ଅଫିସରେ ଦାବି କରାଯାଉଥିଲେ ମଧ୍ୟ ବର୍ଷକରେ ଥରେ ଦଶହରା ପର୍ବ ପୂର୍ବରୁ ରାତିଅଧିଆ ତରବରିଆ ଭାବେ ସ୍ଲାବ ପକାଯାଉଛି ଓ ତାହା କିଛି ଦିନ ପରେ ଭାଙ୍ଗି ଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ସଂପର୍କରେ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଙ୍କୁ ପଚାରିବାରୁ ମୋତେ କେହି ଅଭିଯୋଗ ଦେଇନାହାନ୍ତି କି ମୁ ଜାଣିନି ,ଅଭିଯୋଗ ମିଳିଲା ପରେ ତଦନ୍ତ କରି କାମ କରାଯିବ ବୋଲି କହିଥିଲେ ।

# ନିର୍ମାଣାଧିନ ପାଇଖାନା ଟାଙ୍କିର ସେଂଟରିଙ୍ଗ ଖୋଲିବା ବେଳେ ଅଘଟଣ

## ଶ୍ୱାସରୁଦ୍ଧ ହୋଇ ମିସ୍ତ୍ରୀ ମୃତ, ଦୁଇ ଶ୍ରମିକ ଗୁରୁତର

କେନ୍ଦ୍ରାପଡ଼ା,୧/୬ (ନି.ପ୍ର): କେନ୍ଦ୍ରାପଡ଼ା ଟାଉନ୍ ର ଦିଘାମହଲା ଅଂଚଳରେ ଏକ ନିର୍ମାଣାଧିନ ପାଇଖାନା ଟାଙ୍କିର ସେଂଟରିଙ୍ଗ ଖୋଲିବାକୁ ଯାଇଥିବା ବେଳେ ଏହା ମଧ୍ୟରେ ଶ୍ୱାସରୁଦ୍ଧ ହୋଇ ଜଣେ ମିସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଶ୍ରମିକ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି । ଗୁରୁତର ଦୁଇ ଶ୍ରମିକଙ୍କୁ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସମ୍ପୃକ୍ତ ତିନି ଜଣ ପାଇଖାନା ଟାଙ୍କିର ସେଂଟରିଙ୍ଗ ଖୋଲିବାକୁ ଏହା ମଧ୍ୟରେ ପ୍ରବେଶ କରିଥିଲେ । କିଛି ସମୟ ପରେ ସେମାନେ ଶ୍ୱାସରୁଦ୍ଧ ହୋଇ ଗୁରୁତର ଅସୁସ୍ଥ ହୋଇପଡିଥିଲେ । ଏପରିକି ଏହା ମଧ୍ୟରୁ ଆଉ ବାହାରକୁ ବାହାରି ପାରିନଥିଲେ । ଖବର ପାଇ ଟାଉନ୍ ଥାନା ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତିନି ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ । ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡ଼ାକ୍ତର ମିସ୍ତ୍ରୀଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ନାମ ମୁନା ମିସ୍ତ୍ରୀ ବୋଲି କୁହାଯାଉଥିବା ବେଳେ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ଅଦ୍ୟାବଧି ମିଳିପାରିନାହିଁ । ପୋଲିସ ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ତାଙ୍କ ଘର କେନ୍ଦ୍ରାପଡ଼ା ଟାଉନ୍ ର ପୋଷ୍ଟ ଅଫିସ୍ ଲେନ୍ ରେ ବୋଲି ସୂଚନା ମିଳିଛି । ଅନ୍ୟ ଦୁଇ ଗୁରୁତର ମେଡିକାଲରେ ଚିକିତ୍ସାଧିନ ଅଛନ୍ତି । ତେବେ ଗୁରୁତର ଦ୍ୱୟଙ୍କ ସମ୍ପୂର୍ଣ୍ଣ ପରିଚୟ ମଧ୍ୟ ମିଳିପାରିନାହିଁ ।

# ଫିରିଙ୍ଗିଆ, ବଙ୍ଗମୁଣ୍ଡାର ବଜ୍ରପାତରେ ଜଣେ ମୃତ, ଦୁଇ ଗୁରୁତର

କନ୍ଧମାଳ,୧/୬ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକଅନ୍ତର୍ଗତ ରବଙ୍ଗିଆ ପଂଚାୟତର ବଙ୍ଗମୁଣ୍ଡା ଗ୍ରମରେ ଗତ କାଲି ବିଳମ୍ବିତ ରାତିରେ ବଜ୍ରପାତରେ ଜଣଙ୍କ ମୃତୁ ହୋଇଥିବା ବେଳେ ଆଉ ଦୁଇ ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ସୂଚନା ପ୍ରକାରେ ରବିବାର ସନ୍ଧ୍ୟା ୭ଟା ସମୟରେ ବଙ୍ଗମୁଣ୍ଡା ଗ୍ରାମରେ ବିଜୁଳି ଆଘାତ ହୋଇଥିଲା । ସେତେବେଳେ ଦାନାସିଂ କହଁର ନାମକ ଜଣେ ବ୍ୟକ୍ତି ତାଙ୍କ ଘର ବାରଣ୍ଡାରେ ବସିଥିବା ସମୟରେ ବଜ୍ରପାତ ହୋଇଥିଲା । ଫଳରେ ସେ ସେଠାରେ ପଡିଯାଇଥିଲେ । ତାଙ୍କୁ ଡାକ୍ତରଖାନାକୁ ନିଆଯିବାପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଛନ୍ତି । ସେହିପରି ଉକ୍ତ ଗ୍ରାମର ଧନଞ୍ଜୟ କହଁର ଓ ଗୁନି କହଁର ମଧ୍ୟ ଏହି ବଜ୍ରାଘାତରେ ଆହତ ହୋଇଥିଲେ । ସେମାନଙ୍କୁ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ସେମାନଙ୍କର ଚିକିତ୍ସା କରାଯାଇଥିଲା । ଧନଞ୍ଜୟଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

# ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ସମ୍ପର୍କୀତ ବୈଠକ

## ଯୋଗ ଦେଲେ ଯୋଜନା ସହ ଜଡିତ ଅଧିକାରୀ ଓ ଅନୁଷ୍ଠାନ

କନ୍ଧମାଳ,୧/୬ (ନି.ପ୍ର): ଜିଲ୍ଲାର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିର୍ଣ୍ଣିତ କର୍ମନିଯୁକ୍ତି ଯୋଜନା ସହ ଜଡ଼ିତ ସମସ୍ତ ବିଭାଗୀୟ ପଦାଧିକାରୀମାନଙ୍କୁ ନେଇଏକ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବିଶ୍ୱନାଥ ବାରିକଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି।

ଦେଶବ୍ୟାପି କୋଭିଡ-୧୯ ସଂକ୍ରମଣ ଫଳରେ ଜିଲ୍ଲା ତଥା ରାଜ୍ୟ ବାହାରେ କାମ କରୁଥିବା ଶ୍ରମିକମାନେ ନିଜ ନିଜ ଜିଲ୍ଲାକୁ ଫେରିଆସିଛନ୍ତି। ଏହି କ୍ରମରେ କନ୍ଧମାଳ ଜିଲ୍ଲାର ଶହସ୍ରାଧିକ ଶ୍ରମିକ ନିଜ ଜିଲ୍ଲାକୁ ଫେରିଆସିଛନ୍ତି। ସେମାନଙ୍କ ଜୀବିକା ନିର୍ବାହ ପାଇଁ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିର୍ଣ୍ଣିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ କାମ ଯୋଗାଇ ଦେବାପାଇଁ ସ୍ଥିର କରିଛନ୍ତି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସହଯୋଗ ନିହାତି ଆବଶ୍ୟକ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବାରିକ କହିଥିଲେ। ସେମାନେ ପ୍ରତି ରାଜସ୍ୱ ଗ୍ରାମକୁ ଯାଇ ଜବ୍ କାର୍ଡ଼ ଯୋଗାଇଦେବା ସହିତ କାମ ଯୋଗାଇଦେବାରେ ବିଭାଗୀୟ ସରକାରୀ ପଦାଧିକାରୀମାନଙ୍କୁ ସହଯୋଗ କରିବେ। ସେହିପରି ସେମାନେ ସମସ୍ତେ କାମ ପାଇପାରୁଛନ୍ତି କି ନା ଏବଂ ଦିନକୁ ୨୦୭ ଟଙ୍କା ହିସାବରେ ମଜୁରୀ ପାଉଛନ୍ତି କି ନା ତା'ର ତଦାରଖ ମଧ୍ୟ କରିବେ। ଯେଉଁ ରାଜସ୍ୱ ଗ୍ରାମରେ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ ସେହି ଗ୍ରାମରେ ଫେରିଥିବା ଶ୍ରମିକ ଏବଂ କାମକରିବାକୁ ଇଛାକରୁଥିବା ଶ୍ରମିକମାନଙ୍କୁ ନୂଆ ବ୍ୟାଙ୍କ ଖାତା ଖୋଲିବା, ଜବ୍ କାର୍ଡ଼ ଯୋଗାଇଦେବା, କାମ ଯୋଗାଇଦେବା ପାଇଁ ସି-୧ ଓ ସି-୨ ଫର୍ମ ସଂଗ୍ରହ କରିବା, ବ୍ୟାଙ୍କ ଖାତା/ଆଧାରକାର୍ଡ଼ ଅଧୁନାତନ କରିବା, ସର୍ବୋପରି ଯଥାସମୟରେ ମଜୁରୀ ପ୍ରଦାନ ଭଳି କାର୍ଯ୍ୟରେ ସହଯୋଗ କରିବେ। ପ୍ରତି ପଂଚାୟତ ପିଛା ଅତି କମ୍‌ରେ ୭ଶହ ଜଣ ଶ୍ରମିକଙ୍କୁ କାମ ଯୋଗାଇଦିଆଯିବ ବୋଲି ଜଣାପଡ଼ିଛି। ଋତୁ ଅନୁସାରେ ପ୍ରକଳ୍ପକୁ ପରିବର୍ତନ କରି ଶତ ପ୍ରତିଶତ କାମ ଯୋଗାଇ ଦିଆଯିବ ବୋଲି ସ୍ଥିର କରାଯାଇଛି। ତଦନୁଯାୟୀ ସଂପୃକ୍ତ ବିଭାଗ ଗୁଡ଼ିକୁ ପ୍ରକଳ୍ପ ଅନୁମୋଦନ କରିବାକୁ ପରାମର୍ଶ ଦିଆଯାଇଛି। ଚାଲୁ ରହିଥିବା ପ୍ରକଳ୍ପ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକୁ ମଧ୍ୟ ପରାମର୍ଶ ଦିଆଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିର୍ଣ୍ଣିତ କର୍ମ ନିଯୁକ୍ତି ଯୋଜନାର ଜିଲ୍ଲା ସଂଯୋଜକ ଶ୍ରୀ ସନ୍ତୋଷ କୁମାର ସାହୁ ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲାରେ ଟାର୍ଗେଟ୍ ଦିଆଯାଇଥିବା ଦୈନିକ ଶ୍ରମିକ ନିଯୁକ୍ତି ଏବଂ ଲକ୍ଷ୍ୟ ସାଧନ ଉପରେ ସମ୍ୟକ ଧାରଣା ଦେଇଥିଲେ। ସେହିପରି କାର୍ଯ୍ୟକାରୀ କରୁଥିବା ସଂସ୍ଥା ଏବଂ ବ୍ଲକ ଗୁଡ଼ିକର ଲକ୍ଷ୍ୟ ଧାର୍ଯ୍ୟ ଏବଂ ଲକ୍ଷ୍ୟ ସାଧନ ଉପରେ ମଧ୍ୟ ସମ୍ୟକ ଧାରଣା ଦେଇଥିଲେ। ଉକ୍ତ ବୈଠକରେ ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶ୍ରୀବୀରେନ୍ଦ୍ର କୁମାର ଦାସ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଶୈଳେନ୍ଦ୍ର ନାରାୟଣ ନାୟକ, ଉଦ୍ୟାନ କୃଷି ଉପ-ନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ଦାସଙ୍କ ସମେତ ପ୍ରତି ବ୍ଲକର ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଏବଂ ଓଡ଼ିଶା ଜୀବିକା ମିଶନର ବ୍ଲକ କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗ ଦେଇଥିଲେ।

# ଭଦ୍ରକରେ ଗଣତାନ୍ତ୍ରିକ ମହିଳା ସମିତିର ପ୍ରତିବାଦ

ଭଦ୍ରକ, ୧/୬ (ହି.ସ.) - ଆଜି ଗଣତାନ୍ତ୍ରିକ ମହିଳା ସମିତି ଭଦ୍ରକ ଜିଲା କମିଟି ପକ୍ଷରୁ ୧୦ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସାମାଜିକ ଦୂରତ୍ୱ ରକ୍ଷା ପୂର୍ବକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏବଂ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କୁ ଜିଲାପାଳଙ୍କ ଜରିଆରେ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଜିର ଦିବସକୁ ସମସ୍ତ ମହିଳା ସମିତି ମାନେ ଦେଶବ୍ୟାପୀ ପ୍ରତିବାଦ ଦିବସ ରୂପେ ପାଳନ କରୁଥିବାବେଳେ ଆଜି ଭଦ୍ରକ ଜିଲା କମିଟି ପକ୍ଷରୁ ସୁରଜିତା ନାୟକ, ସଂଚିତା ମହାପାତ୍ର, ପ୍ରଭାତୀ ଜେନା, ସୁମତି ନାୟକ, ପ୍ରତିମା ସ୍ୱାଇଁ ଓ ପାକିନି ମୁଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଶେଷକରି କରୋନା କ୍ଷତିଗ୍ରସ୍ତ ସମସ୍ତ ଗରିବ ଲୋକଙ୍କୁ ରାସନ୍ କାର୍ଡ ନଥିଲେ ବି ୧୦ କେଜି ଚାଉଳ ୬ ମାସ ପାଇଁ ଦେବା, କରୋନା କ୍ଷତିଗ୍ରସ୍ତ ଗରିବ ଶ୍ରମିକ ଓ କୃଷକମାନଙ୍କ ଆକାଉ କୁ ୭୫୦୦ ଟଙ୍କା ଲେଖାଏଁ ୬ ମାସ ପର୍ଯ୍ୟନ୍ତ ପ୍ରଦାନ, ମାଗଣାରେ ସମସ୍ତଙ୍କୁ କଣ୍ଟ୍ରୋଲ ସାମଗ୍ରୀ ୬ ମାସ ପାଇଁ ଯୋଗାଇଦେବା, ମନରେଗା ଯୋଜନାର କାମ ବାବଦ ବର୍ଷକୁ ଦୁଇଶହ ଦିନର କର୍ମ ଦିବସ ଯୋଗାଇଦେବା, ମନରେଗା ଯୋଜନାରେ ଶ୍ରମିକମାନଙ୍କୁ ଦୈନିକ ୫ ଶହ ଟଙ୍କା ମଜୁରୀ ପ୍ରଦାନୀ, କରୋନା ଗ୍ରସ୍ତ ଅବସ୍ଥାରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରିବା, ଲକଡାଉନ୍ ଓ ସଟଡାଉନ୍ ସମୟରେ ମହିଳାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା, ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ସୁରକ୍ଷା ପ୍ରଦାନ କରିବା, ମହିଳାମାନଙ୍କର ଏସ୍‌ଏଚ୍‌ଜି ଗ୍ରୁପ୍‌ର ଋଣ ଛାଡ କରିବା, ମିଥ୍ୟା ମୋକଦ୍ଦମାରେ ଜଡିତ ସାମାଜିକ କର୍ମୀମାନଙ୍କୁ ତୁରନ୍ତ ଖଲାସ କରିବା ଏବଂ ମହିଳା ଶ୍ରମଜୀବୀମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ଭଳି ଦାବି ନେଇ ମହିଳା ସମିତି ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# କେନ୍ଦୁଝର ଜିଲ୍ଲାରେ ପୁଣି ଜଣେ କରୋନା ଆକ୍ରାନ୍ତ ଚିହ୍ନଟ

## ଜିଲ୍ଲାରେ ଆକ୍ରାନ୍ତ ସଂଖ୍ୟା ୨୬ ରେ ପହଂଚିଲା : ସୁସ୍ଥ ସଂଖ୍ୟା ୮

କେନ୍ଦୁଝର,୧/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଆଜି ପୁଣି ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିସହ ଜିଲ୍ଲାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୨୬ କୁ ବୃଦ୍ଧି ପାଇଥିବା ବେଳେ ଇତି ମଧ୍ୟରେ ଆକ୍ରାନ୍ତଙ୍କ ମଧ୍ୟରୁ ୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଫଳରେ ଏବେ ଜିଲ୍ଲାର ୧୮ ଜଣ କରୋନା ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି । ନୂଆ ଚିହ୍ନଟ ହୋଇଥିବା ଆକ୍ରାନ୍ତ ଜଣକ ପଡୋଶୀ ଛତିଶଗଡ ରାଜ୍ୟରୁ ଫେରିଥିଲେ । ଛତିଶଗଡରୁ ଫେରିବା ପରେ ସେ କେନ୍ଦୁଝର ଜିଲ୍ଲାର ଚମ୍ପୁଆସ୍ଥିତ କ୍ୱାରେଂଟାଇନ ସେଂଟରରେ ରହୁଥିଲେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଚମ୍ପୁଆ ଅଂଚଳରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଚମ୍ପୁଆ, ଏନ.ଏ .ସି ଅନ୍ତର୍ଗତ ୭ ନମ୍ବର ୱାର୍ଡର ଆଦର୍ଶ ବିଦ୍ୟାଳୟ, ଚମ୍ପୁଆ, ବାଳିକା ବିଦ୍ୟାଳୟ ହଷ୍ଟେଲରେ ହୋଇଥିବା ଅସ୍ଥାୟୀ ମେଡିକାଲ କେନ୍ଦ୍ର ସହିତ ସମଗ୍ର ଅଂଚଳକୁ କଣ୍ଟେଂନମେଂଟ ଜୋନ୍ ଭାବେ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ଏହି କଟକଣା ମଇ ୨୭ ତାରିଖ ଠାରୁ ଜୁନ୍ ୩ ତାରିଖ ସଂଧ୍ୟା ୭ ଟା ପର୍ଯ୍ୟନ୍ତ ବଳବତର ରହିବ ବୋଲି ପ୍ରଶାସନ ପକ୍ଷରୁ ଯାହା ଘୋଷଣା କରାଯାଇଥିଲା, ତାହା ବଳବତର ରହିବ ବୋଲି କୁହାଯାଇଛି ।

# ଗଞ୍ଜାମ ଜିଲ୍ଲାରେ ଆଉ ୧୭ କରୋନା ପଜିଟିଭ୍ ଚିହ୍ନଟ : ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୩୧ କୁ ବୃଦ୍ଧି

ଗଞ୍ଜାମ,୧/୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ଆଉ ୧୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୩୧ କୁ ବୃଦ୍ଧି ପାଇଛି । ଗତକାଲି ସଂନ୍ଧ୍ୟା ସୁଦ୍ଧା ଆକ୍ରାନ୍ତଙ୍କ ୪୧୪ ଥିଲା । ନୂଆ ଚିହ୍ନଟ ଚିହ୍ନଟ ହୋଇଥିବା ସମସ୍ତଙ୍କର ସୁରତ ଲିଙ୍କ୍ ରହିଛି। ଏବଂ ଏମାନେ କ୍ୱାରେଂଟାଇନ ସେଂଟରର ବୋଲି ଜଣାପଡିଛି । ଗତକାଲି ୧୬ ଜଣ ଚିହ୍ନଟ ହୋଇଥିବା ବେଳେ ଆଜି ଆଉ ଦୁଇଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଦୁଇ ଦିନରେ ମୋଟ୍ ୧୮ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଜିଲ୍ଲାରେ ମୋଟ୍ ୩୫୨ ଆକ୍ରାନ୍ତ ବର୍ତମାନ ସୁଦ୍ଧା ସୁସ୍ଥ ହେଲେଣି । ଏମାନଙ୍କ ମଧ୍ୟରେ ଦୁଇ ଜଣ ଆଶାକର୍ମୀ, ଜଣେ ଶିକ୍ଷକ ସଙ୍ଗରୋଧ କେନ୍ଦ୍ରରେ କାର୍ଯ୍ୟ କରି ଆକ୍ରାନ୍ତ ହେବା ପରେ କୋଭିଡ଼୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଗତକାଲି ସେମାନେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଆଜିକୁ ମିଶାଇ ୯୪ ଜଣ ଆକ୍ରାନ୍ତ କୋଭିଡ଼୍ ହସ୍ପିଟାଲରେ ଚିକିତ୍ସାଧିନ ରହିଛନ୍ତି । ପ୍ରକାଶ ଥାଉ କି, ଅଦ୍ୟାବଧି ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪ ଶହ ପାର୍ କରିଛି ଏବଂ ତିନି ଜଣଙ୍କର ମୃତ୍ୟୁ ଘଟିଛି । ଜିଲ୍ଲାକୁ ପୂର୍ବରୁ ରେଡ୍ ଜୋନ୍ ତାଲିକାଭୁକ୍ତ କରାଯାଇଛି । ତେବେ ଜିଲ୍ଲାରେ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ନଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଆଶ୍ୱାସନା ଦିଆଯାଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉତ୍ତେଜନା...

ଲଦାଖ ଓ ତିବ୍ବତ କ୍ଷେତ୍ରରେ ଭାରତ ଓ ଚୀନ୍ ମଧ୍ୟରେ ଲାଗିଥିବା ସେନା ବିବାଦ ଦିନକୁ ଦିନ କୁହୁଳି କୁହୁଳି ଅଧିକ ଉତ୍ତେଜନା ସୃଷ୍ଟି କରିଚାଲିଛି । ଏହା କେବଳ ଏସିଆ କ୍ଷେତ୍ର ପାଇଁ ନୁହେଁ; ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି । ଚଳିତ ମାସ ପ୍ରାରମ୍ଭରୁ ଉଭୟ ଦେଶର ସେନା ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଦୁଇଟି ସ୍ଥାନରେ ମୁହାଁମୁହିଁ ହୋଇଛନ୍ତି । ଯଦିଚ ସେମାନଙ୍କ ମଧ୍ୟରେ ଗୁଳିଗୋଳା ବିନିମୟ ଘଟିନାହିଁ, ତଥାପି ଉଭୟ ପକ୍ଷର ଶତାଧିକ ସୈନିକ ପରସ୍ପରକୁ ଲୁହାରକ୍ଷରେ ମାଡ଼ ମାରିବା ସହ ପ୍ରବଳ ଢେଲାପଥର ମାଡ଼ କରିଛନ୍ତି । ସେଥିରେ ପ୍ରାୟ ସମାନ ସଂଖ୍ୟକ ଭାରତୀୟ ଓ ଚୀନ ସେନା ଆହତ ହୋଇଛନ୍ତି । ମେ’ ୫ ତାରିଖ ଦିନ ଲଦାଖର ପାଙ୍ଗୋଙ୍ଗ୍ ସୋ ହ୍ରଦ ନିକଟରେ ପ୍ରଥମ ଘଟଣା ଘଟିଥିବା ବେଳେ ଏହାର ମାତ୍ର ଚାରି ଦିନ ପରେ ମେ’ ୯ ତାରିଖ ଦିନ ଦ୍ୱିତୀୟ ଘଟଣା ଘଟିଛି ତିବ୍ବତର ନାକୁ ଲା କ୍ଷେତ୍ରରେ । ଭାରତ ଚୀନ ମଧ୍ୟରେ ସୀମାବିବାଦର ଇତିହାସ ବେଶ ପ୍ରାଚୀନ । ଉଭୟ ରାଷ୍ଟ୍ର ମଧ୍ୟରେ ବିଶ୍ୱର ସବୁଠାରୁ ଦୀର୍ଘ ମୁକ୍ତ ସୀମାରେଖ ରହିଛି । ପୁଣି ଶତାଧିକ ସ୍ଥାନରେ ସୀମାକୁ ନେଇ ଉଭୟ ରାଷ୍ଟ୍ର ଦ୍ୱିମତ ପୋଷଣ କରନ୍ତି । ଏହି ସୀମା ବିବାଦକୁ ନେଇ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଛୋଟମୋଟ ସେନା ବିବାଦ ଘଟିଥାଏ । କିନ୍ତୁ ତାହାକୁ ପଛକୁ ପକାଇ ବିଶ୍ୱର ଦୁଇ ଜନବହୁଳ ରାଷ୍ଟ୍ରର ନେତୃବର୍ଗ ସେମାନଙ୍କର କୂଟନୈତିକ, ବାଣିଜ୍ୟିକ ଓ ସାଂସ୍କୃତିକ ସଂପର୍କ ବୃଦ୍ଧି କରିବାରେ ବ୍ୟସ୍ତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ସଂପର୍କ ବ୍ୟକ୍ତିଗତ । ସେମାନେ ବିଭିନ୍ନ ଅନ୍ତଃରାଷ୍ଟ୍ରୀୟ ଫୋରମରେ ପରସ୍ପରକୁ ଭେଟି ସାକ୍ଷାତ ଆଲୋଚନା କରିବା ସହ ବେଜିଂ, ଉହାନ୍ ଏବଂ ମମ୍ମଲପୁରମ୍, ଅହମ୍ମଦାବାଦ ଭଳି ସ୍ଥାନରେ ଅତି ଘନିଷ୍ଠ ଭାବେ କଥା ବାର୍ତ୍ତା କରିଛନ୍ତି ଏବଂ ଏଭଳି ସଂପର୍କରେ ଏକ ସକାରାତ୍ମକ ସଫଳତା ଭାବେ ୨୦୧୭ ମସିହାରେ ସୃଷ୍ଟ ଡୋକଲାମ୍ ତ୍ରିକୋଣୀୟ ବିବାଦର କୂଟନୈତିକ ସମାଧାନକୁ ନିଆଯାଇପାରେ । ତଥାପି ୨୦୧୬ ଠାରୁ ୨୦୧୮ ମଧ୍ୟରେ ଚୀନ୍‌ର ଲାଲ ବାହିନୀ ପ୍ରାୟ ୨୦୧୫ ଥର ଭାରତୀୟ ସୀମା ଭିତରକୁ ଜୋର ଜବରଦସ୍ତ ପ୍ରବେଶ କରିବାର ହିସାବ ରହିଛି । ଏହା ସୂଚିତ କରେ ଯେ, ଚୀନ କେବଳ ଭାରତ ସହ ନୁହେଁ, ତାର ସମସ୍ତ ପ୍ରତିବେଶୀ ରାଷ୍ଟ୍ରଙ୍କ ସହ ଏଭଳି ସଂପ୍ରସାରଣ ଆଭିମୁଖ୍ୟ ପୋଷଣ କରିଆସିଛି । ଏହା ସେ ଦେଶର କୂଟନୀତିର ଅବିଚ୍ଛେଦ୍ୟ ଅଙ୍ଗ । ଭାରତ କ୍ଷେତ୍ରରେ ଏହା ଅଧିକତର ଅନୁଭୂତ ହୁଏ । ଏହାର ବିବିଧ କାରଣ ରହିଥିଲେ ସୁଦ୍ଧା, ଗତ କିଛି ବର୍ଷ ମଧ୍ୟରେ ଚୀନ ଭାରତ ପ୍ରତି ଅଧିକ ବୈରଭାବ ପୋଷଣ କରିଆସିଛି ଏବଂ ଏହା ପଛରେ ପାକିସ୍ତାନ ରହିଛି । ପୁନଶ୍ଚ, ଜାମ୍ମୁ କାଶ୍ମୀରର ବିଭାଜନ ପରେ ଲଦାଖକୁ ଏକ କେନ୍ଦ୍ରଶାସିତ କ୍ଷେତ୍ର ଘୋଷଣା କରାଯିବା ପରେ ଚୀନ୍ ବେଶ କ୍ଷୁବ୍ଧ । ତେଣୁ ଲଦାଖ ଅଞ୍ଚଳରେ ଚୀନ୍ ସେନା ବିନା କାରଣରେ ଏଭଳି ଉତ୍ତେଜନା ସୃଷ୍ଟି କରିବା ପାଇଁ ସଦା ଚେଷ୍ଟିତ । ବର୍ତ୍ତମାନର ବିବାଦ ପଛରେ ମଧ୍ୟ ଅନେକ କାରଣ ରହିଛି । କରୋନା ମହାମାରୀ ଚୀନରୁ ଆରମ୍ଭ ହୋଇ ସମଗ୍ର ବିଶ୍ୱକୁ କବଳିତ କରିଥିବା ବେଳେ ଏବେ ଚୀନକୁ ସମସ୍ତେ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି । କରୋନା ପରବର୍ତ୍ତୀ ବିଶ୍ୱ ବାତାବରଣ ଚୀନ୍ ପାଇଁ ଯେ ଅନୁକୂଳ ହେବନାହିଁ ତାହା ଏବେଠାରୁ ଜଳଜଳ ହୋଇ ଦୃଶ୍ୟ ହେଲାଣି । ସେଠାରୁ ଶହ ଶହ ବହୁରାଷ୍ଟ୍ରୀୟ କମ୍ପାନୀ ଏବେ ଭାରତମୁହାଁ ହେଉଥିବାରୁ ଚୀନ୍ ଏଥିରେ କ୍ଷୁବ୍ଧ ହେବା ସ୍ୱାଭାବିକ । ଆମେରିକା ଓ ଚୀନ ଭିତରେ ଚାଲିଥିବା ବାଣିଜ୍ୟ ଯୁଦ୍ଧ କରୋନାକୁ ନେଇ ଇତିମଧ୍ୟରେ ତୀବ୍ରତର ହୋଇଛି ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ଆଡକୁ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଏଥିରେ ଭାରତ ପ୍ରଚ୍ଛନ୍ନ ସମର୍ଥନ ରହିଥିବା ଚୀନ୍ ଅନୁମାନ କରେ । ତେଣୁ ସହଜ ଫର୍ମୁଲା ଭାବେ ଭାରତକୁ ବ୍ୟସ୍ତ ବିବ୍ରତ ରଖିବା ସକାଶେ ଚୀନ୍ ତାର ସେହି ପାରମ୍ପାରିକ ସୀମା ଉତ୍ତେଜନା ପ୍ରୟାସକୁ ଆପଣାଇଛି । ଦୁଇ ଦେଶର ସେନା ପରସ୍ପର ମଧ୍ୟରେ ଧସ୍ତାଧସ୍ତି ହୋଇ ଆହତ ହେବାପରେ ଏବେ ଉଭୟ ରାଷ୍ଟ୍ର ଏଲଓଏସିରେ ସାମରିକ ଶକ୍ତି ବୃଦ୍ଧି କରୁଛନ୍ତି ସତ, କିନ୍ତୁ ତାହା ନୂଆଦିଲ୍ଲୀ କିମ୍ବା ବେଜିଂକୁ ବିଶେଷ ବିବ୍ରତ କରିଥିବା ପରି ମନେ ହୁଏନାହିଁ । ବିଶେଷ କରି କରୋନା ମହାମାରୀ ଏବେ ଦୁଇ ରାଷ୍ଟ୍ରଙ୍କୁ ଏତେ ମାତ୍ରାରେ ଆକ୍ରାନ୍ତ କରିରଖିଛି ଯେ ତାହା ସୀମିତ କିମ୍ବା ନିୟମିତ ଯୁଦ୍ଧର ରୂପ ଧାରଣ କରିବା ଅସମ୍ଭବ । ତଥାପି ସୀମା ଉତ୍ତେଜନା ହ୍ରାସ ପାଇଁ ଉଭୟ ଦେଶ ଡୋକଲାମ ଉଦାହରଣକୁ ଆପଣାଇବା ସମସ୍ତଙ୍କ ପାଇଁ ମଙ୍ଗଳ ହେବ ।




## କବିତା ଲେଖନ୍ତି ବସି

**ନିରଞ୍ଜନ ସାହୁ**

ବେଳେବେଳେ ଇଚ୍ଛାହୁଏ
କବିତା ମନସ୍ୱ ହୋଇ
ତାର ମୁଁ ଚୋଳନ୍ତି ଯାଇ
କବିତା ଗାଆଁରେ

ଦେଖି ସେଠି ତାରା ଜହ୍ନ
ଶୁଣିଶୁଣି କୁହୁତାନ
କବିତା ଲେଖନ୍ତି ବସି
କବିତା ନାଆଁରେ ।

ନଈପଠା, ଆମ୍ବତୋଟା
ଗାଈଗୋଠ, ଧୋବାତୁଠ
ନଦୀଘାଟ, ବିଲଘାଟ
ସରସୀରେ ଢ଼ଳଢ଼ଳ କଇଁ

ରାଧାଚୂଡ଼ା, କୃଷ୍ଣଚୂଡ଼ା
କଦମ୍ବ, ତମାଳ ବନ
ବଇଁଶିର ସୁରେ ସୁରେ
ସଂଜ ଧୀରେ ଆସୁଥାନ୍ତା ନଇଁ ।

ଧାଡ଼ି ଧାଡ଼ି ଚାଳଘର
ଡିବିରି ଆଲୁଅ ସାଥେ
ନାଲିଆ ସଡ଼କ କୋଳେ
ଲଙ୍ଗଳା ଛୁଆ

ଜାତି ଜାତି ପର୍ବ ସାଥେ
ନାନା ଜାତି ଗୀତ କେତେ
ରାତି ପାହିଗଲା ବୋଲି
ରାବଇ କୁଆ ।

ଘଞ୍ଚବନ, ଉପବନ
ପଶୁରବ, ପକ୍ଷୀସ୍ୱନ
ଚାଷ ଚଷା, ନାଉରିଆ
ମଶାଣି ଭୂମି

ସୁଖଦୁଃଖ, ହାନିଲାଭ
ରାଜନୀତି, ମହୋତ୍ସବ
ନିଶାପ, କଚୋରୀ, କୋର୍ଟ
କାଡୁଆ କର୍ମୀ ।

କବିତା ଗାଆଁରେ ବସି
ଅନୁଭବି ସବୁକିଛି
କବିତା ଲେଖନ୍ତି ମୁହିଁ
କବିତା ପାଇଁ

କବିତା ହସନ୍ତା କେବେ
କବିତା ରସନ୍ତା କେବେ
କେବେ ଆଡୁରଷା ଦେଇ
ଚାହାନ୍ତା ନାହିଁ ।


+ ସା/ପୋ: ନିହଳପ୍ରସାଦ
ଭାୟା: ଗଁଦିଆପାଟଣା
ଜି: ଢେଙ୍କାନାଳ
ପିନ: ୭୫୯୦୧୬
ମୋ: ୯୯୩୮୭୪୧୫୮୩


## ନିର୍ଜଳା ଏକାଦଶୀ ବା ଭୀମସେନ ଏକାଦଶୀ ବା ପଦ୍ମା ଏକାଦଶୀ

**ଶ୍ରୀହରି ପଣ୍ଡା**

ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଏକାଦଶୀର ନାମ ନିର୍ଜଳା ଏକାଦଶୀ । ଏକଦା ଯୁଧିଷ୍ଠିର ବ୍ୟାସ ଦେବଙ୍କୁ ପଚାରିଥିଲେ,ହେ ଦ୍ୱୈପାୟନ!ମୁଁ ମାନବ ଧର୍ମ ଓ ଜ୍ଞାନ କାଣ୍ଡୀୟ ଧର୍ମ କଥା ଶ୍ରବଣ କରିଅଛି । ସମ୍ପ୍ରତି ଆପଣ ବୈଷ୍ଣବ ଧର୍ମ କଥା ବର୍ଣ୍ଣନା କରନ୍ତୁ । ଏହାର ଉତ୍ତରରେ ବ୍ୟାସଦେବ କହିଲେ,ହେ ରାଜନ! ତୁମେ ଯେଉଁ ସମସ୍ତ ଧର୍ମକଥା ଶ୍ରବଣ କରିଅଛ,ଏହି କଳିଯୁଗରେ ମନୁଷ୍ୟଗଣ ସେହି ସମସ୍ତ ଧର୍ମ ପାଳନ କରିପାରିବେ ନାହିଁ । ଯାହା ସୁଖରେ,ଅଳ୍ପ ଧନରେ,ଅଳ୍ପ କଷ୍ଟରେ ନିଷ୍ପନ୍ନ ହୋଇ ମହାନ ଫଳ ପ୍ରଦାନ କରେ ଏବଂ ସମସ୍ତ ପୁରାଣର ସାର ସ୍ୱରୂପ,ସେ ପ୍ରକାର ଧର୍ମ ହିଁ କଳିକାଳର ମାନବ ପକ୍ଷରେ ସମ୍ଭବପର । ସେହି ଧର୍ମ କଥା ବର୍ଣ୍ଣନା କରୁଛି । ଉଭୟ ପକ୍ଷର ଏକାଦଶୀ ଦିନରେ ଭୋଜନ ନକରି ଦ୍ୱାଦଶୀଦିନ ସ୍ନାନ ପୂର୍ବକ ଶୁଚି ହୋଇ ଶ୍ରୀକୃଷ୍ଣଙ୍କର ପୂଜା କରିବେ,ତାପରେ ବ୍ରାହ୍ମଣଗଣଙ୍କୁ ଭୋଜନ କରାଇ ନିଜକୃତ୍ୟ ସମାପନାନ୍ତେ ଭୋଜନ କରିବେ । ଅଶୌଚ ଆଦିରେ ମଧ୍ୟ ଏହି ବ୍ରତ ପରିତ୍ୟାଗ କରିବେ ନାହିଁ । ସ୍ୱର୍ଗଲାଭ ଇଚ୍ଛା କରୁଥିବା ବ୍ୟକ୍ତିଗଣଙ୍କ ନିମନ୍ତେ ଯାବଜ୍ଜୀବନ ଏହି ବ୍ରତ ପାଳନୀୟ । ପାପକର୍ମରତ ଓ ଧର୍ମହାନୀ ବ୍ୟକ୍ତିଗଣ ମଧ୍ୟ ଯଦି ଏହି ଏକାଦଶୀ ଦିନରେ ଭୋଜନ ନକରନ୍ତି,ତାହାଲେ ସେମାନେ ଯମାଳୟକୁ ଗମନ କରନ୍ତି ନାହିଁ । ବ୍ୟାସଦେବଙ୍କ କଥା ଶୁଣି ସେଠାରେ ଉପସ୍ଥିତ ଥିବା ଭୀମସେନ ପତ୍ରପରି କମ୍ପିବାକୁ ଲାଗିଲେ ଏବଂ କହିଲେ,ହେ ମହାବୁଦ୍ଧି ପିତାମହ ବ୍ୟାସଦେବ! ମାତା କୁନ୍ତୀ, ଦ୍ରୌପଦୀ, ଭ୍ରାତା ଯୁଧିଷ୍ଠିର, ଅର୍ଜୁନ, ନକୁଳ ଓ ସହଦେବ ଏକାଦଶୀରେ ଭୋଜନ କରନ୍ତି ନାହିଁ ଏବଂ ମୋତେ ମଧ୍ୟ ବାରଣ କରନ୍ତି ଭୋଜନ ନକରିବାକୁ କିନ୍ତୁ ମୁଁ ଭୋଜନ ନକରି ରହି ପାରିବି ନାହିଁ ବରଂ ବିଧି ମୁତାବକ ବିଷ୍ଣୁପୂଜା କରିବି । ବ୍ୟାସଦେବ କହିଲେ ଯଦି ତୁମର ସ୍ୱର୍ଗଲୋକର ଇଚ୍ଛା ଅଛି ତାହାଲେ ଉପବାସ ରହିବା ଦରକାର ମାତ୍ର ଭୀମସେନ କହିଲେ ଉପବାସ ତ ଦୂରର କଥା ମୁଁ ଦିନରେ ଥରେ ମାତ୍ର ଭୋଜନ କରି ରହିପାରେ ନାହିଁ,ମୋ ଉଦରରେ ବକ ନାମକ ଅଗ୍ନି ପ୍ରଜ୍ୱଳିତ ଥିବାରୁ ସେ ମୋତେ ଉପବାସ ରହିବାକୁ ଦିଅନ୍ତି ନାହିଁ ଏଣୁ ମୋତେ ଏପରି ଏକ ଏକାଦଶୀ ବିଷୟରେ କୁହନ୍ତୁ ଯେଉଁଥିରେ ଉପବାସ ରହିଲେ ଆଉ କୌଣସି ଦିନରେ ଉପବାସ ରହିବାକୁ ପଡିବ ନାହିଁ ।

ଭୀମଙ୍କର ପ୍ରଶ୍ନରେ ବ୍ୟାସଦେବ କହିଥିଲେ ଜ୍ୟେଷ୍ଠା ଶୁକ୍ଳା ଏକାଦଶୀ ତିଥିରେ ଜଳପାନ ନକରି ଉପବାସ ରହିବେ । ତେବେ ଗଣ୍ଡୁଷ ଆଚମନ ଦୋଷ ବୋଲି ଧରାଯିବ ନାହିଁ । ଏକ ମାଷାସ୍ୱର୍ଣ୍ଣ ବା ସୋରିଷ ପରିମାଣ ମଣି ବା ଗୋଟିଏ ମାଷକଳା ମଧ ବୁଡିଯାଏ,ଏହି ପରିମାଣର ଜଳରେ ଆଚମନ କରିବା ଉଚିତ । ଏହିଦିନ ଅନ୍ନାଦି ଗ୍ରହଣ କଲେ ବ୍ରତଭଙ୍ଗ ହୁଏ । ଏକାଦଶୀ ଦିନର ସର୍ଯ୍ୟୋଦୟଠାରୁ ଦ୍ୱାଦଶୀ ଦିନର ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଜଳପାନ ବର୍ଜନ କଲେ,ଅନାୟାସରେ ଦ୍ୱାଦଶଟି ଏକାଦଶୀର ଫଳଲାଭ ହୋଇଥାଏ । ଦ୍ୱାଦଶୀଦିନର ସୂର୍ଯ୍ୟୋଦୟରେ ସ୍ନାନାଦି ସମାପାନ ଓ ବ୍ରାହ୍ମଣଗଣଙ୍କୁ ଜଳ ଓ ସୁବର୍ଣ୍ଣ ଦାନପୂର୍ବକ ଭୋଜନ କରାଇ କୁଟୁମ୍ବଗଣ ସହ ନିଜେ ଭୋଜନ କରିବା ବିଧି । ଏହିପରି ଦ୍ୱାଦଶୀ ବ୍ରତ ପାଳନ କଲେ ସମ୍ବତ୍ସର ମଧ୍ୟରେ ଯେଉଁ ସମସ୍ତ ଏକାଦଶୀ ଉପସ୍ଥିତ ହୁଏ,ସେହି ଏକାଦଶୀ ସମୂହର ଫଳହିଁ ଏହି ଗୋଟିଏ ମାତ୍ର ବ୍ରତ ଉପବାସରେ ଲାଭ କରାଯାଏ । “ବୃଷସ୍ଥେ ମିଥୁନସ୍ଥେଦ୍ୱର୍କେ ଶୁକ୍ଳା ଏକାଦଶୀ ଭବେତ୍,ଜ୍ୟେଷ୍ଠମାସି ପ୍ରଯତ୍ନେନ ସୋପୋଷ୍ୟା ଜଳବର୍ଜିତା । ସ୍ନାନେ ଚାଚମନେ ଚୈବ ବର୍ଜୟେ ନ୍ନୋଦକଂ ବୁଧଃ,ସଂବତ୍ସରସ୍ୟ ଯା ମଧ୍ୟେଏକାଦଶ୍ୟୋ ଭବନ୍ତୁତ,ତାସାଂ ଫଳମବାପ୍ନୋତି ଅତ୍ର ମେ ନାସ୍ତି ସଂଶୟଃ ।” ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, “ବୈଦିକ ଓ ଲୌକିକ ସମସ୍ତ ଧର୍ମ ପରିତ୍ୟାଗ ପୂର୍ବକ ମନୁଷ୍ୟ ଏକମାତ୍ର ମୋର ଶରଣାପନ୍ନ ହୋଇ ଏକାଦଶୀରେ ନିରାହାର ରହିଲେ ପାପବିମୁକ୍ତ ହୋଇଥାଏ ।” କଳିଯୁଗର ଦ୍ରବ୍ୟଶୁଦ୍ଧି ନାହିଁ । ଅତଏବ କଳିରେ ଶାସ୍ତ୍ରୋକ୍ତି ସଂସ୍କାର ବିଶୁଦ୍ଧ ହୁଏ ନାହିଁ । ସୁତରାଂ ବୈଦିକ ଧର୍ମ କେତେବେଳେ ହେଲେ ସୁସମ୍ପନ୍ନ ହୋଇପାରେ ନାହିଁ । ହେ ଭୀମସେନ! ତୁମକୁ ବହୁତ କଥା କହିବାର ଆବଶ୍ୟକ କଣ ?ତୁମେ ଉଭୟ ପକ୍ଷର ଏକାଦଶୀରେ ଭୋଜନ କରିବ ନାହିଁ,ଯଦି ଏଥିରେ ଅସମର୍ଥ ହୁଅ,ତାହାହେଲେ ଜ୍ୟେଷ୍ଠମାସର ଶୁକ୍ଳପକ୍ଷ ଏକାଦଶୀରେ ଜଳପାନ ବ୍ୟତୀତ ଉପବାସ କରିବ । ଏହି ଏକାଦଶୀ ଧନଧାନ୍ୟ ପ୍ରଦାନ ଓ ପୁଣ୍ୟପ୍ରଦାୟିନୀ-ଏହା ସତ୍ୟ କରି ମୁଁ କହୁଛି ।ଏହି ବ୍ରତପାଳନକାରୀଙ୍କୁ ଯମଦୂତମାନେ ସ୍ପର୍ଶ କରିପାରନ୍ତି ନାହିଁ,ପରନ୍ତୁ ବିଷ୍ଣୁଦୂତଗଣ ସେହି ପରମ ବୈଷ୍ଣବକୁ ବିଷ୍ଣୁଲୋକକୁ ନେଇଯାଆନ୍ତି ।ଏଣୁ ସମସ୍ତ ପ୍ରଯତ୍ନର ସହିତ ଏହି ପାଣ୍ଡବା ନିର୍ଜଳା ଏକାଦଶୀ ବ୍ରତ ପାଳନ କରିବା ଉଚିତ । ସର୍ବତୀର୍ଥେଷୁ ଯତ୍ ପୁଣ୍ୟଂ ସର୍ବଦାନେଷୁ ଯତ୍ ଫଳମ୍ । ତତ୍ ଫଳଂ ସମବାପ୍ନୋତି ଇମାଂ କୃତ୍ୱା ବୃକୋଦର ।

ଏହି ଏକାଦଶୀ ଭୀମସେନ ଏକାଦଶୀ ବା ପଦ୍ମା ଏକାଦଶୀ ଭାବରେ ମଧ୍ୟ ଜନମାନସରେ ପ୍ରସିଦ୍ଧି ଲାଭ କରିଛି । ଉକ୍ତ ତିଥିରେ ଶ୍ରୀକୃଷ୍ଣ-ରୁକ୍ମିଣୀଙ୍କ ବିବାହ ହୋଇଥିବାର ପୌରାଣିକ ସିଦ୍ଧାନ୍ତ ଥିବାରୁ ପ୍ରତ୍ୟେକ ବିଷ୍ଣୁମନ୍ଦିରରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥାଏ । ପୁରୀରେ ମଧ ଏହି ଉତ୍ସବ ପାଳନ କରାଯାଇଥାଏ । ବାମଦେବ ସଂହିତାରେ ଉଲ୍ଲେଖ ଅଛି, ତତୋତ୍କୃଷ୍ଟଂ ରମାଦେବୀ ସ୍ଥାପୟେତ୍ କୁତ୍ରଚିତ୍ ସ୍ଥଳେ , ତତଃ ସାୟଂ ପୂଜନସ୍ୟାପ୍ୟନ୍ତ୍ୟେ ବୈବାହିକୀ କୃତି ।(ବାମ-୨୫/୯) ଏହି ବ୍ରତରେ ସାଧାରଣ ଦ୍ରବ୍ୟ ବ୍ୟତୀତ ସୁବର୍ଣ୍ଣ ବିଷ୍ଣୁ ମୂର୍ତ୍ତି,ତାମ୍ରପାତ୍ର,ବସ୍ତ୍ର,ଘଟ,ନାନାବିଧ ଘୃତପକ୍ୱ ନୈବେଦ୍ୟ ଓ ଆମ୍ବ,ପଣସ,କଦଳୀ,ନଡିଆ ପ୍ରଭୃତି ନାନାପ୍ରକାର ଫଳ ଦରକାର ହୁଏ । ଏହି ବ୍ରତର ଦେବତା ବିଷ୍ଣୁ,ମନ୍ତ୍ର-ଓଁ ତଦ୍ ବିଷ୍ଣୋଃ ପରମଂ ପଦଂ ସଦା ପଶ୍ୟନ୍ତି ସୂରୟଃ ଦିବୀବଚକ୍ଷୁରାତତଂ ।

॥ ଜୟ ଜଗନ୍ନାଥ ॥


ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ
ମୋ.୯୮୫୩୯୪୮୪୫୮


## ତମାଖୁ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ହେଉ

**ପ୍ରଦୀପ୍ତ ଆଚାର୍ଯ୍ୟ**

୧୯୮୭ ମସିହା ଠାରୁ ପ୍ରତ୍ୟେକ ବର୍ଷ ମଇ ମାସର ୩୧ ତାରିଖ ଦିନକୁ ବିଶ୍ୱ ତମାଖୁ ବର୍ଜନ ଦିବସ ରୂପେ ପାଳନ କରା ଯାଉଅଛି। ତମାଖୁ ବ୍ୟବହାର ଜନିତ ସ୍ୱାସ୍ଥ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରାଇ ଏହାର ବ୍ୟବହାରକୁ ବିଶ୍ୱ ସ୍ତରରେ ସୀମିତ ଅଥବା ସମ୍ପୂର୍ଣ୍ଣ ନିଷିଦ୍ଧ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ। ବିଶ୍ୱ ସ୍ୱାସ୍ଥ ସଙ୍ଗଠନ (ଡଏଚ୍ଓ)ର ସଭ୍ୟ ରାଷ୍ଟ୍ର ମାନଙ୍କ ଦ୍ୱାରା ଡକ୍ଟକ୍ସୟ ଘକ୍ଟ ଖ୍ଟ- ଭବମମକ୍ଟ ଉବଚ(ଡଘଖଉ କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ ପାଳିତ ହେଉଅଛି।

ସାଧାରଣତଃ ତମାଖୁ ଦୁଇଟି ଉପାୟରେ ବ୍ୟବହୃତ ହୁଏ। ପ୍ରଥମଟି ଧୂମପାନ କରିଆରେ,ଯଥା-ସିଗାରେଟ,ବିଡି,ହୁକା ଧୂଆଁପତ୍ର ଇତ୍ୟାଦି ,ଏବଂ ଦ୍ୱିତୀୟଟି ଚର୍ବଣ କରିଆରେ,ଯଥା- ପାନ, ପୁଡିଆ, ଗୁଟଖା, ଚିମୋ, ତଥା ପାନରେ ବ୍ୟବହୃତ ଗୁଣ୍ଡି, ଚୂନ, ଜର୍ଦ୍ଦା ଇତ୍ୟାଦି। ଏ ସବୁ ଦ୍ରବ୍ୟ ବ୍ୟବହାରକାରୀ ମାନଙ୍କ ମଧ୍ୟରୁ ପ୍ରତ୍ୟେକ ବର୍ଷ ପ୍ରାୟ ଆଠ ମିଲିୟନ ଅର୍ଥାତ ଅଶୀ ଲକ୍ଷ ଲୋକ ମୃତ୍ୟୁ ବରଣ କରୁଛନ୍ତି। ସର୍ବୋପରି ତମାଖୁ ବ୍ୟବହାର ନକରି ମଧ୍ୟ ବ୍ୟବହାରୀଙ୍କ ପରୋକ୍ଷ ସଂସ୍ପର୍ଶ ରେ ଆସି ବର୍ଷକୁ ୧.୨ ମିଲିୟନ ବା ବାର ଲକ୍ଷ ଲୋକ ମୃତ୍ୟୁ ବରଣ କରୁଛନ୍ତି। ତେଣୁ ଏହି ମୃତ୍ୟୁ ସଂଖ୍ୟାରୁ ଅନୁମେୟ ଯେ ତମାଖୁ ସେବନ କେତେ ଭୟଙ୍କର ।ବର୍ତ୍ତମାନ ଆମେ ତମାଖୁ ବ୍ୟବହାର ଜନିତ ସ୍ୱାସ୍ଥ ସମସ୍ୟା ଗୁଡିକ କଣ,ସେ ବିଷୟରେ ଆଲୋଚନା କରିବା। (୧) ତମାଖୁ ସେବନ ସର୍ବ ପ୍ରଥମେ ଶ୍ୱାସ ଯନ୍ତ୍ର ଉପରେ କୁପ୍ରଭାବ ପକାଇ କର୍କଟ ତଥା କ୍ରମାଗତ ଶ୍ୱାସକ୍ରିୟା ର ସମସ୍ୟା ପରି ଭୟଙ୍କର ରୋଗ ସୃଷ୍ଟି କରାଇଥାଏ ।ଫୁସଫୁସ କର୍କଟର ମୁଖ୍ୟ କାରଣ ତମାଖୁ ସେବନ ଏବଂ ଫୁସଫୁସ କର୍କଟ ଆକ୍ରାନ୍ତ ରୋଗୀଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ତମାଖୁ ସେବନକାରୀ।(୨)ତମାଖୁ ସେବନକାରୀ ମଧ୍ୟ (COPD)Chronic Obstructive Pulmonary Disease ବା ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରିବା ପରି ଅଣାୟତ ରୋଗରେ ଆକ୍ରାନ୍ତ ହୁଅନ୍ତି। ଏହି ରୋଗରେ ଯନ୍ତ୍ରଣା ଦାୟକ କାଶ ଏବଂ ଶ୍ୱାସକ୍ରିୟାରେ ଭୀଷଣ କଷ୍ଟ ଅନୁଭୁତ ହୁଏ।(୩)ଯେଉଁମାନେ ସାଧାରଣତଃ କମ ବୟସରୁ ତମାଖୁ ସେବନ ବା ଧୂମପାନ କରନ୍ତି,ସେମାନଙ୍କର ଫୁସଫୁସ ଅଭିବୃଦ୍ଧିରେ ସମସ୍ୟା ପରିଲକ୍ଷିତ ହୁଏ। ଶିଶୁମାନେ ଯେଉଁମାନେ ଧୂମପାନ କରନ୍ତି ନାହିଁ,କିନ୍ତୁ ତାଙ୍କ ଘରେ ଅନ୍ୟ କୌଣସି ବ୍ୟକ୍ତି ଧୂମପାନରେ ଅଭ୍ୟସ୍ତ ଥାନ୍ତି,ତଥା ସର୍ବସାଧାରଣ ସ୍ଥାନ ମାନଙ୍କରେ ଧୂମପାନ ଜନୀତ ପରୋକ୍ଷ ପ୍ରଭାବରେ ପ୍ରଭାବିତ ହୋଇ,ଶ୍ୱାସ,ଫୁସଫୁସ ପ୍ରଦାହ ଏବଂ ଧଇଁକାଶ ପରି ମାରାତ୍ମକ ରୋଗରେ ଆକ୍ରାନ୍ତ ହୁଅନ୍ତି।(୪)ତମାଖୁ ସେବନକାରୀ ମାଆ ମାନଙ୍କଠାରୁ ଜନ୍ମିତ ସନ୍ତାନ ମଧ୍ୟ ଆକ୍ରାମ୍ଣରୁ ବାଦ୍ ପଡନ୍ତି ନାହିଁ। ସର୍ବେକ୍ଷଣରୁ ଜଣାଯାଏ ଯେ ବର୍ଷକୁ ଷାଠିଏ ହଜାର ଶିଶୁ ଧୂମପାନର ପରୋକ୍ଷ ପ୍ରଭାବରେ ପ୍ରଭାବିତ ହୋଇ,ଶ୍ୱାସକ୍ରିୟା ଜନିତ ରୋଗରେ ପାଂଚ ବର୍ଷ ପୂର୍ବରୁ ମୃତ୍ୟୁ ବରଣ କରୁଛନ୍ତି। (୫)ଆଜିକାଲି ବଜାରରେ ମିଳୁଥିବା ବିଷାକ୍ତ ଗୁଟ୍‌ଖା ସେବନ ଦ୍ୱାରା ଅଧିକାଂଶ ବ୍ୟକ୍ତି ମୁଖ ଗହ୍ୱର କର୍କଟ ପରି ଭୟଙ୍କର ରୋଗର ଶିକାର ହେଉଛନ୍ତି।(୬)ତମାଖୁ ସେବନ ଯକ୍ଷ୍ମା,ହୃଦ୍‌ଘାତ,ଉଚ୍ଚ ରକ୍ତଚାପ,କାର୍ଯ୍ୟ ଦକ୍ଷତା ହ୍ରାସ,ରକ୍ତବାହୀ ନଳୀର ସଙ୍କୋଚନ, ଶରୀର ମଧ୍ୟରେ ରକ୍ତ ଜମାଟ ତଥା ମସ୍ତିଷ୍କ ପକ୍ଷାଘାତ ପରି ସମସ୍ୟାର ସୃଷ୍ଟିକାରୀ।(୭)ଧୁମପାନ ଦ୍ୱାରା ଗୃହ୍ୟାଭନ୍ତର ବାୟୁ ପ୍ରଦୂଷଣ ଏକ ଭୟଙ୍କର ବିପଦ ସୃଷ୍ଟି କରିଥାଏ। କାରଣ ଏହି ଧୂମରେ ଥିବା ୭୦୦୦ ରସାୟନ ମଧ୍ୟରୁ ୬୯ ରସାୟନ ଅତ୍ୟନ୍ତ ଭୟଙ୍କର, ଯାହାକି କର୍କଟ ରୋଗ ସୃଷ୍ଟିର ମୂଖ୍ୟ କାରଣ। ଧୂମପାନରୁ ନିର୍ଗତ ଧୂମ କିଛି ସମୟ ପରେ ଆଖିକୁ ଦୃଶ୍ୟମାନ ହେଉନଥିଲେ କିମ୍ବା ଆଘ୍ରାଣରେ ଜଣା ପଡୁନଥିଲେ ମଧ୍ୟଏହାର ବିଷାକ୍ତ ପ୍ରଭାବ ବାୟୁ ମଣ୍ଡଳରେ ୫ ଘଂଟା ପର୍ଯ୍ୟନ୍ତ ବଳବତର ରହେ। ଅଗ୍ନିର ତିବ୍ରତା ଜାଣି ମଧ୍ୟ ଯେପରି ପତଙ୍ଗ ସେଥିରେ ଝାସ ଦେଇ ମୃତ୍ୟୁ ବରଣ କରିଥାଏ,ସେହିପରି ତମାଖୁ ବ୍ୟବହାର ଜନିତ ଭୟଙ୍କର ପରିଣାମ କୁ ଜାଣି ମଧ୍ୟ ଲୋକମାନେ ସେଥିପ୍ରତି ଆକୃଷ୍ଟ ହେବାର କାରଣ ହେଲା-(୧)ଅପ୍ରାପ୍ତ ବୟସ୍କ ମାନଙ୍କର କୁସଙ୍ଗ ମିଶ୍ରଣ ତମାଖୁ ଅଭ୍ୟାସର ଏକ ପ୍ରଧାନ କାରଣ। ସାଧାରଣତଃ ଲକ୍ଷ କରାଯାଏ ଯେ ଯେଉଁମାନେ ନିଶାଶକ୍ତ,ସେମାନେ ଅନ୍ୟମାନଙ୍କୁ ସେହି ପଥର ପଥିକ ହେବାପାଇଁ,ବାରମ୍ବାର ପ୍ରର୍ବତାଇ ଥାନ୍ତି। ତେଣୁ କମ ବୟସର ପିଲାମାନେ ଅପରିପକ୍ୱ ମସ୍ତିଷ୍କରେ ଭଲ ମନ୍ଦ ଜାଣି ନପାରିବା ଯୋଗୁଁ ଏହି ଫାଶରେ ଛନ୍ଦି ହୋଇ ଯାଇଥାନ୍ତି। ଏହାର କୁପରିଣାମ ଅନୁଭବ କରିବା ବେଳକୁ ଅଭ୍ୟାସ ଛାଡିବା ଅତ୍ୟନ୍ତ କଷ୍ଟକର ହୋଇଥାଏ।(୨) କେତେକ ବ୍ୟକ୍ତି ପାରିବାରିକ ତଥା ସାମାଜିକ ସମସ୍ୟାର ଚାପରୁ ସାମୟିକ ମୁକ୍ତି ନିମନ୍ତେ,ମାନସିକ ଉତେଜନା ବୃଦ୍ଧି ନିମିତ ତମାଖୁର ଆଶ୍ରୟ ନେଇଥାନ୍ତି।(୩)ତମାଖୁ ଉତ୍ପାଦନକାରୀ ମାନଙ୍କର ଆକର୍ଷଣୀୟ ଲୋଭନୀୟ ପ୍ରଚାର ପ୍ରସାର ଦ୍ୱାରା ଯୁବସମାଜ ବହୁଳ ଭାବରେ ଆକର୍ଷିତ ହୋଇ ଏଇ କୁଅଭ୍ୟାସର ଶିକାର ହୋଇଥାନ୍ତି।(୪) ତମାଖୁ ବିକ୍ରୟ ଲବ୍ଧ ଟିକସ ସରକାରଙ୍କର ଏକ ଉତମ ଆୟ ବ୍ୟବସ୍ଥା ହୋଇଥିବାରୁ,ସରକାର ଏହାର ବିକ୍ରୟ ଉପରେ କୌଣସି କଟକଣା ଜାରି ନକରି ଏହାର ପ୍ରସାରକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଅଛନ୍ତି।

ତମାଖୁ ସେବନର ଭୟଙ୍କର ଫଳାଫଳକୁ ଉପଲବ୍ଧି କରି ଆଜି ଏହାର ବ୍ୟବହାର ହ୍ରାସ କିମ୍ବା ସମ୍ପୂର୍ଣ୍ଣ ନିଷିଦ୍ଧ କରାଇବାର ଯଥେଷ୍ଟ ଆବଶ୍ୟକତା ରହିଅଛି। ଏଥି ନିମନ୍ତେ କେତୋଟି ସମ୍ଭାବ୍ୟ ପଦକ୍ଷେପ ଉପରେ ଆଲୋଚନା କରିବା (୧)ସର୍ବପ୍ରଥମେ ତମାଖୁ ବ୍ୟବହାର ଜନିତ ଭୟାବହତାକୁ ଅନୁଧ୍ୟାନ କରି ଏହାକୁ ବ୍ୟବହାର ନକରିବାର ଦୃଢ ମାନସିକତାହିଁ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ଇଚ୍ଛା ଶକ୍ତି ଦୃଢ କରିଲେ ଏ କୁଅଭ୍ୟାସରୁ ମୁକ୍ତି ପାଇବାର ପଥ ସୁଗମ ହୋଇ ପାରିବ।(୨)ସରକାର ଆନ୍ତରିକତାର ସହିତ ଯଦି ଏହାର ଉତ୍ପାଦନ ଉପରେ କଠୋର କଟକଣା ଲାଗୁ କରନ୍ତେ,ତେବେ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇ ପାରନ୍ତା।(୩)ଧୂମପାନ କରୁନଥିବା ବ୍ୟକ୍ତିଙ୍କ ଉପରେ ମଧ୍ୟ ଧୂମପାନର ପରୋକ୍ଷ ପ୍ରଭାବ ପଡୁଥିବାରୁ, ଜନଗହଳିପୂର୍ଣ୍ଣ ସାଧାରଣ ସ୍ଥାନ ମାନଙ୍କରେ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇ ,ଖିଲାପି ମାନଙ୍କୁ କଠୋର ଦଣ୍ଡ ପରିସରଭୁକ୍ତ କରାଇଲେ ଅନେକାଂଶରେ ସୁଫଳ ମିଳନ୍ତା।(୪) ସାଧାରଣତଃ କମ୍ ବୟସର ପିଲାମାନେ ତମାଖୁ ବ୍ୟବହାର ପ୍ରତି ଆକୃଷ୍ଟ ହେଉଥିବାରୁ,ବୟସ୍କ ବ୍ୟକ୍ତି,ଶିକ୍ଷକ ଓ ଗୁରୁଜନ ମାନେ କୋମଳମତି ପିଲା ମାନଙ୍କ ସମ୍ମୁଖରେ ତମାଖୁ ସେବନ ବର୍ଜନ କରିବା ଉଚିତ୍ ଏବଂ ସେମାନଙ୍କ ଦ୍ୱାରା ଏସବୁ ଦ୍ରବ୍ୟ କ୍ରୟ କରାଇବା ଅନୁଚିତ୍।(୫)ତମାଖୁ ସେବନ ନିମନ୍ତେ କରାଯାଉ ଥିବା ବ୍ୟୟର ଆକଳନ ପ୍ରାୟ କେହି କରି ନଥାନ୍ତି। କଥାରେ ଅଛି ପାନ ବିଡି ନୁହେଁ ଛୋଟିଆ ନିଶା, ଜଣା ପଡେ ନାହିଁ ଟାଣେ ପଇସା। ଜୀବନରେ ଏଦିଗରେ ଯେତିକି ବ୍ୟୟ କରାଯାଉଛି,ସେଥିରେ କୌଣସି ଏକ ବଡ କାର୍ଯ୍ୟ କରା ଯାଇପାରନ୍ତା। ଯଦି ଏହି ସତ୍ୟତାକୁ ଜଣେ ବ୍ୟକ୍ତ ଉପଲବ୍ଧି କରିପାରନ୍ତା,ତେବେ ସେ ତମାଖୁ ସେବନରୁ ନିବୃତ ରହି ପାରନ୍ତା।(୬)ବିଦ୍ୟାଳୟ ସ୍ତରରେ ତମାଖୁ ସେବନର ଭୟାବହ ପରିଣତି ବିଷୟରେ କ୍ୱିଜ୍,ପ୍ରବନ୍ଧ,ଚିତ୍ରାଙ୍କନ ତଥା ତର୍କ ପ୍ରତିଯୋଗିତାର ଆୟୋଜନ କରାଇ ପିଲା ମାନଙ୍କ ମନରେ ସଚେତନତା ବୃଦ୍ଧି କରାଇଲେ ଅନେକାଂଶରେ ସୁଫଳ ମିଳି ପାରନ୍ତା।(୭) ପ୍ରଶାସନର ଆନ୍ତରିକ ପ୍ରଚେଷ୍ଟା ଏବଂ ଜନସାଧାରଣଙ୍କ ଦୃଢ ମାନସିକତା ଏ ଦିଗରେ ସର୍ବାଗ୍ରେ ଆବଶ୍ୟକ। ତେଣୁ ଏ ଦେଶର ପ୍ରତ୍ୟେକ ନାଗରିକ,ମାନବ ସମାଜକୁ ଏକ ସୁନିର୍ଶ୍ଚିତ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ,ତମାଖୁ ବ୍ୟବହାର ହ୍ରାସ ତଥା ସମ୍ପୂର୍ଣ୍ଣ ନିଷିଦ୍ଧ ନିମନ୍ତେ ଶତ ପ୍ରତିଶତ ପ୍ରୟାସ ଜାରି ରଖିବାକୁ ଶପଥ ନେବା ଉଚିତ୍।


ଈଶାଣୀବ୍ରହ୍ମପୁର,କଟକ
ମୋ-୬୩୭୧୫୯୩୨୨୦


## କରୋନା : ଭାରତ ଲାଲ୍ ହୋଇଯିବ କି !

**ବିପିନ ବିହାରୀ ମହାନ୍ତି**

ଇତିହାସରୁ ପଞ୍ଜାବର ମହାରାଜା ରଣଜିତ ସିଂହ (୧୭୮୦-୧୮୩୯)ଙ୍କ ସଂପର୍କରେ ଆମେ ଜାଣୁ । ଐତିହାସିକ ମାନଙ୍କ ମତରେ ସେ ଥିଲେ ଆକବର ଶିବାଜୀଙ୍କ ପ୍ରତିଭାର ଏକ ଅପୂର୍ବ ସମନ୍ୱୟ । ଫରାସୀ ପରିବ୍ରାଜକ ଭିକ୍‌ଟର କାକମଣ୍ଟଙ୍କ ମତରେ ରଣଜିତ ସିଂହ ହେଉଛନ୍ତି ଜଣେ ଅସାଧାରଣ ବୀର ପୁରୁଷ ଯିଏ କି ନେପାଲିୟନ ବୋନାପାର୍ଟଙ୍କ ଏକ କ୍ଷୁଦ୍ର ସଂସ୍କରଣ। ଯେତେବେଳେ ନେପୋଲିୟନ ଦିଗ୍‌ବିଜୟରେ ବ୍ୟସ୍ତ ଥିଲେ, ସେତେବେଳେ ଇଂରେଜମାନେ ଭାରତରେ ତାଙ୍କ ସାମ୍ରାଜ୍ୟ ବିସ୍ତାରରେ ଲାଗିପଡ଼ିଥାନ୍ତି । ଠିକ୍ ଏତିକି ବେଳେ ରଣଜିତ ସିଂହ ଶିଖମାନଙ୍କର କ୍ଷୁଦ୍ର କ୍ଷୁଦ୍ର ରାଜ୍ୟକୁ ନେଇ ଏକ ବିଶାଳ ଶିଖ୍ ସାମ୍ରାଜ୍ୟ ଗଢ଼ିବାରେ ଲାଗିପଡ଼ିଥାନ୍ତି । ଇଂରେଜମାନଙ୍କର ନେପୋଲିୟନଙ୍କ ପ୍ରତି କାଳେ ଭାରତ ଆକ୍ରମଣ କରିଦେବେ ବୋଲି ଯେତିକି ଭୟ ଥିଲା, ରଣଜିତ ସିଂହଙ୍କୁ ରାଜ୍ୟ ଜୟରେ ପ୍ରତିହତ କରିବାରେ ସେତିକି ଡର ମଧ୍ୟ ଥିଲା। ଅଥଚ ଭାରତକୁ ସଂପୂର୍ଣ୍ଣ ଆକ୍ତିଆର କରିବାରେ ଇଂରେଜମାନଙ୍କର ପ୍ରବଳ ଇଚ୍ଛା ମଧ୍ୟ ଥିଲା। ଏଣୁ ରଣଜିତଙ୍କୁ ନିଜ ଆଡକୁ ଟାଣିବାରେ ତାଙ୍କ କୂଟନୀତି ପ୍ରୟୋଗ କରି ତିନିଗୋଟି ସନ୍ଧି ଯଥାକ୍ରମେ ଖ୍ରୀଷ୍ଟାବ୍ଦ ୧୮୦୦, ଖ୍ରୀଷ୍ଟାବ୍ଦ ୧୮୦୫-୦୬ ଓ ଖ୍ରୀଷ୍ଟାବ୍ଦ୧୮୦୯ରେ କରିଥିଲେ । ଶେଷୋକ୍ତ ସନ୍ଧିଟି ଥିଲା ଅମୃତସର ସନ୍ଧି । ଏହି ସନ୍ଧି ଅନୁସାରେ ସତ୍‌ଲେଜ ନଦୀର ଦକ୍ଷିଣପୂର୍ବ ପାର୍ଶ୍ୱରେ ଥିବା ସମସ୍ତ ଅଂଚଳରେ ରଣଜିତ ତାଙ୍କ ସାମ୍ରାଜ୍ୟ ବିସ୍ତାର କରିପାରିବେ ନାହିଁ; କିନ୍ତୁ ଏହାର ଅପରପାର୍ଶ୍ୱରେ ସେ ସାମ୍ରାଜ୍ୟ ବିସ୍ତାର କରିପାରନ୍ତି । ଏହି ଅମୃତସର ସନ୍ଧିଟି ଥିଲା ରଣଜିତଙ୍କ ପାଇଁ ଏକ କୂଟନୈତିକ ପରାଜୟ । ଏହି ଚୁକ୍ତିର କେଇଦିନ ପରେ ରଣଜିତ ସିଂହ ଦେଖିଲେ ଯେ ସତଲେଜ ନଦୀର ଦକ୍ଷିଣପୂର୍ବ ପାର୍ଶ୍ୱ ବ୍ରିଟିଶ/ଭାରତ ମାନଚିତ୍ରରେ ଲାଲ ହୋଇଯାଇଛି । ବ୍ରିଟିଶ ନୀତି ଅନୁସାରେ ଭାରତର ଯେଉଁ ଅଂଚଳଟି ତାଙ୍କ ଶାସନାଧିନ ହେଉଥିଲା ମାନଚିତ୍ରରେ ସେ ଅଂଶଟି ନାଲିରଙ୍ଗରେ ରଂଜିତ କରୁଥିଲେ । ଏଥିରେ ରଣଜିତ ସିଂହ ଗଭୀର ଦୁଃଖ ପାଇ କହିଥିଲେ ଯଦି ଇଂରେଜମାନଙ୍କର ପ୍ରତିରୋଧ ରୋକା ନଯାଏ, ଦିନେ ସମଗ୍ର ଭାରତ ଲାଲ ହୋଇଯିବ (ଭାରତ ଲାଲ ହୋ ଯାଏଗା) । ତାହାହିଁ ହେଲା ଏବଂ ଯେଉଁ ରଙ୍ଗକୁ ଉଠାଇବାକୁ ଭାରତୀୟମାନଙ୍କୁ ୧୫୦ରୁ ଊର୍ଦ୍ଧ୍ୱ ସମୟ ଲମ୍ବା ଲଢ଼େଇ କରିବାକୁ ପଡ଼ିଥିଲା । ପୁନଶ୍ଚ ଇଂରେଜମାନଙ୍କ ପରି ସେହି ସମୟରେ ଭାରତରେ ପର୍ତ୍ତୁଗୀଜ, ଦିନାମାର, ବୋଲନ୍ଦାଜ ଓ ଫରାସୀମାନେ ମଧ କିଛି କିଛି ଅଂଚଳ ଭାରତର ଦଖଲ କରି ସେଠାରେ ଶାସନ ବା ବ୍ୟବସାୟ ଚଳାଉଥିଲେ । ସେହି ଅଂଚଳଗୁଡିକୁ ସେମାନେ ତାଙ୍କର ନିଜସ୍ୱ ରଙ୍ଗରେ ରଂଜିତ କରି ଚିହ୍ନିତ କରିଥିଲେ । ଏଠାରେ ଏ କଥାର ଆଲୋଚନା କରିବାର ପ୍ରାସଙ୍ଗିକତା ଏହି ଯେ ବିଦେଶୀମାନଙ୍କ ପରି କରୋନା ଭାଇରସ୍ ଆମ ପାଇଁ ଏକ ବୈଦେଶିକ ଶତ୍ରୁ ଏବଂ ରୋଗ । ଯାହାର ଜନ୍ମ ଡିସେମ୍ବର ୨୦୧୯ରେ ଚୀନ୍‌ରୁ ହୋଇଛି । ଏହା ଖାଲି ଭାରତ ନୁହେଁ, ସମଗ୍ର ବିଶ୍ୱର ୨୧୩ଟି ରାଷ୍ଟ୍ର ଓ ୨ଟି ଜାହାଜକୁ ସଂକ୍ରମିତ କରିଛି । ଆଜିର ଦିନରେ ଏହି ସଂକ୍ରମଣରେ ବିଶ୍ୱର ପ୍ରାୟ ୬,୧୬୨,୫୧୬ ଲକ୍ଷରୁ ଊର୍ଦ୍ଧ୍ୱ ୩୭୧,୦୩୭ ଲୋକଙ୍କର ମୃତ୍ୟୁ ଘଟିଲାଣି । ଭାରତରେ ଏହି ସଂକ୍ରମିତଙ୍କ ସଂଖ୍ୟା ୧,୮୨,୪୯୦ ଏବଂ ଏଥିରେ ମୃତ୍ୟୁର ଶିକାର ହୋଇଥିବା ସଂଖ୍ୟା ୫୧୮୬। ଓଡ଼ିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୧,୯୪୮, ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୮୮୯, ଆରୋଗ୍ୟ ଲାଭ କରିଛନ୍ତି ୧୦୫୦ ଏବଂ ମୃତକଙ୍କ ସଂଖ୍ୟା ମାତ୍ର ୭ । ବିଶ୍ୱ, ଦେଶ ଏବଂ ଆମ ରାଜ୍ୟ ଓଡ଼ିଶାକୁ ବିଚାରକୁ ନେଲେ ଅବଶ୍ୟ ଓଡ଼ିଶାର ସ୍ଥିତି ଏକ ପ୍ରକାର ନିୟନ୍ତ୍ରଣାଧୀନ ଅଛି । ଦୁଃଖ ଯେ ମହାମାରୀ କରୋନା ବିଶ୍ୱକୁ ଏପରି କବଳିତ କରିଛି ଯେ, ଦୈନିକ ଏଥିରେ ହଜାର ହଜାର ଆକ୍ରାନ୍ତ ଏବଂ ମୃତ୍ୟୁବରଣ କରୁଛନ୍ତି ।

(କ୍ରମଶଃ)

# ସ୍ୱାମୀଙ୍କ ଅସହଯୋଗ ଯୋଗୁଁ ଚାକିରି ଛାଡ଼ନ୍ତି ମହିଳା



ସମ୍ପ୍ରତି ମହିଳା ଓ ପୁରୁଷ ସମସ୍ତେ ସାମଲମ୍ବୀ ହେବାକୁ ଇଚ୍ଛୁକ। ବିବାହ ପୂର୍ବରୁ ଚାକିରି କରିବାରେ ମହିଳାମାନେ ବିଶେଷ ଅସୁବିଧାରେ ସମ୍ମୁଖୀନ ହୋଇ ନ ଥାନ୍ତି। କିନ୍ତୁ ବିବାହ ପରେ ସ୍ୱାମୀଙ୍କ ଅସହଯୋଗ ଯୋଗୁ ବାଧ ହୋଇ ସେମାନେ ଚାକିରି ଛାଡିଥାନ୍ତି ବୋଲି କୋର୍ଣ୍ଣେଲ୍ ବିଶ୍ୱବିଦ୍ୟାଳୟର କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି। ଅଫିସରୁ ଫେରି ସ୍ୱାମୀ ଥକି ପଡି ବିଶ୍ରାମ ନେଇଥାନ୍ତି। ସ୍ୱାମୀଙ୍କ ପରି ପତ୍ନୀ ମଧ୍ୟ ସମାନ ସମୟ ପର୍ଯ୍ୟନ୍ତ ଅଫିସ କାର୍ଯ୍ୟକରି ଫେରୁଥିଲେ ହେଁ ସେ ଘରର ସବୁ କାର୍ଯ୍ୟ କରନ୍ତି। ଥକିପଡିବା ସତ୍ତ୍ୱେତାଙ୍କୁ ସାମାନ୍ୟ ସହଯୋଗ ମିଳେ ନାହିଁ। ଫଳରେ ବାଧ ହୋଇ ମହିଳାମାନେ ସେମାନଙ୍କ ହାଇପ୍ରୋଫାଇଲ ଚାକିରିକୁ ମଧ ଛାଡିଥାନ୍ତି। କୋର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନୀ ୟୋଉଙ୍ଗ ଜୋ ଚା ଅନୁଧ୍ୟାନରୁ ଜାଣିବାକୁ ପାଇଛନ୍ତି ଯେ, ଯେଉଁ ମହିଳାମାନଙ୍କ ସ୍ୱାମୀପ୍ରାହକୁ ୬୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ କରନ୍ତି ସେମାନେ ନିଜ ଚାକିରି ଛାଡିବା ସମ୍ଭାବନା ଅନ୍ୟ ମହିଳାମାନଙ୍କ ତୁଳନାରେ ୪୨ ପ୍ରତିଶତ ଅଧିକ। ସେହିପରି ସନ୍ତାନସନ୍ତତି ଥିବା ମହିଳାମାନେ ଚାକିରି ଛାଡିବାର ଆଶଙ୍କା ୧୧୨ ପ୍ରତିଶତ ଅଧିକ। ପରିବାରର ରକ୍ଷଣାବେକ୍ଷଣ ମହିଳାମାନଙ୍କ ପ୍ରଥମ କର୍ତ୍ତବ୍ୟ ହୋଇଥିବାରୁ ଏଥିନେଇ ସେମାନଙ୍କୁ ଅଧିକ ସମୟ ଦେବାକୁ ପଡେ। ଫଳରେ ସେମାନେ ଅଫିସ କାର୍ଯ୍ୟ ପାଇଁ ବେଶି ସମୟ ଦେଇପାରନ୍ତି ନାହିଁ। ଯାହାକୁ କି ସେମାନଙ୍କର ଏକ ଦୁର୍ବଳତା ଭାବେ ବିବେଚନା କରାଯାଏ। ଅଧିକାଂଶ ସମୟ ଅଫିସ ସମୟକୁ ନେଇ ଚାକିରିଆ ସ୍ତ୍ରୀ ଏବଂ ସ୍ୱାମୀଙ୍କ ମଧ୍ୟରେ ବିତର୍କ ସୃଷ୍ଟି ହୋଇଥାଏ। ଏହି ବିର୍ତକ ତିବ୍ର ହେଲେ ଅଧିକାଂଶ ପରିବାରର ସ୍ୱାମୀଙ୍କ ଚଜାକିରିକୁ ପ୍ରାଥମିକତା ଦିଆଯାଏ ଓ ସ୍ତ୍ରୀ ବାଧ ହୋଇ ଚାକିରି ଛାଡନ୍ତି। ବିଶେଷ କରି ପେଶଦାର କର୍ମଚାରୀ ଏବଂ ମ୍ୟାନେଜରମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ବେଶୀ ଦେଖାଯାଏ। ଏହି କାରଣ ଯୋଗୁ ଅଧିକାଂଶ ଦମ୍ପତି ଶେଷରେ ଏକ ପୃଥକ୍ ପରିବେଶ ମଧ୍ୟରେ ରୁହନ୍ତି, ଯେଉଁଠି ବିର୍ତକରେ ଚାକିରିଆ ସ୍ୱାମୀଙ୍କ ବିଜୟ ହୋଇଥାଏ ଏବଂ ପତ୍ନୀ ଚାକିରି ଛାଡି ଗୃହିଣୀ ସାଜିଥାନ୍ତି।

# ସୌନ୍ଦର୍ଯ୍ୟର ରହସ୍ୟ ରୋଷେଇ ଘର



**ଟମାଟୋ:** ଟମାଟୋ ରସକୁ କିଛି ଟୋପା ଲେମ୍ବୁ ରସ ସହ ମିଶାଇ ଲଗାଇଲେ ତ୍ୱଚା କୋମଳ ହେବସହ ସତେଜ ଦେଖାଯାଏ।

**କମଳା:** କମଳାରୁ ରସ ବାହାର କରି ଏହି ରସକୁ ଲଗାଇଲେ ତ୍ୱଚା କୋମଳ ରହେ। ଖାଲି ସେତିକି ନୁହେଁ, କମଳା ଚୋପାକୁ ଗୋଲାପ ଜଳ ଏବଂ ବେସନ ସହ ମିଶାଇ ଲଗାଇଲେ ବ୍ରଣ ସମସ୍ୟା ଦୂର ହେବା ସହ ଗୋରାପଣ ଆସିଥାଏ।

# ଚାପ ମସ୍ତିଷ୍କର ବୃଦ୍ଧି ହ୍ରାସକାରୀ



ଶୈଶବରେ ମସ୍ତିଷ୍କର ଦ୍ରୁତ ବିକାଶ ଘଟିଥାଏ। ଏହି ସମୟରେ ପିଲାଙ୍କୁ ଘରେ କିମ୍ବା ବିଦ୍ୟାଳୟରେ ଗାଳି ଦେଲେ, ସେମାନଙ୍କ ଉପରେ ଅତ୍ୟଧିକ ବିରକ୍ତ ହେଲେ, ଶାରୀରିକ ଦଣ୍ଡ ଦେଲେ ସମାନଙ୍କ ମସ୍ତିଷ୍କ ଉପରେ ନାନା ନକରାତ୍ମକ ପ୍ରଭାବ ପଡ଼ିପାରେ। ଜର୍ନାଲ ଅଫ୍ ବାୟୋଲୋଜିକାଲ୍ ସାଇକିଆଟ୍ରିରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ଆମ ମସ୍ତିଷ୍କ ଅନ୍ତର୍ଗତ ଆମିଗ୍ଡାଲା ଓ ହିପୋକାମ୍ପସ୍ ଶୈଶବରେ ଭାବନା ଓ ସ୍ମୃତି ଶକ୍ତି ପ୍ରଖର କରାଇବାରେ ସହାୟକ ହୁଅନ୍ତି। ବୟସ ବଢ଼ିବା ସହ ଉପଯୁକ୍ତ ପରିବେଶ ଓ ଯତ୍ନ ମାଧ୍ୟମରେ ଏ ଦୁଇଟିର ବିକାଶ ଘଟେ। ପିଲାଙ୍କ ଉପରେ ଚାପ ପଡ଼ିଲେ, ଆମିଗ୍ଡାଲା ଓ ହିପୋକାମ୍ପସ୍ ଠିକ୍ ଭାବେ ବିକଶିତ ହୋଇପାରନ୍ତି ନାହିଁ। ଦାରିଦ୍ର୍ୟ ଓ ଅବହେଳା ଯୋଗୁଁ ମଧ୍ୟ ପିଲାମାନେ ମନସ୍ତାପରେ ରହନ୍ତି। ପରିଣାମସ୍ୱରୂପ ଆମିଗ୍ଡାଲା ଓ ହିପୋକାମ୍ପସ୍‌ର ବିକାଶରେ ବାଧା ସୃଷ୍ଟି ହୁଏ। ତେଣୁ, ପିଲାଙ୍କୁ ଚାପମୁକ୍ତ ରଖାଯିବା ଉଚିତ।

## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ। ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ।

# ଜାଣିନ୍ତି କି ?

ଯଅ ପୁଷ୍ଟିସାର ଓ ତନ୍ତୁରେ ପରିପୂର୍ଣ୍ଣ। ରକ୍ତରେ କୋଲେଷ୍ଟ୍ରେଲ୍ ପରିମାଣ ଠିକ୍ ରଖୁଥିବାରୁ ହୃତପିଣ୍ଡର ସ୍ୱାସ୍ଥ୍ୟ ପାଇଁ ଭଲ। ରକ୍ତ ନଳିରେ ଚର୍ବି ଜମିବାକୁ ଦିଏନାହିଁ। ହୃଦରୋଗ, ହୃଦ୍‌ଘାତ ଆଶଙ୍କା କମାଏ। ନିୟମିତ ଯଅ ଖାଉଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ହୃଦ୍‌ରୋଗ ଆଶଙ୍କା ସାତ ପ୍ରତିଶତ କମ୍। ଟାଇପ୍-୨ ମଧୁମେହ ରୋଗୀଙ୍କ ପାଇଁ ଯଅ ଉତ୍ତମ ଆହାର। ଯୁଅ ଓଜନ ବଢ଼ିବାକୁ ଦିଏନାହିଁ।

ସବୁଜ ଚାହାର ମୁଖ୍ୟ ଉପଦାନ ପଲିଫେନଲ୍ ଓ ଫ୍ଲାବନୋଏଡ୍ ଆନ୍ଟି -ଅକ୍ସିଡାନଟ୍। ନିୟମିତ ସବୁଜ ଚାହା ପିଇଲେ, ରକ୍ତ ସଂଚାଳନ ସକ୍ରିୟ ରହେ ଓ ଅନାବଶ୍ୟକ ଚର୍ବି ନଷ୍ଟ ହୁଏ। ରୋଗ ପ୍ରତିରୋଧକ ଶକ୍ତିବଢ଼େ। କାଶ-କଫ ସମସ୍ୟା ଦୂରହୁଏ। ସ୍ମରଣ ଶକ୍ତି ବଢ଼େ। ସକାଳେ ସବୁଜ ଚାହା ପାନ ଅଧିକ ଉପକାରୀ।



ଲାଉ କର୍କଟ ପ୍ରତିରୋଧୀ। ଲାଉ ରସରେ ଥିବା ଲେକ୍ ଟିନ୍ ପୁଷ୍ଟିସାର କର୍କଟ କୋଷ ବଢବାକୁ ଦିଏନାହିଁ। ଲାଉ ରସ ପିଥଲେ, ଉଚ୍ଚ ରକ୍ତଚାପ ଓ ମଧୁମେହ ନିୟନ୍ତ୍ରଣରେ ରହେ ଏବଂ ଓଜନ ବଢ଼େନାହିଁ।

ତରଭୁଜ ମଞ୍ଜି ଲୌହ, ଜିଙ୍କ୍, ମାଗନେସିଅମ୍, ତନ୍ତୁ ଓ ପୁଷ୍ଟିସାରରେ ଭରପୂର। ଏହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ। ମଧୁମେହ ଓ ହୃଦ୍‌ରୋଗରୁ ସୁରକ୍ଷା ଦିଏ। ସ୍ନାୟୁ ଓ ପେଶୀ ଦୁର୍ବଳତା କମାଏ। ଏହାକୁ କଞ୍ଚା କିଂବା ସିଝାଇ ଖିଆଯାଇପାରେ।

# ଝାଡୁ ବ୍ୟବହାରର ନିୟମ

ଘର ଝାଡୁ କଲେ ଓ ପୋଛି ସଫା ଓ ସ୍ୱଚ୍ଛ ହୋଇଥାଏ। ଶାସ୍ତ୍ର ଅନୁସାରେ, ଝାଡୁକୁ ମହାଲକ୍ଷ୍ମୀଙ୍କର ଏକ ସ୍ୱରୂପ ବୋଲି କୁହାଯାଏ। ଝାଡୁ ସାହାଯ୍ୟରେ ଦାରିଦ୍ର୍ୟ ଦୂରହୁଏ, ଘରର କୋଣ ଅନୁକୋଣ ସଫା ରହିଲେ ଅନେକ ବାସ୍ତୁ ଦୋଷ ମଧ୍ୟ କଟିଯାଏ। ତେବେ ଆସନ୍ତୁ ଜାଣିବା



ଘର ଝାଡୁ କରୁଥିବା ବେଳେ କିମ୍ବା ପୋଛୁଥିବା ବେଳେ କ'ଣ ସବୁ ନିୟମ ମାନିବା ଉଚିତ୍।

ଝାଡୁ କେଉଁଠି ଓ କିପରି ରଖିବା ଘରର ଖୋଲା ସ୍ଥାନରେ ଝାଡୁ ରଖିବା ଅଶୁଭ ହୋଇଥାଏ, ଏହାକୁ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରଖିବା ଉଚିତ୍।

- ଭୋଜନ କକ୍ଷରେ ଝାଡୁ ରଖିବା ଅନୁଚିତ, କୁହାଯାଏ ଶସ୍ୟ ଶୀଘ୍ର ସରିଯିବ ନଚେତ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ।

ରାତି ସମୟରେ ଘର ବାହାରେ କବାଟ ପାଖରେ ଝାଡୁ ରଖିଲେ ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ। କେବଳ ରାତି ସମୟରେ ଝାଡୁ ବାହାରେ ରଖିବେ ଦିନ ବେଳେ ଲୁଚାଇ ରଖିବା ଉଚିତ।

- ଘର ପୋଛୁଥିବା ବେଳେ, ପାଣିରେ କିଛି ଲୁଣ ମିଶାଇ ପୋଛିଲେ ଭଲ। ଏପରି କଲେ ଚଟାଣରେ ଥିବା ସୂକ୍ଷ୍ମ ଜୀବାଣୁ ନଷ୍ଟ ହେବା ସହିତ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିନଥାଏ।

# ନିୟନ୍ତ୍ରଣ କରନ୍ତୁ ୟୁରିକ୍ ଏସିଡ୍




ଖାଦ୍ୟପେୟକୁ ନିୟନ୍ତ୍ରଣ କରି ଶରୀରରେ ୟୁରିକ ଏସିଡ୍ ମାତ୍ରାକୁ ନିୟନ୍ତ୍ରଣରେ ରଖାଯାଇପାରିବ। ହାଡ଼ ବିନ୍ଧିବାର ମୁଖ୍ୟ କାରଣ ୟୁରିକ୍ ଏସିଡ୍ ମୂତ୍ର ରୂପରେ ଶରୀରରୁ ବାହାରିଯାଇଥାଏ। କିନ୍ତୁ ବେଳେବେଳେ ଏହାର ମାତ୍ରା ଶରୀରରେ ଅଧିକ ହେଲେ ସମସ୍ୟା ସୃଷ୍ଟି ହୋଇଥାଏ। ତେବେ ଖାଦ୍ୟପେୟରେ ଭିଟାମିନ ସି ର ମାତ୍ରା ଅଧିକ ରହିଲେ ମାସେ ବା ଦୁଇମାସରେ ୟୁରିକ ଏସିଡ୍ ନିୟନ୍ତ୍ରଣ ହୋଇପାରିବ। ସଂତୃପ୍ତ ଓ ଟ୍ରାନ୍ସଫ୍ୟାଟ୍ ଖାଦ୍ୟ ଶରୀରରେ ୟୁରିକ ଏସିଡ ମାତ୍ରା ବୃଦ୍ଧି କରିଥାଏ। ତେଣୁ ବେକାରୀ ଖାଦ୍ୟ ଯେପରିକି ପେଷ୍ଟ୍ରିଜ, କୁକିଜ୍ ଆଦିରୁ ଦୂରେଇ ରୁହନ୍ତୁ। ଭୋଜନରେ ଫାଇବର ଖାଦ୍ୟ ଅଧିକ ସାମିଲ କରନ୍ତୁ। ମୂତ୍ର ସମ୍ବନ୍ଧିତ ସମସ୍ତ ସମସ୍ୟାକୁ ଦୂର କରିଥାଏ ଜୁଆଣୀ, ତେଣୁ ଜୁଆଣି ଖାଆନ୍ତୁ। ଚେରୀରେ ଥିବା ରାସାୟନିକ ତତ୍ତ୍ୱ ମଧ୍ୟ ୟୁରିକ ଏସିଡ଼ ମାତ୍ରାକୁ ନିୟନ୍ତ୍ରଣ କରିଥାଏ। ସେହିଭଳି ଆପଲ ସିରକା, ଉଷୁମ ଲେମ୍ବୁପାଣି ଆଦି ନିୟମିତ ଖାଦ୍ୟରେ ସାମିଲ କରନ୍ତୁ। ଏହା ୟୁରିକ ଏସିଡ଼କୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ।

# କେଶର ଘରୋଇ ଉପଚାର

**ସୁସ୍ଥ ଓ ସୁନ୍ଦର କେଶ ପାଇବାକୁ ହେଲେ ତାହାର ଯତ୍ନ ନେବା ନିହାତି ଜରୁରୀ। ପାର୍ଲର ନ ଯାଇ ଘରୋଇ ଉପାୟରେ ବି କେଶ ଝଡ଼ିବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ପାଇପାରିବେ। ଜାଣନ୍ତୁ ସେ ସମ୍ପର୍କରେ...**



ପିଆଜ ରସକୁ ୧୦ରୁ ୧୫ମିନିଟ ପର୍ଯ୍ୟନ୍ତ କେଶ ମୂଳରେ ଲଗାଇ ।ମ୍ପୋରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କରନ୍ତୁ, ଦେଖିବେ କେଶ ଝଡ଼ିବା ବନ୍ଦ ହୋଇଯିବ। ଆପଣ ଚାହିଁଲେ ପିଆଜ ରସ ବଦଳରେ ଆଳୁ ରସ ମଧ ବ୍ୟବହାର କରିପାରିବେ।

ନଡ଼ିଆ କ୍ଷୀର, ଫାଳେ ଲେମ୍ବୁ ରସ, ଚାରିବୁନ୍ଦା ଲାଭେଣ୍ଡର ଅଏଲ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ କେଶ ମୂଳରେ ଲଗାଇ ୪/୫ ଘଣ୍ଟା ପରେ ଧୋଇ ଦିଅନ୍ତୁ।

କେଶକୁ ଶାମ୍ପୋରେ ଧୋଇବା ପରେ ପାଣିରେ ଆପଲ ସିରକା ମିଶାଇ ପୁଣି ଥରେ କେଶ ଧୁଅନ୍ତୁ। ଏପରି କଲେ କେଶ ଲମ୍ବା ହେବା ସହ ଏଥିରେ ଚମକ ଆସିଥାଏ।

ଦୁଇ ଚାମଚ ଅଁଳା ପାଉଡର ବା ଅଁଳା ରସରେ ଦୁଇ ଚାମଚ ଲେମ୍ବୁ ରସ ମିଶାଇ କେଶରେ ଲଗାନ୍ତୁ। ଶୁଖିଯିବା ପରେ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏହା କେଶ ଝଡ଼ିବା ବନ୍ଦ କରିବା ସହ କେଶ ବଢ଼ିବାରେ ସାହାଯ୍ୟ କରିଥାଏ।

ଉଷୁମ ଥିବା ଗ୍ରୀନ ଟିକୁ କେଶ ମୂଳରେ ଲଗାଇ ଏକ ଘଣ୍ଟା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କଲେ କେଶରେ ଚମଚ ଆସିଥାଏ।

ମେଥିରେ ଥିବା ନିକୋଟିନ୍ ଏସିଡ୍ ଏବଂ ପ୍ରୋଟିନ୍ କେଶ ପାଇଁ ବେଶ୍ ଉପକାରୀ। ତେଣୁ ମେଥିରେ ସାମାନ୍ୟ ପାଣି ମିଶାଇ ଗ୍ରାଇଣ୍ଡି କରନ୍ତୁ। ଏଥିରେ ଅଳ୍ପ ନଡ଼ିଆ ତେଲ ମିଶାଇ କେଶ ରେ ଲଗାନ୍ତୁ। ଅଧଘଣ୍ଟା ପରେ ଧୋଇଦିଅନ୍ତୁ। ଏହା ପ୍ରାକୃତିକ ରଙ୍ଗ ବଜାୟ ରଖିବାରେ ସାହାଯ୍ୟ କରିଥାଏ।

ଅଣ୍ଡାର ଧଳା ଅଂଶ, ଏକ ଚାମଚ ମହୁର ମିଶ୍ରଣକୁ କେଶ ମୂଳରେ ଲଗାନ୍ତୁ। ୨୦ ମିନିଟ୍ ପରେ ଶାମ୍ପୋରେ ଧୋଇ ଦିଅନ୍ତୁ। ଏହା କେଶକୁ ସୁସ୍ଥ ରଖିଥାଏ।

# ୩୦ କେଜିର ବନ୍ଧାକୋବି



ବ୍ରିଟେନର ,କ ୭୫ବର୍ଷୀୟ କୃଷକ ୩୦ କିଲୋଗ୍ରାମର ବନ୍ଧାକୋବି ଚାଷ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ତେବେ ଏହି କୋବିଟିର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାର ଲାଗିଛି ଯାହାକୁ ଦେଖି ପୂରା ଦୁନିଆ ଆଶ୍ଚର୍ଯ୍ୟ ହୋଇଛି। ଏହି କୋବିକୁ ଚାଷ କରିଥିବା କୃଷକଟିର ନାମ ଇୟାନ ଅଟେ। ଇୟାନ ତାଙ୍କର ଏହି କୋବିଟିକୁ" ୟାର୍କଶାୟରର ଆର୍ଟମ୍ନ ଫ୍ଲାଓ୍ୱର ଶୋ" ରେ। ପଦର୍ଶନ କରିଥିଲେ। ଏହାପରେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ଶୋ'ରେ ସାମିଲ ହେବାକୁ ଆସିଥିବା ପ୍ରତିଟି ପ୍ରତିଯୋଗୀ ତାଙ୍କର ପ୍ରଶଂସା କରିଥିଲେ। ଲୋକମାନେ ଏହା ମଧ୍ୟ କହିଥିଲେ ଯେ, କୃଷକଟିର ହାତରେ ଯାଦୁ ଅଛି। ତେବେ ଏନେଇ ଇୟାନ କୁହନ୍ତି ' ସେ ଏହି କୋବିଟିକୁ ପ୍ରାକୃତିକ ୁପାୟରେ ଚାଷ କରିଛନ୍ତି। ଏହାକୁ ଚାଷ କରିବା ପାଇଁ ତାଙ୍କୁ ବହୁତ ସମୟ ଲାଗିଥିଲା। ଏଥିସହ ସେ କହିଛନ୍ତି ଯେ ସେ ଆଗରୁ ମଧ ଏପରି ଅଭୁତପୂର୍ଣ୍ଣ ଚାଷ କରିସାରିଛନ୍ତି'। ତେବେ ସବୁଠାରୁ ଅଧିକ ଓଜନର କୋବି ଚାଷ କରିବାରେ ଆମେରିକାର "ଷ୍କାର୍ଟ ଗାଁବ" ଙ୍କର ନାମ ରେକର୍ଡରେ ରହିଛି। ଏହି କୋବିଟିର ଓଜନ ୬୨କିଲୋଗ୍ରାମ ଥିଲା।

# ସର୍ବନିମ୍ନ ମୌଳିକ ସୁବିଧା ଦାବୀ ନେଇ ଯୋଡା ବରିଷ୍ଠ ନାଗରିକଙ୍କ ପକ୍ଷରୁ ଆରମ୍ଭ ହେଲା ଅନିର୍ଦ୍ଦିଷ୍ଟ ସମୟ ପାଇଁ ଧାରଣା

କେନ୍ଦୁଝର,୧/୬ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଖଣି ଉପତ୍ୟକା ଭାବେ ପରିଚିତ ରତ୍ନଗର୍ଭା ଯୋଡା ଅଂଚଳଟି ମୂଲ୍ୟବାନ ଖଣିଜ ସଂପଦ ଉପରେ ବସିଥିବା ବେଳେ ଏହାର ଅଧିବାସୀ କିନ୍ତୁ ସବୁବେଳେ ଅବହେଳିତ । ଏବଂ ସେହି ଅବହେଳିତ ଅବସ୍ଥାରେ ବଂଚିବା ଲାଗି ଅହରହ ସଂଗ୍ରାମ କରିବାରେ ସେମାନେ ବ୍ୟସ୍ତ । ଏହି ଅଂଚଳଟି ଭୋକର ଭୂଗୋଳର କେନ୍ଦ୍ର ବିନ୍ଦୁ ବୋଲି ମଧ୍ୟ କୁହାଯାଇ ପାରେ । ଏ ଅଂଚଳର ମୂଲ୍ୟବାନ ଖଣିଜ ସଂପଦ ରାଜସ୍ୱରେ ସମଗ୍ର ରାଜ୍ୟ ରାଜକୋଶ ପରିପୃଷ୍ଟ ହେଉଥିବା ବେଳେ ଏଠାରେ ଖଣି ବ୍ୟାପାର କରି ଖଣି ଲିଜଧାରୀ ମଧ୍ୟ ମାଲେ ମାଲ । ଏହି ଅଂଚଳରୁ କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ ସତ୍ୱେ ଯୋଡା ସହର ମଧ୍ୟ ଅନୁରୂପ ଭାବେ ଚିର ଅବହେଳିତ ଅବସ୍ଥାରେ ନାନାଦି ସମସ୍ୟାକୁ ସାମନା କରି ଆସୁଅଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ଆଦି ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବା କ୍ଷେତ୍ରରେ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ଯୋଡା ଅଂଚଳକୁ ଅବହେଳା କରାଯାଇ ଆସୁଅଛି । ଯାହାକୁ ନେଇ ବରିଷ୍ଠ ନାଗରିକ ମାନେ ତାତି ଉଠିଛନ୍ତି । ଏବଂ ପ୍ରତିବାଦ ସ୍ୱରୂପ ଯୋଡା ଅଂଚଳର ବରିଷ୍ଠ ନାଗରିକ ମାନଙ୍କ ପକ୍ଷରୁ ୭ ଦଫା ସମ୍ବଳିତ ଦାବୀ ନେଇ ସୋମବାର ଠାରୁ ଯୋଡା ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଆରମ୍ଭ ହୋଇଛି । ଏଥିରେ ଯୋଡା ସହରର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ, ଯୁବ ଗୋଷ୍ଠୀ, ମହିଳା ସଂଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବ୍ୟବସାୟୀକ ଅନୁଷ୍ଠାନ, ଯୋଡା ଟ୍ରକ୍ ମାଲିକ ସଂଘ ଓ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ମାନେ ପୂର୍ଣ୍ଣମାତ୍ରାରେ ସହଯୋଗ କରିଛନ୍ତି । ଯୋଡା ପୌରପାଳିକା ସମ୍ମୁଖରେ ଧାରଣାରତ ବରିଷ୍ଠ ନାଗରିକ ମାନଙ୍କର ଦାବୀ ଗୁଡିକ ମଧ୍ୟରେ ଯୋଡା ସହର ମଧ୍ୟ ଦେଇ ଯାଇଥିବା ରାଜ୍ୟ ରାଜପଥ-୨ ର ରଣାଶାଳ ଠାରୁ ପଳାଶପଙ୍ଗା ପର୍ଯ୍ୟନ୍ତ ରାସ୍ତାର ନବୀକରଣ ଓ ପ୍ରଶସ୍ତିକରଣ କାର୍ଯ୍ୟ ତୁରନ୍ତ ଶେଷ କରିବା ସହ ମନ୍ଥରଗତିରେ ଚାଲୁଥିବା ୫୨୦ ନଂ ଜାତୀୟ ରାଜପଥର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବହୁ ପ୍ରତୀକ୍ଷିତ ରଣାଶାଳ ଘାଟି ଠାରୁ ବାଂଶପାଣି ପର୍ଯ୍ୟନ୍ତ ୨୦୧୧ ବର୍ଷରେ ପ୍ରସ୍ତାବିତ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟକୁ ଯୁଦ୍ଧକାଳିନ ଭିତିରେ ସାମାପ୍ତ କରିବା, ଘନ ଘନ ବିଜୁଳିକାଟ ବନ୍ଦ କରାଯିବା ଦିଗରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା, ଯୋଡା ସହରକୁ ସ୍ୱଚ୍ଛ, ପର୍ଯ୍ୟାପ୍ତ ଓ ନିୟମିତ ଜଳ ଯୋଗାଣକୁ ସୁବ୍ୟବସ୍ଥିତ କରାଯିବା, କମାରଯୋଡାସ୍ଥିତ ସରକାରୀ ଡାକ୍ତରଖାନାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଏବଂ ଉଚ୍ଚ ଶିକ୍ଷା ନିମନ୍ତେ ଏକ ସାଧାରଣ ମହାବିଦ୍ୟାଳୟ ଓ ବୈଷୟିକ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପ୍ରମୁଖ ଦାବୀ ରହିଅଛି । ଏହି ଦାବୀ ଗୁଡିକ ସରକାର ତୁରନ୍ତ ପୂରଣ ନ କଲେ ଧାରଣାକୁ ଅବ୍ୟାହତ ରଖାଯିବା ସହିତ ଆନ୍ଦୋଳନକୁ ବ୍ୟାପକ କରାଯିବାକୁ ନାଗରୀକ ମଂଚର ବରିଷ୍ଠ କର୍ମକର୍ତା ଶିରିଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି ।

## ପଂଚାୟତସ୍ତରୀୟ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ

ନୂଆପଡା,୧/୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଲ ବ୍ଲକ ବିରିଘାଟ ପଂଚାୟତସ୍ତରୀୟ ସଂଘ ପକ୍ଷରୁ କୋଭିଡ-୧୯ ସକାଶେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୬୫୦୦ ଟଙ୍କାର ଚେକ ପ୍ରଦାନ କରାଯାଇଛି । ଖଡିଆଲ ବିଡିଓ ଉତମ କୁମାର ବାଗଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଚେକ ପ୍ରଦାନ କରିଛନ୍ତି । ଏହି ଚେକ ପ୍ରଦାନ ବେଳେ ସଭାପତି ସଂଯୁକ୍ତା ମାଝୀ, ସମ୍ପାଦିକା ପଙ୍କଜିନୀ ସଗରିଆ, ଏମବିକେ ଯୋଶୋବନ୍ତି କାଣ୍ଡ, ସିଆରସି ଲଳିତା ନିଆଲ, ଇସି ସୁଶୀଲା ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧରେ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ୩ ହଜାର ଟପିଲା

ବୌଦ୍ଧ,୧/୬ (ନି.ପ୍ର): ଶିଳ୍ପ ବିହୀନ ବୌଦ୍ଧ ଜିଲାର ଲୋକସଂଖ୍ୟା ୪ ଲକ୍ଷ ଉପରେ ଥିବା ବେଳେ ୯୦ ପ୍ରତିଶତ ଲୋକ ଜୀବନ ଜୀବିକା ପାଇଁ କୃଷି କାର୍ଯ୍ୟ ଓ ଦିନ ମଜୁରୀ ଉପରେ ନିର୍ଭରଶୀଳ । କରୋନା ପାଇଁ ସାରା ଦେଶ ଚିନ୍ତାରେ ଥିବା ସହ ଦୀର୍ଘ ୩ ମାସ ହେବ ଗରୀବ ଲୋକଙ୍କ ହାତ ବନ୍ଦ ହୋଇପଡିଛି । ଜିଲାର ବହୁ ଗରୀବ ଯୁବକ ପରିବାର ପାଇଁ କିଛି ରୋଜଗାର କରିବାକୁ ବାହାର ରାଜ୍ୟକୁ ଯାଇଥିବାବେଳେ କରୋନା ସେମାନଙ୍କ ପାଇଁ ଦୁଃଖ ଆଣି ଦେଇଛି । କରୋନା ଯୋଗୁଁ କମ୍ପାନୀ ଗୁଡିକ ବନ୍ଦ ହୋଇପଡିଥିବାବେଳେ ଶ୍ରମିକଙ୍କ କାମ ବନ୍ଦ ହୋଇଛି । ଫଳରେ ଶ୍ରମିକ ମାନେ ଘର ବାହୁଡା ହୋଇଛନ୍ତି । ପ୍ରତିଦିନ ସାରା ରାଜ୍ୟକୁ ବହୁ ସଂଖ୍ୟାରେ ପ୍ରବାସୀ ଶ୍ରମିକ ଫେରୁଥିବା ବେଳେ ସରକାରୀ ରେକର୍ଡ ଅନୁଯାୟୀ ୩୧ ମଇ ସୁଦ୍ଧା ବୌଦ୍ଧ ଜିଲାକୁ ୩୧୪୩ ଜଣ ପ୍ରବାସୀ ଶ୍ରମିକ ଫେରିଛନ୍ତି । ଏମାନଙ୍କୁ ଜିଲାର ୫୫ ଗୋଟି ଅସ୍ଥାୟୀ କୋଭିଡ୍ ସେଂଟରରେ ରଖାଯାଇଛି । ଜିଲାରେ ୩୩ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ ମଧ୍ୟ ସମସ୍ତ ପିଜିଟିଭ୍ ସୁସ୍ଥ ହୋଇ ଘରକୁ ଫେରିବାପରେ ବର୍ତମାନ ଜିଲା କରୋନା ମୁକ୍ତ ହୋଇଛି । ବର୍ତମାନ ସୁଦ୍ଧା କଂଟାମାଳ ବ୍ଲକରେ ୩୫୮ ଜଣ, ହରଭଙ୍ଗାରେ ୫୩୨ ଜଣ, ବୌଦ୍ଧ ବ୍ଲକରେ ୮୪୩ ଜଣ ଓ ବୌଦ୍ଧ ଏନଏସିରେ ୨୨ ଜଣ ଶ୍ରମିକଙ୍କୁ କ୍ୱାରେଂଟାଇନ ସେଂଟରେ ରଖାଯାଇଛି । କ୍ୱାରେଂଟାଇନ ଅବଧି ପୂରଣ ହେବାପରେ ୧୩୮୮ ଜଣ ଶ୍ରମିକ ଘରକୁ ଫେରିଥିବା ଜଣାଯାଇଛି । ସେହିପରି ୯୧୫ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ୭୮୭ ଜଣଙ୍କ ରିପୋର୍ଟ ନେଗେଟିଭ୍ ଆସିଛି । ଆଉ ୯୫ ଜଣଙ୍କ ରିପୋର୍ଟ ଆସିବାକୁ ବାକି ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ପ୍ରକୃତ ହିତାଧିକାରୀଙ୍କୁ ରାସନ୍ କାର୍ଡ ବଂଟନ ନେଇ ଭଦ୍ରକ ବିଡିଓଙ୍କୁ ଭେଟିଲା ଭାଜପା

ଭଦ୍ରକ, ୧/୬ (ହି.ସ.) - ଆଜି ଭଦ୍ରକ ଭାଜପା ପକ୍ଷରୁ ଜିଲା ସଭାପତି ହେମନ୍ତ ପାଢୀଙ୍କ ନେତୃତ୍ୱରେ ଜିଲା ପଦାଧିକାରୀଙ୍କ ଏକ ଟିମ୍ ଭଦ୍ରକ ଜିଲା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଏକ ଦରଖାସ୍ତ ପ୍ରଦାନ କରିଛନ୍ତି । ଭାଜପା ଦଳ ପକ୍ଷରୁ ଗରିବ ଲୋକମାନଙ୍କର ରାସନ୍ କାର୍ଡ ଫର୍ମ ପକାଯାଇଥିଲେ ମଧ୍ୟ କେବଳ ଶାସକ ଦଳର କାର୍ଯ୍ୟକର୍ତାଙ୍କର କିଛି ଲୋକ କାର୍ଡ ପାଇଥିବାର ଏହି ପତ୍ରରେ ସୂଚାଇଛନ୍ତି । ତେଣୁ କୌଣସି ବାଛବିଚାର ନକରି ପ୍ରକୃତ ଯୋଗ୍ୟ ରାସନ୍ କାର୍ଡ ହିତାଧିକାରୀଙ୍କୁ ରାସନ୍ କାର୍ଡ ପ୍ରଦାନ କରିବା ପାଇଁ ସେ ଅନୁରୋଧ କରିଛନ୍ତି । ତେବେ ଏକ ସପ୍ତାହ ମଧ୍ୟରେ ଆପଣ ଉଚିତ୍ ପଦକ୍ଷେପ ଗ୍ରହଣ ନକରନ୍ତି, ଭାଜପା ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାର ଚେତାବନୀ ଦେଇଛନ୍ତି । ଏହି ଅଭିଯୋଗ ପତ୍ର ଦେବା କାଳରେ ଜିଲା ସଭାପତି ଶ୍ରୀ ପାଢୀଙ୍କ ସମେତ ମଣ୍ଡଳ ସଭାପତି ଆଦିକନ୍ଦ ନାୟକ, ପ୍ରଭାକର ସାମଲ, ଯୁବନେତା ବିକାଶ ଶ୍ରେଷ୍ଠା, ସପନ ଦାସ, ଅଶୋକ ପରିଜା, ପ୍ରତାପ ବାରିକ, ପୂର୍ଣ୍ଣଚନ୍ଦ୍ର ସାମଲ, ଭାଗୀରଥି ମହାକୁଡ, ଶଶାଙ୍କ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କଳମ୍ବ ସରପଚଂଙ୍କୁ ସଂଘବଦ୍ଧ ଆକ୍ରମଣ : ମୁଖ୍ୟ ଅଭିଯୁକ୍ତ କାଉ ସମେତ ୪ ଗିରଫ

### ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ୭ ଘଂଟା ଧରି ଗ୍ରାମବାସୀଙ୍କ ରାସ୍ତାରୋକ

ଗଞ୍ଜାମ,୧/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର କଳମ୍ବ ସଙ୍ଗରୋଧ କେନ୍ଦ୍ରରେ କେତେକ ଅସାମାଜିକ ବ୍ୟକ୍ତି ପଶି ପ୍ରବାସୀମାନଙ୍କୁ ମଦ ବିକ୍ରୀ କରୁଥିବାରୁ ସ୍ଥାନୀୟ ସରପଚଂ ପ୍ରଶାନ୍ତ କୁମାର ପ୍ରଧାନ ଏବଂ କେନ୍ଦ୍ରର ସ୍ୱେଚ୍ଛାସେବୀ ମାନେ ଏହାକୁ ବିରୋଧ କରିଥିଲେ । ଏଥିରେ ଉତ୍ୟକ୍ତ ହୋଇ ମଦ ବ୍ୟବସାୟୀ କାଉ ଓରଫ ବିକାଶ ସାହୁ ତାଙ୍କର ସହଯୋଗୀ ସନ୍ତୋଷ ପ୍ରଧାନ, ବିଚିତ୍ର ସାହୁ, ରଞ୍ଜିତ୍ କୁମାର ସାହୁ ସରପଂଚ ପ୍ରଶାନ୍ତ ଓ ସ୍ୱେଚ୍ଛାସେବୀ ମାନଙ୍କୁ ଆକ୍ରମଣ କରିଥିଲେ । ଯାହାକୁ ନେଇ ଗ୍ରାମରେ ଉତେଜନା ଦେଖାଦେଇଥିଲା । ଏହାକୁ କେନ୍ଦ୍ର କରି ଆଜି ୭ ଘଂଟା ଧରି ସ୍ଥାନୀୟ ଲୋକେ କବିସୂର୍ଯ୍ୟନଗର - କଳମ୍ବ ରାସ୍ତାକୁ ଅବରୋଧ କରିଥିଲେ । ଖବର ପାଇ ତହସିଲଦାର ସୁକାନ୍ତ କୁମାର ମିଶ୍ର, ବିଡ଼ିଓ ଶମ୍ଭୁନାଥ ନନ୍ଦି ଓ ପୋଲସରା ଥାନା ଅଧିକାରୀ ଜିତେନ୍ଦ୍ର ମଲିକ ଘଟଣାସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା । ପୋଲିସ ମଦ ବିକ୍ରେତାଙ୍କ ନିକଟରୁ ଏକ ବସ୍ତା ପାଉଚ୍ ମଦ ଜବତ କରିଥିଲେ । ଏ ସଂକ୍ରାନ୍ତରେ ପୋଲସରା ଥାନା କେସ୍ ନଂ ୧୧୯/ ୨୦ ରେ ଅଭିଯୁକ୍ତ ମାନଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି । ମୁଖ୍ୟ ଅଭିଯୁକ୍ତ କାଉ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି ।

# କନ୍ଧମାଳ ଜିଲାରୁ ପୁଣି ଆଉ ୯ ଜଣ କରୋନା ପଜିଟିଭ, ଜିଲାରେ ମୋଟ ୨୨

## ସୁସ୍ଥ ହେଲେ ୩, ଚିକିତ୍ସିତ ହେଉଛନ୍ତି ୧୯ ଜଣ

କନ୍ଧମାଳ,୦୧ ଜୁନ୍ (ହି.ସ.)- ସମଗ୍ର ଦେଶରେ କରୋନା ରୋଗୀ ମାନଙ୍କର ସଂଖ୍ୟା ହୁହୁ ହୋଇ ବଢୁଥିବାବେଳେ କନ୍ଧମାଳ ଜିଲାରେ ମଧ୍ୟ ସେହି ପରିସ୍ଥିତି ଦେଖାଦେଇଛି । ଜିଲାକୁ ରାଜ୍ୟ ବାହାରୁ ଫେରି ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ର ମାନଙ୍କରେ ରହିଥିବା ପ୍ରବାସୀ ମାନଙ୍କଠାରେ ଏହି ରୋଗର ଭୁତାଣୁ ରହିଥିବା ଦେଖିବାକୁ ମିଳିଛି । ପୂର୍ବରୁ ଜିଲାରେ ମୋଟ ୧୩ ଜଣ ଏହି ରୋଗରେ ଆକ୍ରାନ୍ତ ଥିବା ଜଣାପଡିଥିଲା । ଆଜି ଆଉ ୯ ଜଣ ଏହି ରୋଗରେ ଆକ୍ରାନ୍ତ ଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ସୁତ୍ରରୁ ଜଣାପଡିଛି । ଜିଲ୍ଲାରୁ ପଠାଯାଇଥିବା ନମୁନା ମଧ୍ୟରୁ ଗତକାଲି ମିଳିଥିବା ଆଉ ୯(ନଅ) ଜଣଙ୍କ ମଧ୍ୟରୁ । ସେମାନଙ୍କ ମଧ୍ୟରୁ ୮(ଆଠ) ଜଣ ତାମିଲନାଡୁରୁ ଏବଂ ଅନ୍ୟ ଜଣକ ଦିଲ୍ଲୀରୁ ଫେରି ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରହି ଥିଲେ ବୋଲି ଜଣାପଡ଼ିଛି । ସମସ୍ତ ସଂକ୍ରମିତ ପୁରୁଷ ଅଟନ୍ତି । ସେମାନଙ୍କ ବୟସ ୧୭ ରୁ ୩୧ ମଧ୍ୟରେ ବୋଲି ସୂଚନା ମିଳିଛି । ଏଥି ସହିତ, କନ୍ଧମାଳ ଜିଲ୍ଲାର ସର୍ବମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୨ ରେ ପହଞ୍ଚିଥିବା ବେଳେ ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ଏବଂ ଅବଶିଷ୍ଟ ୧୯ ଜଣ ଚିକିତ୍ସାଧିନ ଅଛନ୍ତି । ଗତକାଲି ସୁଦ୍ଧା ଜିଲ୍ଲାକୁ ଫେରିଥିବା ୪୦୮୬ ଜଣ ପ୍ରବାସୀଙ୍କ ମଧ୍ୟରୁ କ୍ୱାରେଣ୍ଟାଇନ୍ ଅବଧି ଶେଷ କରିଥିବା ୧୧୬୬ ଜଣଙ୍କୁ ଘରକୁ ପଠାଇ ଦିଆଯାଇଛି । ଅନ୍ୟ ୨୯୨୦ ଜଣଙ୍କୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ରଖାଯାଇଛି । ପରୀକ୍ଷା ପାଇଁ ଅଦ୍ୟାବଧି ପଠାଯାଇଥିବା ୧୬୨୩ ନମୂନା ମଧ୍ୟରୁ ଗତକାଲି ସୁଦ୍ଧା ୧୪୦୩ ଟି ନମୂନାର ରିପୋର୍ଟ ହସ୍ତଗତ ହୋଇଛି । ସେଥିମଧ୍ୟରୁ, ୨୨ ଟି ପଜିଟିଭ୍ ଥିବାବେଳେ, ୧୩୮୧ ଟି ନେଗେଟିଭ୍ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ତଥ୍ୟ ମିଳିଛି ।

# ଅଙ୍ଗନବାଡ଼ି କର୍ମୀ ପୂର୍ବଭଳି ସ୍ଥାନୀୟ ଅଂଚଳରୁ ଅଣ୍ଡା କିଣି ହିତାଧିକାରୀଙ୍କୁ ବଂଟନ କରିବେ - ଜିଲ୍ଲାପାଳ

ଗଞ୍ଜାମ,୧/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ପ୍ରଶାସନ ତଥା ସମାଜକଲ୍ୟାଣ ଅଧିକାରୀ ମନୋରମା ରେଡ୍ଡୀଙ୍କର ଅଣ୍ଡା କାରବାରରେ ଭଟ୍ଟା ପଡିଛି । ଗତ ଅପ୍ରେଲ ମାସ ଠାରୁ ତିନୋଟି ଏସଏଚଜି ଗ୍ରୁପ୍ ଠାରୁ ଅଣ୍ଡା କିଣି ଅଙ୍ଗନବାଡ଼ି କେନ୍ଦ୍ରର ହିତାଧିକାରୀଙ୍କୁ ଅଣ୍ଡା ବଂଟନ କରିବାକୁ ସେ ଅଙ୍ଗନବାଡ଼ି କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ବିପୁଳ କମିଶନି କାରବାର ହୋଇଥିବା ଜାଣିପାରି ଅଙ୍ଗନବାଡ଼ି କର୍ମୀ ମାନେ ତଥା ଅଲ୍ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ଓ ଲେଡ଼ିଜ୍ ୱାର୍କରସ୍ ଆସୋସିଏସନ ଗଞ୍ଜାମ ଜିଲ୍ଲା ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଙ୍ଗନବାଡ଼ି କର୍ମୀଙ୍କ ଉପରେ ବିଭିନ୍ନ ଧମକ ଚମକ ଓ ଚାପ ସୃଷ୍ଟି କରାଯାଉଥିଲା । ଏହାକୁ ଭୃକ୍ଷେପ ନକରି ସଂଘ ପକ୍ଷରୁ ପୂର୍ବ ନିଷ୍ପତି ଅନୁଯାୟୀ, ଆଜି ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ମଧ୍ୟ ଆରମ୍ଭ କରାଯାଇଥିଲା । ତେବେ ଅଙ୍ଗନବାଡ଼ି କର୍ମୀଙ୍କ ନିକଟରେ ଜିଲ୍ଲା ପ୍ରଶାସନ ମୁଣ୍ଡ ନୁଆଁଇ ଏହି ଆଦେଶ ପ୍ରତ୍ୟାହାର କରିଥିବା ଜଣାପଡିଛି । ଫଳରେ ଅଙ୍ଗନବାଡ଼ି କର୍ମୀ ମାନେ ପୂର୍ବ ଭଳି ସ୍ଥାନୀୟ ଅଂଚଳରୁ ଅଣ୍ଡା କିଣି ହିତାଧିକାରୀଙ୍କୁ ବଂଟନ କରିବା ପାଇଁ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ନିର୍ଦ୍ଦେଶ ଜାରୀ କରିଛନ୍ତି । ଏହି ଘଟଣା ପରେ ଅଙ୍ଗନବାଡ଼ି ଜିଲ୍ଲା ସଂଘ ସଭାନେତ୍ରୀ ରଞ୍ଜିତା ରଥ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କର୍ମୀ ଆନ୍ଦୋଳନ ପ୍ରତି ଅକୁଣ୍ଠ ସମର୍ଥନ ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି ।

# ଉଠା ଦୋକାନି, ଛୋଟ ବ୍ୟବସାୟୀ ମିଳିତ ସଂଘ ପକ୍ଷରୁ ସହାୟତା ଦାବୀ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳଙ୍କୁ ଦାବୀ ପତ୍ର ପ୍ରଦାନ

ଜୟପୁର,୧/୬ (ନି.ପ୍ର): ଜୟପୁର ପୌରାଂଚଳରେ ଥିବା ଉଠା ଦୋକାନି, ଛୋଟ ବ୍ୟବସାୟୀ ମିଳିତ ସଂଘ ତରଫରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପ ଜିଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଉଠା ଦୋକାନି, ବୁଲା ବିକାଳି, କ୍ଷୁଦ୍ର ବ୍ୟବସାୟି ମାନଙ୍କୁ କୋଭିଡ-୧୯ ସହାୟତା ପ୍ରଦାନ କରାଯାଉ ବୋଲି ଦାବୀ ପ୍ରଦାନ କରାଯାଇଛି । ଜୟପୁର ସହର ଉଠା ଦୋକାନି, ଚାହା ଦୋକାନି, ରାସ୍ତା କଡରେ ଥିବା ଛୋଟ ହୋଟେଲ, ଫୁଟପାଥ ଷ୍ଟଲ, ଠେଲା ବାଲା, ଫୁଲ ବିକାଳି, ଫଳ ଦୋକାନି, ବିଭିନ୍ନ ପସରା ଧରି ବିକ୍ରି କରୁଥିବା ଲୋକ, ଟିଫିନ ଓ ଫାଷ୍ଟ ଫୁଡ ଦୋକାନି ମାନେ ଏବଂ ଜୀବନ ଜୀବିକା ବଂଚାଇବା ପାଇଁ କ୍ଷୁଦ୍ର ଓ ନାମ ମାତ୍ର ବ୍ୟବସାୟୀ କରୁଥିବା ଗରିବ ଲୋକ ମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି । ରାସ୍ତା କଡରେ ବ୍ୟବସାୟି କରି ପରିବାର ଚଳାଉଥିବା ହଜାର ହଜାର ବ୍ୟବସାୟି ଲକ୍ ଡାଉନ ଯୋଗୁଁ ଦୋକାନ ବଜାର ଖୋଲି ପାରି ନାହାଁନ୍ତି । ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର ଏପରି କ୍ଷୁଦ୍ର ଓ ନାମ ମାତ୍ର ବ୍ୟବସାୟି ମାନଙ୍କୁ ୩ ହଜାର ଦେବାକୁ ଘୋଷଣା କରିଥିଲା । କିନ୍ତୁ, ଲକ୍ ଡାଉନ୍ ୪ର୍ଥ ପର୍ଯ୍ୟାୟ ଶେଷ ହୋଇଯାଇଥିଲେ ବି ପୌର ପରିଷଦ କୌଣସି ତାଲିକା କରି ନାହାଁନ୍ତି କି ପଦକ୍ଷେପ ନେଇନାହାଁନ୍ତି । ନିଜର ଆଧାର କାର୍ଡ ଓ ପରିଚୟ ପତ୍ର ନକଲ ଦେଇଥିଲେ ବି କିଛି ପଦକ୍ଷେପ ନିଆଯାଇ ନାହିଁ । ତେଣୁ ତୁରନ୍ତ ସର୍ଭେ କରି ପ୍ରତ୍ୟେକ ଦୋକାନିଙ୍କୁ ୬ ହଜାର ପ୍ରଦାନ କରାଯାଉ, ବ୍ୟବସାୟିଙ୍କୁ ତାଲିକା କରି ସେମାନଙ୍କର ରେଜିଷ୍ଟ୍ରେସନ କରାଯାଉ, କୋଭିଡ-୧୯ ଲକ୍ ଡାଉନ ସମୟରେ ସମସ୍ତ ବ୍ୟବସାୟୀଙ୍କୁ ମାସିକ ୬ ହଜାର ୫ ଶହ ଟଙ୍କା କ୍ଷତି ଭରଣା ପାଇଁ ଦିଆଯାଉ, ଦୋକାନ ଓ ବ୍ୟବସାୟ ମାନଙ୍କ ଠାରୁ ଦୋକାନ ବାବଦ ଭଡ଼ା ଆଦାୟ ବନ୍ଦ କରାଯାଉ, ସମସ୍ତ ଗରିବ ପରିବାରକୁ ରାଶନ ସାମଗ୍ରୀ ଯୋଗାଇ ଦିଆଯାଉ, ବିଦ୍ୟୁତ ଦେୟ ଛାଡ କରାଯାଉ, ଛାତ୍ର ଛାତ୍ରୀ ମାନଙ୍କୁ ମାଗଣା ଶିକ୍ଷା ଦେବାର ବ୍ୟବସ୍ଥା କରିବାକୁ ଦାବୀ କରାଯାଇଛି । ଜୟପୁର ପୌରାଂଚଳର ଉଠା ଦୋକାନି, ଛୋଟ ବ୍ୟବସାୟୀଙ୍କ ଉପସ୍ଥିତରେ ସଂଘର ଆବାହକ ରାମକୃଷ୍ଣ ଦାସ ୫ ଦଫା ଦାବୀ ପତ୍ର ଉପ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି ।

# ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ହାଟ ବଣିକ ସଂଘର ଦାବିପତ୍ର ପ୍ରଦାନ

ଭୁବନ,୧/୬ (ନି.ପ୍ର): ଭୁବନ ଏନ.ଏ.ସି ଅନ୍ତର୍ଗତ ହାଟ ବଣିକ ସଂଘ ତରଫରୁ ଏନଏସି ପରିସରରେ ସ୍ଥାୟୀ ହାଟର ବ୍ୟବସ୍ଥା କରାଯିବା, ଉଠାଦୋକାନୀ ଭାବେ ସେମାନଙ୍କ ନାମ ପଞ୍ଜିକରଣ କରାଯିବା, ଲକଡାଉନ ଥିବା ପର୍ଯ୍ୟନ୍ତ ପ୍ରତି ମାସରେ ଆର୍ଥିକ ସହାୟତା ପ୍ରଦାନ କରାଯିବା, ଏମଏସଏମଇ ଯୋଜନାରେ ଋଣ ପ୍ରଦାନ କରାଯିବା, ହାଟକୁ ଯାଉଥିବା ଗାଡି(ପରିବହନ) ବ୍ୟବସ୍ଥା କୁ କୋହଳ କରାଯିବା ଓ ବନ୍ଦ କରାଯାଇଥିବା ସାପ୍ତାହିକ ହାଟ ଗୁଡିକୁ ଅବିଳମ୍ବେ ଚାଲୁ କରାଯିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସଭାପତି ନୀଳମଣି ସାହୁ ଙ୍କ ସମେତ କ୍ଷୀରୋଦ ଚନ୍ଦ୍ର ନାୟକ,ମୋହନ ସାହୁ, ଶରତ ଦାସ, ଚୁଗୁଲି ବେହେରା, ରମେଶ ସାହୁ, ସୁଶୀଲ ଗୁଇଁ, ସାରଙ୍ଗଧର ବେହେରା, ଯୁଧିଷ୍ଠିର ପୃଷ୍ଟି, ସୁବାସ ସାହୁ, ମହେଶ୍ୱର ନାୟକପ୍ରମୁଖ ଶତାଧିକ ବ୍ୟକ୍ତିଙ୍କ ସ୍ୱାକ୍ଷର ଥିବା ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ଦାବିପତ୍ରରେ ଭୁବନ ର ହାଟୁଆ ମାନେ ଢେଙ୍କାନାଳ ଜିଲ୍ଲାର ଟିପିଲେଇ, କାମାକ୍ଷାନଗର, ବିଧାରପୁର, ଷଡଙ୍ଗୀ, ଗଁନ୍ଦିଆ, ବିରାଶାଳ, ଓଡିଶ, ପଣ୍ଡୁଆ, ନୂଆଗାଁ, ଜିରାଳ, ବାମଡୋଲିଆ, ବାଙ୍ଖକୁସୁମ ଓ ଯାଜପୁର ଜିଲ୍ଲାର ଟାଟା ମାଇନିଙ୍ଗ, କୁହିକା, ସୁକରିଙ୍ଗ, ମଙ୍ଗଳପୁର, ସୁକିନ୍ଦା, ଡୁବୁରି,ପିମ୍ପୁଡିଆ, ହରିପୁର, ବ୍ରାହ୍ମଣୀପାଳ ପ୍ରଭୃତି ହାଟ କୁ ଯାଇ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ । ମହାମାରୀ କରୋନା ଜନିତ ଲକଡାଉନ ସକାଶେ ସମସ୍ତ ହାଟ ବନ୍ଦ ହୋଇଯିବା କାରଣରୁ ଦୀର୍ଘ ୨ ମାସରୁ ଉର୍ଦ୍ଧ୍ୱ ଦିନ ହେଲା ସେମାନଙ୍କର ବ୍ୟବସାୟ ସଂପୂର୍ଣ୍ଣ ବନ୍ଦ ଅଛି । ଫଳରେ ମହାଜନୀ ଋଣ ପରିଶୋଧ ସାଙ୍ଗକୁ ପରିବାର ଚଳାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡିଛି । ଜୀବନ ପାଇଁ ତାଙ୍କ ଜୀବିକା ସଂପୂର୍ଣ୍ଣ ଉଜୁଡି ଗଲାଣି । ଏହାର ସମାଧାନ ନିମନ୍ତେ ବନ୍ଦ କରାଯାଇଥିବା ସାପ୍ତାହିକ ହାଟ ଗୁଡିକୁ ଅବିଳମ୍ବେ ଚାଲୁ କରାଯିବା ଉଚିତ । ହାଟ ବଣିକ ସଂଘର କର୍ମକର୍ତା ମାନେ ଆଜି ଢେଙ୍କାନାଳ ଜିଲ୍ଲାପାଳ, ଯାଜପୁର ଜିଲ୍ଲାପାଳ,ମୁଖ୍ୟ ଶାସନ ସଚିବ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଭୁବନ ତହସିଲଦାର ଶକ୍ତିକାନ୍ତ ରାୟ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ବୌଦ୍ଧ : ୩୩ ଜଣ କରୋନା ପଜିଟିଭ୍ ସୁସ୍ଥ ହେବା ପରେ ଆଜି ୩୪ ନମ୍ବର ଚିହ୍ନଟ

ବୌଦ୍ଧ,୧/୬ (ନି.ପ୍ର): ବୌଦ୍ଧ ଜିଲ୍ଲାର ୨୮ ଜଣ କରୋନା ପଜିଟିଭ୍ ଗୋଟିଏ ଦିନରେ ସୁସ୍ଥ ହୋଇ ଶନିବାର ଘରକୁ ଫେରିଥିବା ବେଳେ ଗୋଟିଏ ଦିନ ପରେ ଆଜି ଆଉ ଗୋଟିଏ କରୋନା ପଜିଟିଭ ଚିହ୍ନଟ ହୋଇଛି । ଯହାକି ଜିଲ୍ଲାରୁ ୩୪ ନମ୍ବର କରୋନା ପଜିଟିଭ୍ ଭାବରେ ଚିହ୍ନଟ ହୋଇଛି । ଜିଲ୍ଲାର ହରଭଙ୍ଗା ବ୍ଲକର ଆଡଣୀଗଡ କ୍ୱାରେଂଟାଇନ ସେଂଟରରୁ ଏହି କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ତାଙ୍କୁ ବୌଦ୍ଧ ମହାନଦୀ ବ୍ରିଜଛକ ଠାରେ ଥିବା କୋଭିଡ୍ କେୟାର ସେଂଟରକୁ ସ୍ଥାନାନ୍ତରିତ କରାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ସାହୁ ପ୍ରକାଶ କରିଛନ୍ତି । ସେ ଗୁଜୁରାଟର ସୁରତ ଫେରନ୍ତା ହୋଇଥିବା ବେଳେ ଗତ ୧୪ ତାରିଖରୁ ଆଡଣୀଗଡ କ୍ୱାରେଂଟାଇନ ସେଂଟରରେ ଥିଲେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶ୍ରୀ ସାହୁ ପ୍ରକାଶ କରିଛନ୍ତି । ଏହି ସେଂଟରରେ ୩୧ ଜଣ ପ୍ରବାସୀ ରହିଥିବା ବେଳେ ଗତ ୧୯ ତାରିଖରେ ସେମାନଙ୍କ ମଧ୍ୟରୁ ୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ଆକ୍ରାନ୍ତମାନଙ୍କୁ ବୌଦ୍ଧ କୋଭିଡ୍ ହସ୍ପିଟାଲରେ ଚିକିତ୍ସା କରାଯାଇଥିବା ବେଳେ ଶନିବାର ସେମାନେ ସୁସ୍ଥ ହୋଇଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୁସ୍ଥମାନଙ୍କୁ ଆମ୍ବୁଲେନ୍ସ ଯୋଗେ ସେମାନଙ୍କ ଘରକୁ ପଠାଯାଇଥିଲା । ଆଜି ଆଉ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଆଡଣୀଗଡ କ୍ୱାରେଂଟାଇନ ସେଂଟରରେ ୨୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ବୌଦ୍ଧ ଜିଲ୍ଲାରେ ପୂର୍ବରୁ ୩୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ପ୍ରଥମେ ଗତ ୧୦ ତାରିଖରେ ବୌଦ୍ଧ ବ୍ଲକର ଲକ୍ଷ୍ମୀପ୍ରସାଦ ପଚାଂୟତର ଜଗତି କ୍ୱାରେଂଟାଇନ ସେଂଟରରେ ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ୪ର୍ଥ କରୋନା ପଜିଟିଭ ୧୧ ତାରିଖରେ ବୌଦ୍ଧ ବ୍ଲକର ତେଲିବନ୍ଧ କ୍ୱାରେଂଟାଇନରେ ଚିହ୍ନଟ ହୋଇଥିଲା । ୫ମ କରୋନା ପଜିଟିଭ ଗତ ୧୭ ତାରିଖରେ କଂଟାମାଳ ବ୍ଲକର କଂଟାମାଳ କଲ୍ୟାଣ ମଣ୍ଡପ କ୍ୱାରେଂଟାଇନ ସେଂଟରରେ ଚିହ୍ନଟ ହୋଇଥିଲେ । ସମସ୍ତ ୫ ଜଣ ଯାକ ଆକ୍ରାନ୍ତ ଗୁଜୁରାଟର ସୁରତ ଫେରନ୍ତା । ସେହିପରି ଗତ ୧୯ ତାରିଖରେ ଗୋଟିଏ ଦିନରେ ହରଭଙ୍ଗା ବ୍ଲକର ତିନୋଟି କ୍ୱାରେଂଟାଇନ ସେଂଟରରୁ ୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ । ସେଥିମଧ୍ୟରୁ ଆଡଣୀଗଡ କ୍ୱାରେଂଟାଇନରୁ ୨୧ ଜଣ, ବାଣୀଭୂଷଣପୁର କ୍ୱାରେଂଟାଇନରୁ ୫ ଜଣ ଓ ବିରନରସିଂହପୁର କ୍ୱାରେଂଟାଇନ ସେଂଟରରେ ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ପ୍ରବାସୀ ଶ୍ରମିକ ମାନଙ୍କୁ ଫେରାଇ ଆଣିବା ସହ ଆର୍ଥିକ ସହାୟତାପାଇଁ ଶ୍ରମିକ ୟୁନିଅନର ଦାବୀ

ଭୁବନେଶ୍ୱର,୧/୬ (ନି.ପ୍ର): ବାହାରେ ଥିବା ପ୍ରବାସୀ ଶ୍ରମିକ ମାନଙ୍କୁ ନିଜ ଦେଶ ଓ ରାଜ୍ୟକୁ ଫେରାଇବା ସହିତ ସେମାନଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଶ୍ରମିକ ୟୁନିଅନ ଗୁଡିକ ଦାବି କରିଛନ୍ତି । ଆନ୍ତର୍ଜାତିକ ଜଙ୍ଗଲ ଓ ନିର୍ମାଣ କର୍ମଚାରୀ ମହାସଂଘ ସହିତ ସଂପର୍କିତ ଦକ୍ଷିଣ ଏସିଆର ଭାରତ, ନେପାଳ, ବାଙ୍ଗାଲାଦେଶ, ଶ୍ରୀଲଙ୍କା ଓ ପାକିସ୍ତାନରେ କାର୍ଯ୍ୟ କରୁଥିବା ଶ୍ରମିକ ୟୁନିଅନଗୁଡ଼ିକର ମିଳିତ ଆଲୋଚନା ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଭାରତୀୟ ନିର୍ମାଣ ଜଙ୍ଗଲ କର୍ମଚାରୀ ମହାସଂଘର ସଭାପତି, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପୂର୍ବତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କର ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଭିଡ଼ିଓ ସମ୍ମିଳନୀରେ ଭାରତ, ପାକିସ୍ତାନ, ନେପାଳ, ବାଙ୍ଗେଲାଦେଶରେ କାର୍ଯ୍ୟକରୁଥିବା ୫୪ଟି ୟୁନିଅନର ୨୦୦ ପ୍ରତିନିଧି ଆଲୋଚନାରେ ଭାଗ ନେଇଥିଲେ । ଏତଦ୍‌ବ୍ୟତିତ କୋୟତ୍, ଓମାନ, କତାର, ଆବୁଦାବୀ, ଦୁବାଇ, ହଙ୍ଗକଙ୍ଗ, ମାଲେସିଆରେ କାମକରୁଥିବା ଭାରତୀୟ ପ୍ରବାସୀ ଶ୍ରମିକଙ୍କ ପ୍ରତିନିଧିମାନେ ଆଲୋଚନାରେ ଭାଗ ନେଇଥିଲେ । ଏହି ସମ୍ମିଳନୀକୁ ଆନ୍ତର୍ଜାତିକ କର୍ମଚାରୀ ମହାସଂଘର ସାଧାରଣ ସଂପାଦକ ଆମ୍ବେଦ ୟୁସେନ ଉଦ୍‌ଘାଟନ କରିଥିଲେ ଓ ଅଷ୍ଟ୍ରେଲିଆର ଡେପୁଟି ପ୍ରେସିଡେଂଟ ଡାଭେ ନାନୋ ସ୍ୱାଗତ ଭାଷଣ ଦେଇଥିଲେ । ଏହି ବୈଠକରେ ପ୍ରବାସୀ ଶ୍ରମିକମାନେ ଘରକୁ ଫେରିବା ରାସ୍ତାରେ ଦୁର୍ଘଟଣା ବା ରୋଗରେ ମୃତ୍ୟୁ ଶ୍ରମିକମାନଙ୍କୁ କରୋନା ସହିତ୍ ଭାବେ ବିବେଚନା କରି, ଦକ୍ଷିଣ ଏସିଆ ସମସ୍ତ ଜାତୀୟ ସରକାର ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବୀ କରାଯାଇଛି । ସାରା ଦେଶରେ ଏହି ବିଶ୍ୱରେ କୋଭିଡ-୧୯ ସଂକ୍ରମଣ ଚାଲିଥିଲାବେଳେ ଭାରତ ସରକାର ୪ଟି ଲେବର କୋର୍ଡ ଉଦ୍ୟମରେ ମଧ୍ୟ ପ୍ରଦେଶ, ଉତର ପ୍ରଦେଶ ଓ ଗୁଜୁରାଟ ସରକାର ସମସ୍ତ ଶ୍ରମ ଆଇନରୁ ୧୦୦୦ ବିଲ୍‌କୁ ରଦ୍ଦ କରବା ଓଡ଼ିଶା ସମେତ କେତେକ ରାଜ୍ୟ ସରକାର ଦୈନିକ କାର୍ଯ୍ୟ ନିର୍ଘଂଟକୁ ୮ - ୧୨ ଘଂଟା ବୃଦ୍ଧି କରିବା ନିଷ୍ପତିକୁ ନିନ୍ଦା କରିବା ସହିତ ଏହାକୁ ପ୍ରତ୍ୟାହାର କରିବା ପାଇଁ ଦାବୀ କରାଯାଇଛି । ଏହି ଆଲୋଚନାରେ ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର ଦକ୍ଷିଣ ଏସିଆ କାର୍ଯ୍ୟାଳୟରେ ଡକ୍ଟର ରାଜୀବ ଶର୍ମା, ପ୍ରେରଣା ପ୍ରସାଦ ବୈଷୟିକ ଭାବେ ସହାୟତା କରିଥିଲେ ଏବଂ ୟୁନିଅନ ତରଫରୁ ରିପେନ୍ ଚୌଧୁରୀ, ଭାରତର ପବନ କୁମାର, ଚନ୍ଦ୍ର ପ୍ରକାଶ ସିଂହ, କିଶୋର ଜେନା, ମଦନ ମୋହନ ଧଳ, ଯୋଗେନ୍ଦ୍ର ତ୍ରିପାଠୀ, ଅକ୍ଷୟ ତ୍ରିପାଠୀ ଏବଂ ଅମଜାଦ୍ ହୋସେନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ଆରଏସଏସର ୪ ହଜାର ୩୦୦ ସ୍ୱୟଂ ସେବକ ନିଃସ୍ୱାର୍ଥ ଭାବରେ କରୁଛନ୍ତି ସେବା

ୟୁପ,୧।୬ (ନି.ପ୍ର): ମହାମାରୀ କରୋନାରେ ସବୁଠାରୁ ବେଶି ପ୍ରଭାବିତ ହୋଇଛନ୍ତି ଅସହାୟ ଓ ଗରୀବ ଶ୍ରେଣୀ ଲୋକେ । ଏହି ବିଷମ ପରିସ୍ଥିତିରେ ସରକାରଙ୍କ ସହିତ ଦେଶର ଅନେକ ସଂଗଠନ ଗରୀବ, ଅସହାୟ ଓ ନିଜ ରାଜ୍ୟକୁ ଫେରୁଥିବା ବ୍ୟକ୍ତିଙ୍କୁ ସହାୟତା କରିବା ପାଇଁ ଆଗେଇ ଆସିଛନ୍ତି । ଶାହଜହାଁପୁରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ୪ ହଜାର ୩୦୦ ସ୍ୱୟଂ ସେବକ ନିରନ୍ତର ସେବା କାର୍ଯ୍ୟ କରି କରୋନା ବିରୁଦ୍ଧରେ ଗରୀବ, ଅସହାୟ ଓ ବାହାରୁ ଆସିଥିବା ପ୍ରବାସୀ, ପଶୁ-ପକ୍ଷୀଙ୍କୁ ଭୋଜନ, ପାଣି ଆଦି ଖାଦ୍ୟ ସାମଗ୍ରୀ ଯୋଗାଉଛନ୍ତି । ବିଭାଗର ପ୍ରଚାରକ କୀର୍ତିକୁମାର କହିଛନ୍ତି କି ମହାମାରୀ କରୋନାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦ୍ୱାରା ୨୫ ମାର୍ଚ୍ଚରେ ପୁରା ଦେଶରେ ଲକଡାଉନ ଲାଗୁ କରାଯାଇଥିଲା । ଏହା ଯୋଗୁଁ ସଂଘ ସ୍ୱୟଂସେବକ ସାହାଯ୍ୟରେ ଖାଦ୍ୟ ପୁଡ଼ିଆ, ପାଣି, ରାସନ କିଟ୍ ଆଦି ଖାଦ୍ୟ ସାମଗ୍ରୀ ଗରୀବ ଓ ଯେଉଁମାନଙ୍କର ଜରୁରୀ ଆବଶ୍ୟକତା ଅଛି ସେମାନଙ୍କୁ ଦିଆଯାଉଛି । ସଂଘର ସ୍ୱୟଂସେବକ ମାନେ ଅନ୍ୟ ରାଜ୍ୟରେ ବହୁତ ସଂଖ୍ୟାରେ ନିଜ ଘରକୁ ପାଦରେ ଚାଲି ଚାଲି ଯାଉଥିବା ପ୍ରବାସୀ ଶ୍ରମିକଙ୍କ ଦୁଃଖକୁ ବୁଝିଥିଲେ । ସ୍ୱୟଂସେବକଙ୍କ ସାହାଯ୍ୟରେ ସଂଘ କିଛି ସ୍ଥାନରେ ଶିବିର ପ୍ରତିଷ୍ଠା କରି ପାଦରେ ଚାଲି ଚାଲି ଯାଉଥିବା ଶ୍ରମିକ ମାନଙ୍କୁ ଖାଦ୍ୟ ପୁଡ଼ିଆ, ପିଇବା ପାଇଁ ପାଣି ଆଦି ପହଂଚାଇଛନ୍ତି । ଏହା ବାଦ ସ୍ୱୟଂସେବକ ଦ୍ୱାରା ପ୍ରତିଦିନ ଶ୍ରମିକ ସ୍ପେଶାଲ ଟ୍ରେନରେ ଯାଉଥିବା ପ୍ରବାସୀ ଶ୍ରମିକ ମାନଙ୍କୁ ଭୋଜନ, ପାଣି ଆଦି ଦିଆଯାଇଛି । କିର୍ତୀ କୁମାର କହିଛନ୍ତି କି କାର୍ଯ୍ୟକୁ ଦୃଷ୍ଟିରେ ରଖି ବିଭାଗକୁ ୫ ଭାଗରେ ବିଭକ୍ତ କରାଯାଇଛି ଏବଂ ୪ହଜାର ୩ ଶହ ସ୍ୱୟଂସେବକ ସେବାକାର୍ଯ୍ୟ ନିଖୁଣ ଭାବରେ ନିର୍ବାହ କରୁଛନ୍ତି । ମହାନଗର ପ୍ରଚାର ପ୍ରମୁଖ ଯତୀନ୍ଦ୍ର ଚୌହାନ କହିଛନ୍ତି କି ସ୍ଥାନୀୟ ସ୍ତର ରେ ବିଭାଗ କାର୍ଯ୍ୟବାହ ରବି ମିଶ୍ରା ତଥା ବିଭାଗ ପ୍ରଚାରକ କୀର୍ତି କୁମାରଙ୍କ ନିର୍ଦ୍ଦେଶରେ ଶାହଜୀପୁର ବିଭାଗ ଦ୍ୱାରା ବିଭନ୍ନ ସଂସ୍ଥା ଓ ସମାଜସେବୀ ଙ୍କ ସହଯୋଗରେ ୪୬ ସ୍ଥାନରେ ଏବେ ସୁଦ୍ଧା ୫,୦୧,୩୦୦ ବ୍ୟକ୍ତିଙ୍କୁ ଖାଦ୍ୟ ପୁଡ଼ିଆ, ୨୭,୯୪୧ ଗରୀବ ପରିବାରକୁ ଅଟା, ଚାଉଳ, ଡାଲି, ଆଳୁ, ତେଲ ଆଦି ସାମଗ୍ରୀ ର ରାସନ କିଟ୍ ଦିଆଯାଇଛି । ପାଦରେ ଓ ଶ୍ରମିକ ସ୍ୱତନ୍ତ୍ର ଟ୍ରେନରେ ଯାଉଥିବା ୬୨୦୦୦ ପ୍ରବାସୀ ଶ୍ରମିକଙ୍କୁ ଭୋଜନର ପ୍ୟାକେଟ, ନପାଣି ଓ ମାସ୍କ ଆଦି ବିତରଣ କରାଯାଇଛି । ସେ ଆହୁରି କହିଛନ୍ତି ଯେ, ବିପଦକାଳରେ ବହୁତ ସଂଖ୍ୟାରେ ନିରୀହ ପଶୁ, ପକ୍ଷୀଙ୍କୁ ଦାନାପାଣିର ସମସ୍ୟା ଉତ୍ପନ୍ନ ହୋଇଛି । ସ୍ୱୟଂସେବକ ଦ୍ୱାରା ସେବା କାର୍ଯ୍ୟରେ ନିୟୋଜିତ ଥିବା ବ୍ୟକ୍ତିମାନେ ପଶୁପକ୍ଷୀଙ୍କୁ ଖାଦ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଏଥିପାଇଁ ସରକାରଙ୍କ ଠାରୁ କୌଣସି ସହାୟତା ନିଆଯାଇ ନାହିଁ, ସମାଜର ସକ୍ଷମ ବ୍ୟକ୍ତିମାନେ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଉଛନ୍ତି । ମହାନଗର କାର୍ଯ୍ୟବାହ ଧର୍ମେନ୍ଦ୍ର ଜୀ କହିଛନ୍ତି କି ଯେଉଁମାନେ କରୋନା ବିରୁଦ୍ଧରେ ଲଢ଼ି ନିର୍ଣ୍ଣାୟକ ଭୂମିକା ନେଉଛନ୍ତି ସେମାନେ ହେଉଛନ୍ତି ୩,୯୭୩ ସଫେଇ କର୍ମଚାରୀ, ୨୪୬ ସ୍ୱାସ୍ଥ୍ୟ କର୍ମଚାରୀ, ୧ ହଜାର ୩୨୫ ସୁରକ୍ଷା ଓ ୧୭୪ ମିଡ଼ିଆ କର୍ମଚାରୀକୁ ସଂଘ ଦ୍ୱାରା ସମ୍ମାନିତ କରାଯାଇଛି ।

## ୧୧ ଜିଲ୍ଲାରେ ସପ୍ତାହକୁ ୨ ଦିନ ସଟ୍ ଡାଉନ୍

ଭୁବନେଶ୍ୱର,୧।୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାରୁ କଡା କଟକଣା ଜାରି କରିଛନ୍ତି ରାଜ୍ୟ ସରକାର । ଏହି ପରିପ୍ରେକ୍ଷୀରେ ଅଧିକ ସଂକ୍ରମଣ ହୋଇଥିବା ୧୧ ଟି ଜିଲ୍ଲାରେ ସପ୍ତାହକୁ ୨ ଦିନ ସଟ୍ ଡାଉନ୍ କରାଯିବ । ୧୧ ଟି ଜିଲ୍ଲା ଯଥା ଗଞ୍ଜାମ, ପୁରୀ, ନୟାଗଡ, ଖୋର୍ଦ୍ଧା, କେନ୍ଦ୍ରାପଡା, ଭଦ୍ରକ, ବଲାଙ୍ଗୀର, କଟକ, ଜଗତସିଂହପୁର, ଯାଜପୁର ଓ ବାଲେଶ୍ୱର ରେ ସପ୍ତାହାର ଶନିବାର ଓ ରବିବାର ୨ ଦିନ ସଟ୍ ଡାଉନ୍ ରହିବ । ଜୁନ୍ ୩୦ ତାରିଖ ଯାଏଁ ଏହି ନିୟମ ବଳବତର ରହିବ । ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସୋମବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସଟଡାଉନ ବେଳେ କେବଳ ଜରୁରୀ ସେବା ମିଳିବ । ଏହି ସମୟରେ ମେଡିକାଲ୍, ଅଗ୍ନିଶମ ବିଭାଗ, ବିଦ୍ୟୁତ୍ ବିଭାଗର କାମ ଜାରି ରହିବ । ଏହି ସମୟରେ ଜନସାଧାରଣଙ୍କ ଚଳପ୍ରଚଳ ଉପରେ ସଂପୂର୍ଣ୍ଣ କଟକଣା ଲାଗୁ ହେବ । ଜରୁରି ପରିସ୍ଥିତି ବ୍ୟତୀତ କେହି ଘରୁ ବାହାରି ପାରିବେ ନାହିଁ । ଏହି ସମୟରେ ସମସ୍ତ ସରକାରୀ-ବେସରକାରୀ କାର୍ଯ୍ୟାଳୟ ସହିତ ଡେଜରାତି ଦୋକାନ ମଧ୍ୟ ବନ୍ଦ ରହିବ । କେବଳ ହସ୍ପିଟାଲ ଓ ଔଷଧ ଦୋକାନ ଖୋଲା ରହିପାରିବ । ଏହା ବ୍ୟତୀତ ସଟ୍ ଡାଉନ୍ ସମୟରେ ପେଟ୍ରୋଲ ପମ୍ପ ଖୋଲା ରହିବ । ଗଣମାଧ୍ୟମକୁ ଅନୁମତି ମିଳିବ ।

## ବିଭିନ୍ନ ଜିଲ୍ଲାରେ କରୋନାର ସ୍ଥିତି : ଗଂଜାମ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୩୧ ହେଲା

ଭୁବନେଶ୍ୱର,୧।୬ (ନି.ପ୍ର): ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଲଗାତାର ଭାବେ ବଢିବାରେ ଲାଗିଛି । ଏହି ସଂଖ୍ୟା ୨୧ଶହ ପାର କରି ଗଲାଣି । କରୋନା ଆକ୍ରାନ୍ତ ଜିଲ୍ଲାଙ୍କ ସୂଚୀରେ ଗଂଜାମ ଜିଲ୍ଲା ଆଜି ସବୁଠାରୁ ଆଗରେ ରହିଛି । ଗଂଜାମ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୪୩୧ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ଯାଜପୁର ଜିଲ୍ଲାରେ ୨୮୦ , ବାଲେଶ୍ୱର ଜିଲ୍ଲାରେ ୧୫୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖୋର୍ଧା ଜିଲ୍ଲାରେ ୧୪୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆଜି ୫୦ଟି ନୂଆ ମାମଲା ଆସିବା ପରେ କେନ୍ଦ୍ରାପଡା ଜିଲ୍ଲାରେ ୧୩୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କଟକ ଜିଲ୍ଲାରେ ୧୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସେହିପରି ଭଦ୍ରକ ଜିଲ୍ଲାରେ ୧୨୦ ଜଣ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରେ ୯୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରେ ୮୨ ଜଣ, ଜଗତସିଂହପୁର ଜିଲ୍ଲାରେ ୮୨ ଜଣ ଓ ନୟାଗଡ ଜିଲ୍ଲାରେ ୬୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରେ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଗଜପତି ଜିଲ୍ଲାରେ ମଧ୍ୟ ୩୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରେ ୩୪ ଜଣ ଆକ୍ରାନ୍ତ, ଚିହ୍ନଟ ହୋଇଥିବାବେଳେ ନୂଆପଡା ଜିଲ୍ଲାରେ ୩୩. ଦେବଗଡ ଜିଲ୍ଲାରେ ୩୨ ଜଣ, ମୟୁରଭଂଜ ଜିଲ୍ଲାରେ ୨୬, ଅନୁଗୁଳ ଜିଲ୍ଲାରେ ୨୫ ଜଣ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କେନ୍ଦୁଝର ଜିଲ୍ଲାରେ ୨୬ ଜଣ ଚିହ୍ନଟ ହୋଇଥିବା ବେଳେ, କନ୍ଧମାଳ ଜିଲ୍ଲାରେ ୨୨,ମାଲକାନଗିରି ଜିଲ୍ଲାରେ ୨୧ ଜଣ କଳାହାଣ୍ଡି ଜିଲ୍ଲାରେ ୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଢେଙ୍କାନାଳ ଜିଲ୍ଲାରେ ୧୯ ଜଣ ଆକ୍ରାନ୍ତ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରେ ୧୧ ଜଣ ଓ ବରଗଡରେ ୧୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୋନପୁରରେ ୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡା ଜିଲ୍ଲାରେ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ନବରଂଗପୁର ୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି ।

# ୟୁଏଇରୁ ପ୍ରବାସୀ ଓଡ଼ିଆଙ୍କୁ ଫେରାଇ ଆଣିବାକୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୧।୬ (ନି.ପ୍ର): କରୋନା ଭୂତାଣୁ କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ବିଦେଶରେ ଅଟକି ରହିଥିବା ଓଡ଼ିଆଙ୍କୁ ରାଜ୍ୟକୁ ଫେରିବା ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପତ୍ର ଲେଖିଛନ୍ତି । ଗତ ୩୦ ତାରିଖରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ୧୮ଟି ଦେଶର ପ୍ରବାସୀ ଓଡ଼ିଆମାନଙ୍କ ସହିତ ଭିଡିଓ କନଫରେନ୍ସିଂ ଯୋଗେ ଆଲୋଚନା କରିବା ସମୟରେ ୟୁନାଇଟେଡ୍ ଆରବ୍ ଏମିରେଟସ୍‌ରେ ଅଟକି ରହିଥିବା ପ୍ରାୟ ୩୦୦ ପ୍ରବାସୀ ଓଡ଼ିଆ ଫେରିବାକୁ ଚାହୁଁଥିବା କଥା ଅବଗତ ହୋଇଥିଲେ । ତେବେ ପ୍ରକ୍ରିୟାଗତ ଅସୁବିଧା ଯୋଗୁଁ ସେମାନଙ୍କର ଫେରିବାରେ ବିଳମ୍ବ ହେଉଥିବା କଥା ଜାଣିପାରିଥିଲେ ଏବଂ ଏ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ବୈଦେଶିକ ମନ୍ତ୍ରାଳୟ ସହ ଯୋଗାଯୋଗ କରି ସେମାନଙ୍କର ଓଡ଼ିଶାକୁ ଫେରିବା ନିମନ୍ତେ ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଅନୁରୋଧ କରିବା ସହିତ ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଥିଲେ । ଏହି ମର୍ମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବୈଦେଶିକ ମନ୍ତ୍ରାଳୟରେ ଓଡ଼ିଶା ଦାୟିତ୍ୱରେ ଥିବା ନୋଡାଲ୍ ଅଧିକାରୀ ଶ୍ରୀ ରାହୁଲ ଶ୍ରୀବାସ୍ତବଙ୍କ ସହ ଯୋଗାଯୋଗ କରିଛନ୍ତି ଏବଂ ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି । ଏଥି ସହିତ ଓଡ଼ିଶା ଫେରିବା ପରେ ପ୍ରବାସୀ ଓଡ଼ିଆମାନଙ୍କୁ କ୍ୱାରାଂଟାଇନ୍‌ରେ ରହିବା ବ୍ୟବସ୍ଥା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ଆଦି ଯୋଗାଇ ଦିଆଯିବ ବୋଲି କହିଛନ୍ତି । ୟୁନାଇଟେଡ୍ ଆରବ୍ ଏମିରେଟସ୍‌ରେ ଅଟକି ରହିଯାଇଥିବା ପ୍ରାୟ ୩୦୦ ଓଡ଼ିଆ । ଜୁନ୍ ୫ ତାରିଖରେ ଚ୍ୱାର୍ଟାର୍ଡ ପ୍ଲେନ୍‌ରେ ଫେରିବା ପାଇଁ ସ୍ଥିର କରାଯାଇଛି । ଏହି ପରିପ୍ରେକ୍ଷୀରେ ଯେପରି ଧାର୍ଯ୍ୟ ତାରିଖରେ ସେମାନେ ଓଡ଼ିଶା ଫେରିପାରିବେ ସେଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

# ମୋଦି ସରକାରଙ୍କର ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି

### ଓଡିଆଙ୍କ ବିକାଶ, ସମ୍ମାନ, ଦୁର୍ବିପାକ ମୁକାବିଲାରେ ମୋଦି ସରକାରଙ୍କ ଅବଦାନ ଅତୁଳନୀୟ : ବିଜେପି

ଭୁବନେଶ୍ୱର,୧।୬ (ନି.ପ୍ର): କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୁରଣ ହୋଇଛି । ଏହି ଗୋଟିଏ ବର୍ଷରେ ମୋଦି ସରକାର କେନ୍ଦ୍ରୀୟ ସ୍ତରରେ କିଛି ଏପରି ନିଷ୍ପତି ନେଇଛନ୍ତି ଯାହା ଭାରତର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେହିପରି ସମାନ ଢଙ୍ଗରେ ଓଡିଶା ପାଇଁ ମଧ୍ୟ ମୋଦି ସରକାର ଅନେକ ନିଷ୍ପତି ନେଇଛନ୍ତି, ଯାହା ଓଡିଶାବାସୀଙ୍କ ପାଇଁ ସ୍ମରଣୀୟ । ଏହି ଗୋଟିଏ ବର୍ଷରେ ଓଡିଆଙ୍କ ବିକାଶ, ସମ୍ମାନ, ଦୁର୍ବିପାକ ମୁକାବିଲାରେ ମୋଦି ସରକାରଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ଫନି ମହାବାତ୍ୟା ଆସିବା ପୂର୍ବରୁ ବାତ୍ୟା ମୁକାବିଲା ପାଇଁ ଓଡିଶାକୁ ମୋଦି ସରକାର ଅଗ୍ରିମ ଆକାରରେ ଦେଇଥିଲେ ୩୪୧ କୋଟି । ବାତ୍ୟା ପରେ ପରେ ପ୍ରଧାନମନ୍ତ୍ରୀ ମୋଦି ଆଉ ୧ ହଜାର କୋଟି ଟଙ୍କା , ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ ପରେ ଆହୁରି ୩୩୩୮ କୋଟି ଟଙ୍କା, ଏହିପରେ ଭାବେ ମୋଟ ୪୬୭୯ କୋଟି ଟଙ୍କା ମିଳିଥିଲା । ସେହିପରି ଅମ୍ଫାନ ବାତ୍ୟାରେ ଓଡିଶାରେ ଯେଉଁ କ୍ଷତି ହୋଇଛି ସେଥିପାଇଁ ନରେନ୍ଦ୍ର ମୋଦି ନିଜେ କ୍ଷତିଗ୍ରସ୍ତ ଅଂଚଳ ବୁଲିବା ସହିତ ୫୦୦ କୋଟି ଟଙ୍କାର ପ୍ୟାକେଜ ଓଡିଶାକୁ ଦେଇଛନ୍ତି । ୨୦୨୦-୨୧ରେ କେନ୍ଦ୍ର ସରକାରଙ୍କ ଟିକସରେ ରାଜ୍ୟର ଅଂଶ ବାବଦରେ ଓଡିଶା ପାଉଛି ୩୬,୩୦୦ କୋଟି ଟଙ୍କା । ସେହିପରି ଚଳିତ ଆର୍ଥୀକ ବର୍ଷରେ ୨୦୨୦-୨୧ରେ ଓଡିଶା କେନ୍ଦ୍ରୀୟ ଅନୁଦାନ ବାବଦରେ ପାଉଛି ୩୨,୦୦୦ କୋଟି ଟଙ୍କା । ୨୦୧୪-୧୫ରୁ ୨୦୨୦-୨୧ ଭିତରେ କେନ୍ଦ୍ରୀୟ ଅନୁଦାନ ଓ କେନ୍ଦ୍ରୀୟ ଟିକସ ବାବଦରେ ଓଡିଶାକୁ ମିଳିଛି ୩,୬୮,୫୯୨ କୋଟି ଟଙ୍କା । ୨୦୨୦-୨୧ ରେଳ ବଜେଟରେ ଓଡିଶାକୁ ମିଳିଛି ୫୨୯୬ କୋଟି ଟଙ୍କା । ସେହିପରି କୋଣାର୍କକୁ ସୂର୍ଯ୍ୟନଗରୀ ଭାବେ ଗଢି ତୋଳିବା ପାଇଁ କେନ୍ଦ୍ର ସରକାର ସୋଲାର ପ୍ରକଳ୍ପ ବାବଦରେ ୨୫ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଯୋଗାଇ ଦେଇଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ ଚଳିତ ବର୍ଷ ୨୦୨୦ରେ ପଦ୍ମ ପୁରସ୍କାରରେ ଓଡିଶାରୁ ୧୨ ଜଣ ଓଡିଆ ସମ୍ମାନିତ ହୋଇଛନ୍ତି ଯାହା ଏକ ରେକର୍ଡ । ସାହିତ୍ୟିକ ତଥା ଦାର୍ଶନିକ ମନୋଜ ଦାସଙ୍କୁ ପଦ୍ମ ବିଭୁଷଣ, ପ୍ରଫେସର ରାଧାମୋହନ, ବିଣାପାଣି ମହାନ୍ତିଙ୍କୁ ପଦ୍ମଶ୍ରୀ ମିଳିଥିଲା । ପୂର୍ବରୁ ୨୦୧୯ରେ ଦୈତାରି ନାଏକ, ପ୍ରକାଶ ରାଓ ଓ ଆଦିବାସୀ ମହିଳା କମଳା ପୂଜାରିଙ୍କୁ ପଦ୍ମ ପୁରସ୍କାର ମିଳିଥିଲା । ମୋଦିଙ୍କ ସମୟରେ ଓଡିଶାରୁ ୩ ରାଜ୍ୟପାଳ, ପ୍ରଥମ ଓ ଦ୍ୱିତୀୟ ଉଭୟ ସରକାରରେ ୨ ଜଣ କେନ୍ଦ୍ରମନ୍ତ୍ରୀ, ଓଡିଶାରୁ ପ୍ରଥମ ଥର ପାଇଁ ଦୁଇ ମନୋନୀତ ରାଜ୍ୟସଭା ସଦସ୍ୟ, ଓଡିଆଘରର ମାଣବସା, ଛଉ ନାଚ ଓ ରାବଣ ଛାୟାକୁ କେନ୍ଦ୍ରୀୟ ଐତିହ୍ୟ ମାନ୍ୟତା ଦେବା ଓଡିଶା ପାଇଁ ଗର୍ବର କଥା । କରୋନା ମୁକାବିଲା ପାଇଁ ଓଡିଶାକୁ ମୋଦି ସରକାର ସହାୟତାର ହାତ ବଢାଇଛନ୍ତି । ଏବେ ସୁଦ୍ଧା ବାହାରେ ରହୁଥିବା ଓଡିଆ ଲୋକଙ୍କୁ ଘରକୁ ଫେରାଇ ଆଣିବା ପାଇଁ ଓଡିଶାକୁ ୧୭୮ଟି ଟ୍ରେନ ମାଧ୍ୟମରେ ୩ ଲକ୍ଷ ୩୦ ହଜାରରୁ ଅଧିକ ପ୍ରବାଶି ଶ୍ରମିକଙ୍କୁ ଓଡିଶା ଫେରାଇ ଅଣାଯାଇଛି । ଶ୍ରମିକ ସ୍ପେସିଆଲ ଟ୍ରେନରେ କେନ୍ଦ୍ର ସରକାର ଟିକେଟ ମୂଲ୍ୟର ୮୫% ଅର୍ଥ ବହନ କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ଯେ । ସେହିପରି ଲକଡାଉନ ବେଳେ ପିଏମ ଗରିବ କଲ୍ୟାଣ ଯୋଜନାରେ ରାଜ୍ୟର ୩.୨୪ କୋଟି ହିତାଧୀକାରିଙ୍କୁ ମାସିକ ୫ କିଲୋ ହିସାବରେ ୩ ମାସ ପାଇଁ ଆଗୁଆ ଚାଉଳ ମିଳିଛି । କେନ୍ଦ୍ର ସରକାର ଏ ବାବଦରେ ୧୪୬୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଓଡିଶାର ୯୩ ଲକ୍ଷ ପରିବାରଙ୍କୁ ମାସକୁ ୧ କିଲୋ ଡାଲି ହିସାବରେ ୩ ମାସ ପାଇଁ ଡାଲି ଦିଆଯାଇଛି । କେନ୍ଦ୍ର ସରକାର ଏ ବାବଦରେ ୨୭୯ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ବାର୍ଦ୍ଧ୍ୟକ ଭତା ପାଉଥିବା ୧୪ ଲକ୍ଷ ୬୬ ହଜାର ବୃଦ୍ଧାବୃଦ୍ଧଙ୍କୁ ୧୦୦୦ ଟଙ୍କାର ସହାୟତା ଦିଆଯାଇଛି । ଏ ବାବଦରେ ୧୪୬.୭ କୋଟି ଟଙ୍କା ବ୍ୟୟ କରିଛନ୍ତି । ସେହିପରି ୫.୨୫ଲକ୍ଷ ବିଧବା ମା ମାଉସୀଙ୍କ ପାଇଁ ୧ ହଜାର ଟଙ୍କା ହିସାବରେ ୫୨ କୋଟି ଟଙ୍କା, ୮୬, ୭୬୧ ଜଣ ଦିବ୍ୟାଙ୍ଗ ଭାଇ ଭଉଣୀ ମାନଙ୍କ ପାଇଁ ୧ ହଜାର ଟଙ୍କା ହିସାବରେ ୮.୭ କୋଟି ଟଙ୍କା କେନ୍ଦ୍ର ସରକାର ଖର୍ଚ୍ଚ କରିଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି । ସେହିପରି ପିଏମ କିଷାନ ଯୋଜନାରେ ଓଡିଶାର ୩୬.୨୮ ଲକ୍ଷ କୃଷକଙ୍କ ଆକାଉଂଟକୁ ଏହି ଲକଡାଉନ ସମୟରେ ୨୦୦୦ ଟଙ୍କା ଲେଖାଏଁ ଦିଆଯାଇଛି । ୭୨୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ଏହି ବାବଦରେ ମୋଦି ସରକାର । ୫୯୩ କୋଟି ଟଙ୍କା ବ୍ୟୟ କରି ୧୫୦୦ ଟଙ୍କା ଲେଖାଏଁ ରାଜ୍ୟରେ ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଖୋଲିଥିବା ୩୯.୫୧ ଲକ୍ଷ ମହିଳାଙ୍କ ଆକାଉଂଟକୁ ଦିଆଯାଇଛି । ଓଡିଶାର ୨୮ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ୧୫୦୦ ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି । ଶ୍ରୀ ମହାନ୍ତି କହିଛନ୍ତି ଯେ, ରାଜ୍ୟରେ କୋଭିଡ ହସ୍ପିଟାଲ ନିର୍ମାଣରେ କେନ୍ଦ୍ର ସରକାରଙ୍କର ଭୂମିକା ମହତ୍ୱପୂର୍ଣ୍ଣ ରହିଛି । କେନ୍ଦ୍ରୀୟ ରାଷ୍ଟ୍ରାୟତ ସଂସ୍ଥା ନାଲକୋ, ଏମସିଏଲ, ଏନଟିପିସି, ଆଇଓସିଏଲ, ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ ପକ୍ଷରୁ ରାଜ୍ୟରେ କୋଭିଡ ହସ୍ପିଟାଲ ନିର୍ମାଣ ପାଇଁ ଅର୍ଥ ଦିଆଯାଇଛି । ବର୍ତମାନ ରାଜ୍ୟରେ ୫ରୁ ଅଧିକ କେନ୍ଦ୍ରୀୟ ଅନୁଷ୍ଠାନରେ କୋରନା ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯାଇଛି । କରୋନା ମହାମାରିରେ ପ୍ରଭାବିତ ହୋଇଥିବା ଅର୍ଥନୀତିକୁ ସୁଧାରିବା ପାଇଁ କେନ୍ଦ୍ର ସରକାର ୨୦ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ପ୍ୟାକେଜ ଘୋଷଣା କରିଛନ୍ତି । ଏହି ଯୋଜନାରେ ଓଡିଶା ପାଇଁ ଅନେକ ସୁଯୋଗ ଅଛି । କୃଷି କ୍ଷେତ୍ର ପାଇଁ କେନ୍ଦ୍ର ସରକାର ଯେଉଁ ପ୍ୟାକେଜ୍ ଘୋଷଣା କରିଛନ୍ତି ଏହା ସମଗ୍ର ଦେଶ ସହିତ ଓଡିଆ ଚାଷୀଙ୍କର ମେରୁଦଣ୍ଡକୁ ମଜବୁତ୍ କରିବ ।

ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅପରାଜିତା ଷଡଙ୍ଗୀ, ବିରୋଧୀ ଦଳର ଉପନେତା ବିଷ୍ଣୁ ସେଠୀ, ସାଧାରଣ ସମ୍ପାଦକ ପୃଥୀରାଜ ହରିଚନ୍ଦନ, ମୁଖପାତ୍ର ଗୋଲକ ମହାପାତ୍ର, ଦିଲ୍ଲିପ ମହାନ୍ତି, ସୁଦୀପ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଶାରେ ଲକଡାଉନ....

ଜିଲ୍ଲାପାଳ ଏବଂ ପୌରାଂଚଳ କମିଶନରମାନେ କଂଟେନମେଂଟ ଜୋନ୍ ନିର୍ଦ୍ଧାରଣ କରିବେ । କଂଟେନମେଂଟ ଜୋନରେ ଅତ୍ୟାବଶ୍ୟକୀୟ ସେବା ଚାଲୁ ରହିବ । ସଘନ କଂଟାକ୍ଟ ଟ୍ରେସିଂ ଘରକୁ ଘର ନିରୀକ୍ଷଣ ଏବଂ ଆବଶ୍ୟକୀୟ ଚିକିତ୍ସା ସମ୍ବଦ୍ଧିତ କରାଯିବ । ଧର୍ମସ୍ଥାନ, ସର୍ବସାଧାରଣଙ୍କ ପୂଜା ପାଇଁ ଉଦ୍ଦିଷ୍ଟ ସ୍ଥାନ, ସପିଂ ମଲ୍, ସିନେମାହଲ୍, ଜିମ୍ନାସିୟମ, ସୁଇମିଂ ପୁଲ, ମନୋରଂଜନ ପାର୍କ, ଥିଏଟର, ବାର, ପ୍ରେକ୍ଷାଳୟ, ସମେତ ସ୍ଥାନ ଆଦି ବନ୍ଦ ରହିବ । ଶିକ୍ଷାନୁଷ୍ଠାନ, ତାଲିମ ଏବଂ କୋଚିଂ ସେଂଟର ଆଦି ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ହୋଟେଲମାନେ ନିଜ ରହଣୀ-ଦକ୍ଷତାର ଶତକଡ଼ା ୩୦ ଭାଗ ମଧ୍ୟରେ କାରବାର କରିବେ । ରେସ୍ତୋରାଁ କେବଳ ଅନ୍ତେବାସୀ ଅତିଥିମାନଙ୍କ ପାଇଁ ଖୋଲିବ । ତେବେ ରେସ୍ତୋରାଁମାନେ ହୋମ୍ ଡେଲିଭରି ବା ଟେକ୍ ଓ୍ୱେ ଫୁଡ୍ ନିମନ୍ତେ କାରବାର କରିପାରିବେ । ମାସ୍କ ପିନ୍ଧିବା, ୬ ଫୁଟର ସାମାଜିକ-ଦୂରତା ରକ୍ଷା କରିବା, ସର୍ବସାଧାରଣ ସ୍ଥାନରେ ଛେପ ନ ପକାଇବା ଆଦି ନିର୍ଦ୍ଦେଶକୁ ଦୃଢ଼ଭାବେ କାର୍ଯ୍ୟକାରୀ କରାଯିବ । ଦୋକାନୀମାନେ ନିଜ ନିଜ ଦୋକାନରେ ସାମାଜିକ ଦୂରତା ନିୟମ ନିର୍ଣ୍ଣିତ କରାଇବେ । ଦୋକାନର ଆକାର ଅନୁସାରେ ଏକ ସମୟରେ ୨ ରୁ ୫ ଜଣ ମଧ୍ୟରେ ଗ୍ରାହକ ଦୋକାନ ଭିତରେ ରହିପାରିବେ । ବିବାହ ଉତ୍ସବରେ ଅତିଥିଙ୍କ ସଂଖ୍ୟା ୫୦ ଭିତରେ ଏବଂ ଅନ୍ତିମ ସଂସ୍କାରରେ ଯୋଗ ଦେଉଥିବା ଲୋକଙ୍କ ସଂଖ୍ୟା ୨୦ ଭିତରେ ସୀମିତ ରହିବ । ସନ୍ଧ୍ୟା ୭ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ସାର ରାଜ୍ୟରେ ଜରି ରହିବ । ତେବେ ଆବଶ୍ୟକୀୟ ସେବା, ପରିଚୟ ପତ୍ର ଥିବା ଆଇ.ଟି.କମ୍ପାନୀ, ଶିକ୍ଷାନୁଷ୍ଠାନ କର୍ମଚାରୀ ମାନଙ୍କୁ ଯାତାୟତ ପାଇଁ ଅନୁମତି ମିଳିବ । ଶିଳ୍ପ ଓ ନିର୍ମାଣ କାର୍ଯ୍ୟ ଚାଲୁ ରହିବ । ପୁନଶ୍ଚ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ୧୧ଟି ଜିଲ୍ଲାରେ ପ୍ରତି ସପ୍ତାହର ଶନିବାର ଏବଂ ରବିବାର ମାନଙ୍କରେ ସଟ୍ ଡାଉନ ଜାରି ରହିବ । ଏହି ଜିଲ୍ଲା ଗୁଡ଼ିକ ହେଲା ଗଂଜାମ, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ବଲାଙ୍ଗୀର । ସଟ୍-ଡାଉନ ସମୟରେ ଆବଶ୍ୟକୀୟ ସେବା, ବୈଦ୍ୟୁତିକ ଗଣମାଧ୍ୟମ, ଶିଳ୍ପ ନିର୍ମାଣ ଏବଂ ସେବା ଯୋଗାଣ ସଂସ୍ଥାକୁ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ଅନୁମତି ମିଳିବ । ସଂଗରୋଧ (କ୍ୱାରେନଟାଇନ) ବିଷୟରେ ଶ୍ରୀ ତ୍ରିପାଠୀ କହିଥିଲେ ଯେ, ଅନ୍ୟ ରାଜ୍ୟରୁ ଗ୍ରାମାଂଚଳକୁ ଫେରୁଥିବା ସମସ୍ତ ଲୋକ ସଂଗରୋଧରେ ରହିବେ । ରୋଗର କୌଣସି ଲକ୍ଷଣ ନ ଥିବା ଲୋକ ୭ ଦିନ ସରକାରୀ ସଂଗରୋଧ ଏବଂ ତାପର ୭ ଦିନ ନିଜଘର ସଂଗରୋଧରେ ରହିବେ । ଏହି ସମୟ ମଧ୍ୟରେ ରୋଗର ଲକ୍ଷଣ ଦେଖାଗଲେ ନିର୍ଦ୍ଧାରିତ ଗାଇଡ୍‌ଲାଇନ୍ ଅନୁସାରେ ତାଙ୍କୁ କରୋନା କେୟାର ସେଂଟର ବା କୋଭିଡ଼-ହସପିଟାଲକୁ ନିଆଯିବ । ସେହିପରି ସହରାଂଚଳରେ ଓଡ଼ିଶା ଫେରନ୍ତାମାନେ ୧୪ ଦିନ ପର୍ଯ୍ୟନ୍ତ ହୋମ୍ କ୍ୱାରେନଟାଇନରେ ରହିବେ । ଅନ୍ୟ ରଜ୍ୟରୁ ଓଡ଼ିଶାକୁ ବା ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ୭୨ ଘଂଟା ମଧ୍ୟରେ ଯିବା ଆସିବା କରୁଥିବା ବ୍ୟବସାୟୀ, ଉଦ୍ୟୋଗୀ, ପ୍ରଫେସନାଲ, ସରକାରୀ କର୍ମଚାରୀ ଆଦି ମାନଙ୍କୁ କ୍ୱାରେନଟାଇନରେ ରହିବାକୁ ପଡ଼ିବ ନାହିଁ । ୬୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି, ଡାଇବେଟିସ, କ୍ୟାନସର ଆଦି ରୋଗରେ ପୀଡ଼ିତ ଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଏବଂ ୧୦ ବର୍ଷର କମ୍ ପିଲାମାନେ ଘର ଭିତରେ ରହିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ପରାମର୍ଶ ଦେଇଛନ୍ତି । ତେବେ ଜରୁରୀକାଳୀନ ଚିକିତ୍ସା ପାଇଁ ଏହି ସମ୍ବେଦନଶୀଳ ବ୍ୟକ୍ତିମାନେ ଡାକ୍ତରଖାନା ଯିବା ଆସିବା କରିପାରିବେ । ମୁଖ୍ୟ ଶାସନ ସଚିବ ସତର୍କ କରାଇ ଦେଇଥିଲେ ଯେ, ଏହି ଲକ୍ ଡାଉନ ସମୟରେ ସମସ୍ତ ନିୟମକୁ କଡ଼ାକଡ଼ଇଭାବେ ଲାଗୁ କରାଯିବ । ନିୟମଭଙ୍ଗକାରୀଙ୍କ ବିରୁଦ୍ଧରେ ବିପର୍ଯ୍ୟୟ ପରିଚାଳନା ଆଇନ୍‌ର ଧାରା ୫୧ ରୁ ୬୦ ଏବଂ ଭାରତୀୟ ପିଙ୍ଗଳ କୋର୍ଡ଼ର ଧାରା ୧୮୮ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ରାଜ୍ୟରେ ଆଉ....

୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଖୋର୍ଧା, ନୟାଗଡ, ସୁନ୍ଦରଗଡ, ନୂଆପଡା, ମୟୁରଭଂଜ, ବରଗଡ, ଓ ସୋନପୁରରୁ ୩ ଜଣ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ବଲାଙ୍ଗୀର ଓ ସମ୍ବଲପୁରରୁ ୨ ଜଣ ଲେଖାଏ ଓ ବୌଦ୍ଧ, କେନ୍ଦୁଝର ଓ ମାଲକାନଗିରିରେ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଜୁଲାଇ ୩୧ ....

ପାଇଁ ନିଜସ୍ୱ ମାର୍ଗଦର୍ଶିକା ଘୋଷଣା କରିଛନ୍ତି । ଏ ସଂକ୍ରାନ୍ତରେ ସୋମାବାର ଦିନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଜୁନ୍ ମାସ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ । ପ୍ରବାସୀମାନେ ରାଜ୍ୟକୁ ଫେରୁଥିବାରୁ ରାଜ୍ୟରେ କରୋନ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଏବେ ସୁଦ୍ଧା ରାଜ୍ୟକୁ ୪ ଲକ୍ଷ୨୬, ୫୦୪ ଜଣ ପ୍ରବାସୀ ଫେରିଲେଣି । ସରକାରଙ୍କ ନୂଆ ଗାଇଡ୍ ଲାଇନ୍ ଅନୁଯାୟୀ ରାଜ୍ୟର କେଣସି ସ୍ଥାନରେ ଧାର୍ମିକ, ସାମାଜିକ ଓ ରାଜନୈତିକ ସମାବେଶ କରାଯାଇ ପାରିବ ନାହିଁ । ଭାରତ ସରକାର ରତ୍ରକାଳୀନ କର୍ଫ୍ୟୁ କୋହଳ କରିଥିଲେ ମଧ୍ୟ ଓଡ଼ିଶାରେ ପୂର୍ବବତ୍ ରାତି ୭ ରୁ ସକାଳ ୭ ଯାଏଁ କର୍ଫ୍ୟୁ ବଳବତର ରହିବ । ବିନା କାରଣରେ କୌଣସି ଲୋକ ବାହାରେ ବୁଲାବୁଲି ନ କରିବାକୁ ସରକାର ପରାମର୍ଶ ଦେଇଛନ୍ତି । ଏହାଛଡ଼ା ମାସ୍କ ନ ପିନ୍ଧିଲେ, ସାମାଜିକ ଦୂରତ୍ୱ ନ ମାନିଲେ ଓ ବାହାରେ ଛେପଖଙ୍କାର ପକାଉଥିବା ଲୋକଙ୍କୁ ଗିରଫ କରାଯାଇ ଜେଲ୍ ଓ ଜରିମାନା କରାଯିବ ବୋଲି ସରକାର ଚେତାବନୀ ଦେଇଛନ୍ତି ।

## ସୁସ୍ଥ ହେଲେ....

୧୨୪୫ ଜଣ ସୁସ୍ଥ ହୋଇଥିବାବେଳେ ୮୫୦ଟି ସକ୍ରିୟ ମାମଲା ରହିଛି । ସେହିପରି ରାଜ୍ୟରେ କରୋନା ଯୋଗୁଁ ୭ ଜଣଙ୍କର ମୃତ୍ୟୁ ହୋଇଛି । ଗଞ୍ଜାମ ଜିରଲ୍ଲାରେ ସର୍ବାଧିକ ୪୩୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୩୩୬ ଜଣ ସୁସ୍ଥ ହୋଇସାରିଲେଣି । ସୂଚନାଯୋଗ୍ୟ ଯେ ସୋମବାର ସକାଳେ ରାଜ୍ୟରେ ୧୫୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ବର୍ତମାନ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୧୦୪କୁ ବୃଦ୍ଧି ପାଇଛି ।

## କ୍ୱାରେଂଟାଇନ ସେଂଟର ....

ବଡ଼ମ୍ବା ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ୬/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରୀ ରହିଥିବା ନେଇ ଥାନା ଅଧିକାରୀ ପ୍ରଭାତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ଖବର ପାଇ କଟକ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର ଘଟଣାସ୍ଥଳରେ ପହଂଚି ସ୍ଥିତିର ଅନୁଧ୍ୟାନ କରି ଫେରିଛନ୍ତି । ତେବେ ସେ କେଉଁ କାରଣରୁ କ୍ୱାରେଂଟାଇନ ସେଂଟରରୁ ଲୁଚି ଘରକୁ ଯିବାକୁ ଉଦ୍ୟମ କରୁଥିଲେ ତାହା ବର୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମୃତ ବ୍ରଜବନ୍ଧୁ ବିବାହିତ, ତାଙ୍କର ପତ୍ନୀ ଓ ଦୁଇଟି ଝିଅ ଥିବା ଜଣାପଡିଛି । ଘଟଣା ପରେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ସମ୍ପୂର୍ଣ୍ଣ ବେସାହାରା ହୋଇପଡିଛନ୍ତି ପରିବାର ଲୋକେ । ମୃତକଙ୍କ ପରିବାରଙ୍କୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## କରୋନା ମୁକାବିଲାରେ ....

ଶ୍ରମିକମାନଙ୍କୁ ରନ୍ଧାଖାଦ୍ୟ ପ୍ୟାକେଟ୍ ଓ ପାନୀୟଜଳ ବୋତଲ ବଂଟା ଯାଇଥିଲା । ପାଖାପାଖି ୬ ହଜାର ପ୍ରବାସୀଙ୍କୁ ରାଜପଥରେ ଏଭଳି ଖାଦ୍ୟ ଦିଆଯାଇଥିଲା । ଏଥି ସହିତ ଚେନ୍ନାଇଠାରୁ ମୁମ୍ବାଇ ଓ ଦିଲ୍ଲୀରୁ ବେଙ୍ଗାଲୁରୁ ପର୍ଯ୍ୟନ୍ତ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ଶ୍ରମିକ ଓ ବସ୍ତିବାସିନ୍ଦାଙ୍କୁ ପ୍ରାୟ ୨ ଲକ୍ଷ ୯୦ରୁ ଅଧିକ ଖାଦ୍ୟ ପ୍ୟାକେଟ୍ ବଂଟନ କରିଥିବା ଜିଲ୍ଲାସ୍ତରୀୟ କଂଗ୍ରେସ ନେତା ସୂଚନା ଦେଇଛନ୍ତି । ତାଙ୍କରି ନିର୍ଦ୍ଦେଶକ୍ରମେ ବାଲେଶ୍ୱର ପୌରାଞ୍ଚଳର ପ୍ରତି ଓ୍ୱାର୍ଡରେ ସାନିଟାଇଜେସନ କାର୍ଯ୍ୟ ଆରମ୍ଭ କରାଯାଉଥିବା ସେମାନେ କହିଛନ୍ତି । କରୋନା ସ୍ଥିତିରେ ପ୍ରଶାସନ ସାନିଟାଇଜେସନ ବ୍ୟବସ୍ଥାକୁ ସ୍ଥଗିତ ରଖିଥିଲା ବେଳେ କଂଗ୍ରେସ ଦଳ ଏହି ନିଷ୍ପତି ନେଇଥିବା ପିସିସି ସାଧାରଣ ସମ୍ପାଦକ ତଥା କୋଭିଡ୍-୧୯ର ଜିଲ୍ଲାମୁଖ୍ୟ ସଂଜୀବ ଗିରି ସୂଚନା ଦେଇଛନ୍ତି । ଆଗାମୀ ଦିନରେ ଅନ୍ୟ ତିନି ପୌରାଞ୍ଚଳରେ ମଧ୍ୟ ଏଭଳି ସାନିଟାଇଜେସନ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି । ଶ୍ରୀ ଗିରିଙ୍କ ସମେତ ଟାଉନ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କା, ନୀଳଗିରିର ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ନୀଳଗିରି ବିଧାନସଭା ଆସନର କଂଗ୍ରେସ ପ୍ରାର୍ଥୀ ରାଣୀ ମନୋଜା ମଞ୍ଜରୀ ଦେବୀ, ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସଂମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି, ଅପର୍ଣ୍ଣା କର, ସୋର ବ୍ଲକ ପୂର୍ବତନ ଚେୟାରମ୍ୟାନ ଶ୍ରୀକାନ୍ତ ଜେନା, ପୂର୍ବତନ କାଉନସିଲର ଅଜୟ ଦ୍ୱିବେଦୀ, ଜିଲ୍ଲାକଂଗ୍ରେସ କମିଟିର ପୂବର୍ତନ ଉପସଭାପତି ଗୋପୀନାଥ ପାଢ଼ି, କୃଷ୍ଣଗୋପାଳ ପଣ୍ଡା, ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ସାଧାରଣ ସମ୍ପାଦକ ଦେବଦତ ଦାସ, ରାଜ୍ୟ ଛାତ୍ରକଂଗ୍ରେସ ଆବହକ ଗୌତମ ସାହୁ, ଜିଲ୍ଲା ଛାତ୍ରକଂଗ୍ରେସ ଆବାହକ ଜ୍ଞାନେନ୍ଦ୍ର ମହାନ୍ତି, ପୂର୍ବତନ କାଉନସିଲର ନାସିର ଖାଁ, ଶେଖ ସରିଫ ମହମ୍ମଦ, ଶେଖ ଅସଗର ଅଲ୍ଲୀ, ଶେଖ ଫାତୁ ମୁସ୍ତାଫିଜ୍, ଜୀବନ ମହାପାତ୍ର, ବୈଦ୍ୟୁର୍ଜ୍ୟ ଦାସ, ସନ୍ତୋଷ ମହାପାତ୍ର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଧର୍ମପରାୟଣ ଜନ୍ମେଞ୍ଜୟ କରଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୧।୬ (ନି.ପ୍ର): ବାଲେଶ୍ୱର ସହରର ସୁଏଲପୁର ଅଞ୍ଚଳୀ ସମାଜସେବୀ ତଥା ଧର୍ମପରାୟଣ ବ୍ୟକ୍ତି ଜନ୍ମେଞ୍ଜୟ କରଙ୍କର ଆଜି ସକାଳ ୫ଟା ୩୦ ସମୟରେ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା । ବୟାସାଧିକ ଯୋଗୁଁ ସେ ଗତ କିଛିଦିନ ଧରି ଅସୁସ୍ଥ ରହିବା ସହ ଚିକିତ୍ସିତ ହେଉଥିଲେ । ଆଜି ଘରେ ରହିଥିବା ବେଳେ ତାଙ୍କର ପରଲୋକ ହୋଇଯାଇଥିଲା । ତାଙ୍କର ମୃତ୍ୟୁ ଖବର ପାଇଁ ଆତ୍ମୀୟ ସଜ୍ଜନ, ବନ୍ଧୁବାନ୍ଧବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସୁଏଲପୁରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କର ପାର୍ଥିବ ଶରୀରକୁ ବାଲିଘାଟ ଶ୍ମଶାନକୁ ନିଆଯାଇ ଏକ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । କନିଷ୍ଠ ପୁତ୍ର ଯୋଗେଶ କର ମୁଖାଗ୍ନି ଦେଇଥିଲେ । ଜଣେ ପରୋପକାରୀ, ଧର୍ମପରାୟଣ, ମିଷ୍ଟଭାଷୀ ତଥା ମେଳାପୀ ବ୍ୟକ୍ତିତ୍ୱ ଭାବେ ତାଙ୍କର ଦେହାନ୍ତରେ ସୁଏଲପୁର ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

## ଭିଟାମାଟିକୁ ଫେରନ୍ତା ମୃତ ପ୍ରବାସୀ ଶ୍ରମିକଙ୍କୁ ସମ୍ମାନ: ଉତ୍କଳ ମହିଳା ସମିତି ପକ୍ଷରୁ ରାଷ୍ଟ୍ରୀୟ ଶୋକ ଦିବସ

ବାଲେଶ୍ୱର,୧୬ (ନି.ପ୍ର): ଦୀର୍ଘ ଅଢ଼େଇ ମାସର ଲକ୍ ଡାଉନ୍ ଯୋଗୁଁ ଜୀବିକା ହରାଇ ଭୟ ଓ ଭୋକ ମଧ୍ୟରେ ହଜାର ହଜାର ମାଇଲ୍ ଚାଲି ଭିଟାମାଟିକୁ ଫେରୁଥିବା ବେଳେ ପୁଲିସ ନିର୍ଯାତନାର ଶିକାର ହୋଇ ମୃତ୍ୟୁ ବରଣ କରିଥିବା ପ୍ରବାସୀ ଶ୍ରମିକଙ୍କ ସମ୍ମାନାର୍ଥେ ଉତ୍କଳ ମହିଳା ସମିତି ପକ୍ଷରୁ ଆଜି ରାଷ୍ଟ୍ରୀୟ ଶୋକ ଦିବସ ପାଳିତ ହୋଇଛି। ସମିତିର ଶତାଧିକ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ସାମାଜିକ ଦୂରତା ରକ୍ଷା ସହ ପ୍ଲା’ କାର୍ଡ଼ ପ୍ରଦର୍ଶନ ପୂର୍ବକ ଶାନ୍ତିପୂର୍ଣ୍ଣ ଭାବେ ଏହି ଶୋକ ଦିବସ ପାଳନ କରିଥିଲେ। ଏଥିରେ ଭାାରତୀୟ ଜାତୀୟ ମହିଳା ଫେଡ଼େରେସନ ସଂଯୁକ୍ତ ଉତ୍କଳ ମହିଳା ସମିତିର ରାଜ୍ୟ ସାଧାରଣ ସମ୍ପାଦିକା ପ୍ରଭାବତୀ ଦାସ, ଜିଲ୍ଲା ସଭାନେତ୍ରୀ ବନ୍ଦନା ବିଶ୍ୱାସ, ହେମପ୍ରିୟା ବାରିକ, ଆରତୀ ପତି, ଭାନୁମତୀ ନାୟକ, ଆରତୀ ସୋରେନ୍, ଲକ୍ଷ୍ମୀ ଟୁଡୁ ପ୍ରମୁଖଙ୍କ ସମେତ ବହୁ ସଂଖ୍ୟକ ମହିଳା ଏଥିରେ ଯୋଗ ଦେଇଥିଲେ। ଶ୍ରମିକଙ୍କ କର୍ମନିଯୁକ୍ତି ସୁରକ୍ଷା ସହ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସମ୍ବଳିତ ୮ ଦଫା ଦାବିରେ କ୍ଷୋଭ ପ୍ରକାଶ କରିଥିଲେ। ବିଶେଷ କରି ଗୋଦାମ ଘରେ ଖାଦ୍ୟ ସାମଗ୍ରୀ ମହଜୁଦ୍ ଥିବା ବେଳେ ଅନାହାରରେ ମୃତ୍ୟୁବରଣର ବିଭିଶୀକା ମୟ ପରିସ୍ଥିତି କେନ୍ଦ୍ର ସରକାରଙ୍କ ସୁଶାସନ ଏହି ଲକ୍ ଡାଉନରେ ପ୍ରତିଫଳିତ ହୋଇଥିବା ନାରୀ ନେତ୍ରୀମାନେ ଆରୋପ କରିଥିଲେ। ସାର୍ବଜନୀନ ବଣ୍ଟନ ବ୍ୟବସ୍ଥାରେ ସମସ୍ତଙ୍କ ପାଖରେ ଖାଦ୍ୟ ସାମଗ୍ରୀ ପହଞ୍ଚାଇବା, ସମସ୍ତଙ୍କୁ ମାଗଣା ସ୍ୱାସ୍ଥ୍ୟ, ଶିକ୍ଷା ଓ କର୍ମନିଯୁକ୍ତି ଯୋଗାଇବା, ଓ ନାଗରିକର ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେବା, ମହାତ୍ମାଗାନ୍ଧୀ ଗ୍ରାମୀଣ ନିର୍ଣ୍ଣିତ କର୍ମ ନିଯୁକ୍ତି ଯୋଜନାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ୨୬୦ ଦିନର କାର୍ଯ୍ୟ ଯୋଗାଇବା, ପ୍ରତ୍ୟେକ ପ୍ରବାସୀ ଶ୍ରମିକ ଓ ଅସଙ୍ଗଠିତ କ୍ଷେତ୍ର ଶ୍ରମିକ ପରିବାରକୁ ମାସିକ ୧୦ ହଜାର ଟଙ୍କା ହାରରେ ଅନ୍ୟୁନ ୬ ମାସ ପ୍ରଦାନ କରିବା, ସନ୍ଦେହ ଘେରରେ ଥିବା ‘ପିଏମ କେୟାର ଫଣ୍ଡ’ ଅର୍ଥକୁ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରେ ସାମିଲ କରିବା ଆଦି କାର୍ଯ୍ୟକାରୀ ପାଇଁ ସେମାନେ ଦାବି କରିଛନ୍ତି।

# ୧୧ ଜିଲ୍ଲାରେ ଦୁଇ ଦିନିଆ ସଟ୍ ଡାଉନ୍

### ସରକାରଙ୍କ ଅନ୍‌ଲକ୍ କଟକଣାକୁ ଜିଲ୍ଲାରେ ସ୍ୱାଗତ

ବାଲେଶ୍ୱର,୧୬ (ନି.ପ୍ର): ଚତୁର୍ଥ ପର୍ଯ୍ୟାୟ ଲକ୍ ଡାଉନ୍ ଅବଧି ଶେଷ ହେବା ସହ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆଜିଠାରୁ ସମଗ୍ର ଦେଶରେ କଟକଣା କୋହଳ ପୂର୍ବକ ଆରମ୍ଭ ହୋଇଛି ପ୍ରଥମ ପର୍ଯ୍ୟାୟ ଅନଲକ୍ ପ୍ରୋସେସ୍। ତେବେ ଏଥିରେ କେନ୍ଦ୍ର ସରକାର ପର୍ଯ୍ୟାୟ କ୍ରମେ କଟକଣାକୁ କୋହଳ କରିବା ପାଇଁ ପରାମର୍ଶ ଦେଇଥିଲେ ବି ରାଜ୍ୟ ସରକାର ଏଥରୁ ଭିନ୍ନ ଅଧିକ କିଛି କଟକଣା ଲାଗୁ ପାଇଁ ନିଷ୍ପତି ନେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ରାତ୍ରିକାଳୀନ କର୍ଫ୍ୟୁ ଅବଧି ରାତି ୯ଟାରୁ ଭୋର ୫ଟା ପର୍ଯ୍ୟନ୍ତ ରଖିବା ପାଇଁ କହିଥିବା ବେଳେ ଓଡ଼ିଶା ସରକାର ଏହାକୁ ପରିବର୍ତ୍ତନ କରି ପୂର୍ବ ପରି ସଂଧ୍ୟା ୭ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଜାରି ରଖିଛନ୍ତି। ଏହା ସହିତ ବାଲେଶ୍ୱର ସମେତ ରାଜ୍ୟର ୧୧ ଗୋଟି କରୋନା ସଂକ୍ରମିତ ଜିଲ୍ଲାରେ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ପ୍ରତି ସପ୍ତାହର ଶନିବାର ଓ ରବିବାର ସମ୍ପୂର୍ଣ୍ଣ ସଟଡାଉନ୍ ରହିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ସଟଡାଉନ ସମୟରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ କ୍ଲିନିକ୍, ହସପିଟାଲ, ନର୍ସିଂ ହୋମ ସହ ମେଡିସିନ୍ ଦୋକାନ, ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ସଟଡାଉନ୍‌ରୁ ବାଦ୍ ଦିଆଯାଇଛି। ଏହା ସହିତ ପେଟ୍ରୋଲ ପମ୍ପ, ଟେଲି କମ୍ୟୁନିକେସନ ସେବା, ବୈଦ୍ୟୁତିକ ଗଣମାଧ୍ୟମ, ପାନୀୟ ଜଳ, ବିଦ୍ୟୁତ୍ ସେବା, ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ, ଶିଳ୍ପାନୁଷ୍ଠାନ, ରେଳଷ୍ଟେସନରୁ ପରିବହନ ପାଇଁ ଉଦ୍ଦିଷ୍ଟ ଯାନବାହାନ ପ୍ରଭୃତିକୁ ଅନୁମତି ପ୍ରଦାନ କରାଯାଇଛି। ଏହି ସମୟ ମଧ୍ୟରେ ବିବାହ ଓ ଶବ ସଂସ୍କାର କାର୍ଯ୍ୟ ସ୍ଥାନୀୟ ପ୍ରଶାସନର ଅନୁମତି କ୍ରମେ କରାଯାଇ ପାରିବ। ଏହା ବ୍ୟତୀତ ଅନ୍ୟ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି କୁହାଯାଇଛି। ତେବେ ୫ମ ପର୍ଯ୍ୟାୟ ଲକ୍ ଡାଉନ୍‌ରେ ସମସ୍ତଙ୍କ ପାଇଁ ମାସ୍କ ବ୍ୟବହାର ବାଧ୍ୟତାମୂଳକ ହୋଇଥିବା ବେଳେ ସ୍କୁଲ, କଲେଜ, କୋଚିଂ ସେଣ୍ଟର ପ୍ରଭୃତି ଶିକ୍ଷାନୁଷ୍ଠାନ ଜୁଲାଇ ଶେଷ ପର୍ଯ୍ୟନ୍ତ ବନ୍ଦ ରହିବ। ତେବେ ଧର୍ମୀୟ ଅନୁଷ୍ଠାନକୁ ଶ୍ରଦ୍ଧାଳୁଙ୍କ ପ୍ରବେଶ କଟକଣା ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ରହିବା ସହ ଧାର୍ମିକ, ସାମାଜିକ, ସାଂସ୍କୃତି ଓ ମନୋରଂଜନ ଭିତ୍ତିକ ସମାବେଶକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେହିଭଳି ଅଧିକ ଜନସମାଗମ ଆଶଙ୍କା ଥିବା ସିନେମା ହଲ, ପବ୍ଲିକ ପାର୍କ, ଜିମ୍, ଅଡ଼ିଟରିୟମ ପ୍ରଭୃତି ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି କୁହାଯାଇଛି। ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାରଙ୍କ ଏଭଳି ନିଷ୍ପତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## କ୍ୱାରେଂଟାଇନ ସେଂଟର ବାହାରୁ ପ୍ରବାସୀଙ୍କ ମୃତଦେହ ଉଦ୍ଧାର

### ପାଚେରୀ ଡ଼େଇଁ ଘରକୁ ଯିବାକୁ ଉଦ୍ୟମ ବେଳେ ମୃତ୍ୟୁ ସନ୍ଦେହ

କଟକ,୧୬ (ନି.ପ୍ର): କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଗ୍ରାମରେ ଥିବା କ୍ୱାରେଂଟାଇନ ସେଂଟର ପାଚେରୀ ବାହାରୁ ଆଜି ଭୋରରୁ ଜଣେ ପ୍ରବାସୀଙ୍କ ମୃତଦେହ ଉଦ୍ଧାର ହୋଇଛି। ପୋଲିସ ଓ ସାଇଂଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛନ୍ତି । କିପରି ଓ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ପୋଲିସ ପକ୍ଷରୁ ସେନେଇ ଅଧିକ ତଦନ୍ତ ଜାରୀ ରହିଛି । ମୃତକଙ୍କ ନାମ ବ୍ରଜବନ୍ଧୁ ରଣା ଏବଂ ତାଙ୍କ ପିତାଙ୍କ ନାମ ଦିନବନ୍ଧୁ ରଣା। ୩୭ ବର୍ଷିୟ ବ୍ରଜବନ୍ଧୁଙ୍କ ଘର ସେହି କୃଷ୍ଣଚନ୍ଦ୍ରପୁର ଗ୍ରାମରେ ଏବଂ କ୍ୱାରେଂଟାଇନ ସେଂଟରର ଅନତି ଦୂରରେ । ଗତ ୨୬ ତାରିଖରେ ସେ ମୁମ୍ବାଇରୁ ଫେରିଥିବା ବେଳେ ସ୍ଥାନୀୟ କ୍ୱାରେଂଟାଇନ ସେଂଟରରେ ରହୁଥିଲେ । ତିନି ବର୍ଷ ପୂର୍ବରୁ ତାଙ୍କ ହାର୍ଟରେ ଅପରେସନ ହୋଇଥିଲା । ସେ ଦୀର୍ଘ ଦିନ ହେଲା ମଧୁମେହରେ ଆକ୍ରାନ୍ତ ଥିଲେ । ଡ଼ାକ୍ତରଙ୍କ ପରାମର୍ଶ କ୍ରମେ ସେ ନିୟମିତ ଭାବେ ଔଷଧ ସେବନ କରୁଥିଲେ । ଗତକାଲି ସେ ରାତ୍ରୀଭୋଜନ ପରେ ସେ ସେଂଟରରେ ତାଙ୍କ ବେଡ୍ ରେ ବିଶ୍ରାମ ନେବାକୁ ଯାଇଥିଲେ। ବିଳମ୍ବିତ ରାତିରେ ସେ କ୍ୱାରେଂଟାନ କେନ୍ଦ୍ରର ୭ରୁ ୮ ଫୁଟ୍ ଉଚ୍ଚର ପାଚେରୀ ଡେଇଁ ଘରକୁ ଯିବାକୁ ଚେଷ୍ଟା କରିବା ବେଳେ ପାଚେରୀରୁ ଗୋଡ଼ ଖସିଯିବାରେ ପାଚେରୀ ଆରପାଖରେ ପଡିଥିବା ଭଙ୍ଗା ଇଟା ଓ ଗେଟି ଉପରେ ପଡି ଛାତିରେ ଆଘାତ ଲାଗିବା କାରଣରୁ ଘଟଣାସ୍ଥଳରେ ପ୍ରାଣ ହରାଇଥିବା ପୋଲିସ ଅନୁମାନ କରୁଛି । ପାଚେରୀରୁ ପାଦ ଖସିବାର ଚିହ୍ନ ଥିବା ସାଇଂଟିଫିକ୍ ଟିମ୍ ଛାନଭିନ୍ ବେଳେ ଜାଣିବାକୁ ପାଇଛି । ମୃତକଙ୍କ ଶବ ଜବତ ପରେ ଏହାକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲକୁ ପଠାଯାଇଛି ।

▶▶ପୃଷ୍ଠା ୭

## ପୃଥକ୍ ପୃଥକ୍ ସ୍ଥାନରେ ବଜ୍ରପାତ : ତିନି ମୃତ, ଜଣେ ଗୁରୁତର

ଗଞ୍ଜାମ,୧୬ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ଅପରାହ୍ନରେ ପୃଥକ୍ ପୃଥକ୍ ସ୍ଥାନରେ ବଜ୍ରପାତ ଘଟି ତିନି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଥିବା ଜଣାପଡିଛି ।

ଅପରାହ୍ନରେ ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ କାକରଡ଼ା ଗ୍ରାମର ନୀଳାଚଂଳ ଆଲଟିଆ, ସନ୍ତୋଷ ଗୌଡ଼, ବଳରାମ ଗୌଡ଼ ଶ୍ରମିକ ଭାବେ ମୂଲ ଲାଗିଗିବାକୁ ଯାଇଥିବା ବେଳେ ଅପରାହ୍ନରେ ଡ଼େଙ୍ଗାବାଡ଼ି ଗ୍ରାମର ଏକ ଦୋକାନ ବାରଣ୍ଡାରେ ବସିଥିଲେ । ଏହି ସମୟରେ ବଜ୍ରପାତରେ ତିନି ଜଣ ଯାକ ଗୁରୁତର ହୋଇ ପଡିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ଏମାନଙ୍କୁ ବୁଗୁଡ଼ା ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା । ଡ଼ାକ୍ତର ସେଠାରେ ନୀଳାଚଂଳ ଓ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିବା ବେଳେ ବଳରାମଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି । ଅନ୍ୟ ଏକ ଘଟଣା କ୍ରମେ ସେହି ବ୍ଲକର ସୀମାଚଂଳ ପ୍ରଧାନ ବଜ୍ରପାତରେ ଗୁରୁତର ହୋଇପଡିଥିଲେ । ଚିକିତ୍ସା ନିମନ୍ତେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ବୁଗୁଡ଼ା ପୋଲିସ ଡ଼ାକ୍ତରଖାନାରେ ପହଂଚି ତିନି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଭଞ୍ଜନଗର ଉପଖଣ୍ଡ ଡ଼ାକ୍ତରଖାନାକୁ ପଠାଇଛନ୍ତି । ଏ ସଂକ୍ରାନ୍ତରେ ବୁଗୁଡ଼ା ଥାନା ପୋଲିସ ତିନୋଟି ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ଆଦିବାସୀ ପରିବାରଙ୍କୁ ସରକାରୀ ଜମିରୁ ଉଚ୍ଛେଦର ବିରୋଧ

### ଜମିପଟ୍ଟା ଦାବିରେ କ୍ଷେତ ମଜଦୁର ୟୁନିୟନର ବିକ୍ଷୋଭ

ବାଲେଶ୍ୱର,୧୬ (ନି.ପ୍ର): ଚାନ୍ଦିପୁର ଓ ଶ୍ରୀକୋଣା ପଞ୍ଚାୟତରେ ଶହ ଶହ ବର୍ଷଧରି ବସବାସ କରି ଆସୁଥିବା ଭୂମିହୀନ ଆଦିବାସୀ ପରିବାରଙ୍କୁ ପଟ୍ଟା ପ୍ରଦାନ ପରିବର୍ତ୍ତେ ଉଚ୍ଛେଦ ପାଇଁ ହେଉଥିବା ଉଦ୍ୟମକୁ ଭାରତୀୟ କ୍ଷେତ ମଜଦୁର ୟୁନିୟନ ଅସନ୍ତୋଷ କରିଛି। ସଂଗଠନର କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶ୍ରୀକୋଣା ଓ ଚାନ୍ଦିପୁର ଅଞ୍ଚଳର ବହୁ ଆଦିବାସୀ ମହିଳା ଏକ ଶୋଭାଯତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚି ଭୂମିହୀନ ଆଦିବାସୀ ପରିବାରଙ୍କ ପ୍ରତି ରାଜସ୍ୱ ବିଭାଗର ଉଦାସୀନତା ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରମିକନେତା ଜୟନ୍ତ ଦାସ, କ୍ଷେତ ମଜଦୁର ୟୁନିୟନର ଅଞ୍ଚଳ ସମ୍ପାଦକ ଯତୀନ କୁମାର




ପାତ୍ର, ନେତ୍ରୀ ସୁହାଗୀ ମାଝୀ, ତିଳୋତ୍ତମା ମାଝୀ, ବନ୍ଦନା ପାତ୍ର ପ୍ରମୁଖ ଏଥିରେ ଯୋଗଦେଇ ଗରିବ ଭୂମିହୀନ ଆଦିବାସୀ ପରିବାରଙ୍କ ପ୍ରତି ସରକାରୀ କଳର ଅବହେଳାକୁ ନେଇ ତୀବ୍ର ସମାଲୋଚନା କରିଥିଲେ। ଭୂମିହୀନଙ୍କୁ ଘରଡିହ ଯୋଜନାରେ ଶ୍ରୀକୋଣା ଓ ଚାନ୍ଦିପୁର ଅଞ୍ଚଳର ସରକାରୀ ଜମିରେ ବାସ କରୁଥିବା ୨ହଜାରରୁ ଅଧିକ ଆଦିବାସୀ ପରିବାର ଜମି ପଟ୍ଟା ପାଇଁ ୨୦୦୩ ମସିହାରୁ ଆବେଦନ କରିଥିଲେ। ସଦର ତହସିଲର ତତ୍କାଳୀନ ତହସିଲଦାରଙ୍କ ସମେତ ଇତିମଧ୍ୟରେ ବହୁ ତହସିଲଦାର ଗଲେଣି ମାତ୍ର ଏହି ଭୂମିହୀନଙ୍କୁ କେବଳ ପ୍ରତିଶ୍ରୁତି ମିଳି ଚାଲିଛି ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି। ସେମାନଙ୍କୁ ଜମିତ ଦେଲେ ନାହିଁ ବରଂ ତହସିଲଦାର ସ୍ଥାନୀୟ ଆରଆଇଙ୍କ ଜରିଆରେ ସରକାରୀ ଜମିରେ ଶହଶହ ବର୍ଷଧରି ରହି ଅଳସୁଥିବା ଆଦିବାସୀ ପରିବାରଙ୍କୁ ସେଠାରୁ ଉଚ୍ଛେଦ ପାଇଁ ଉଦ୍ୟମ ଜାରି ରଖିଥିବା ସଂଗଠନ ପକ୍ଷରୁ ଆରୋପ ହୋଇଛି। ଆଦିବାସୀଙ୍କୁ ସେଠାରୁ ହଟାଇ ଚିଙ୍ଗୁଡ଼ି ମାଫିଆଙ୍କୁ ୯୯ ବର୍ଷିଆ ଲିଜ୍ ସୂତ୍ରରେ ଉକ୍ତ ଜମିକୁ ଦେବା ପାଇଁ ପ୍ରୟାସ ହେଉଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଏନେଇ ଅଗ୍ରମୀ ଆକାରରେ ଚାନ୍ଦିପୁର ଆରଆଇ ଓ ସଦର ତହସିଲଦାର ଚିଙ୍ଗୁଡ଼ି ମାଫିଆଙ୍କଠାରେ ନେଇଥିବା ଆରୋପ ହୋଇଛି। ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ଦୁଇ ପଞ୍ଚାୟତର ଭୂମିହୀନ ଆଦିବାସୀ ପରିବାରଙ୍କୁ ଜମିପଟ୍ଟା ପ୍ରଦାନ ନେଇ ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ କ୍ଷେତ ମଜଦୁର ୟନିୟନ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା।

## ଘରୋଇ ବସ କର୍ମଚାରୀ ମାନେ ଦାବି ନେଇ ରାସ୍ତାକୁ ଓହ୍ଲାଇଲେ

ଭୁବନେଶ୍ୱର,୧୬ (ନି.ପ୍ର): ଘରୋଇ ବସର ଡ୍ରାଇଭର ଓ ଅନ୍ୟ କର୍ମଚାରୀ ମାନେ ସେମାନଙ୍କର ବିଭିନ୍ନ ଦାବି ନେଇ ସୋମବାର ଦିନ ରାସ୍ତାକୁ ଓହ୍ଲାଇଛନ୍ତି । ଲକ ଡାଉନ କାରଣରୁ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବା ସହ ୫୦ ଲକ୍ଷ ଟଙ୍କାର ବୀମା କରିବାକୁ ସେମାନେ ଦାବି କରିଛନ୍ତି ।

ଆଜି ଶହ ଶହ ସଂଖ୍ୟାରେ ବସ ଡ୍ରାଇଭର, କଣ୍ଡକ୍ଟର ଓ ଅନ୍ୟ କର୍ମଚାରୀ ମାନେ ଆନ୍ଦୋଳନ କରିଥିଲେ । କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ସେମାନଙ୍କର ଦାବିକୁ ସମର୍ଥନ ଜଣାଇ ବରମୁଣ୍ଡା ବସ ଷ୍ଟାଣ୍ଡ ଠାରେ ଧାରଣା ସ୍ଥଳରେ ପହଂଚିଥିଲେ ।

## ଅଗ୍ନିଶମ ଡିଜି ଭାବେ ଦାୟିତ୍ୱ ନେଲେ ସତ୍ୟଜିତ୍ ମହାନ୍ତି

ଭୁବନେଶ୍ୱର,୧୬ (ନି.ପ୍ର): ବରିଷ୍ଠ ଆଇପିଏସ୍ ଅଧିକାରୀ ସତ୍ୟଜିତ ମହାନ୍ତି ରାଜ୍ୟ ଅଗ୍ନିଶମ ଡିଜି ଭାବେ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ଅଗ୍ନିଶମ ଡିଜି ଭାବେ ସୁନୀଲ ରାୟଙ୍କ ଅବସର ପରେ ଏହି ପଦବୀ ଖାଲି ଥିଲା। ଶ୍ରୀ ମହାନ୍ତି ବର୍ତ୍ତମାନ ଗୁଇନ୍ଦା ବିଭାଗର ସ୍ପେଶାଲ ଡିଜି ମଧ ଅଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଶନିବାର ରାଜ୍ୟ ସରକାର ବରିଷ୍ଠ ଆଇପିଏସ ସ୍ତରରେ ଅଦଳ ବଦଳ କରିଥିଲେ। ବର୍ତ୍ତମାନ ଗୁଇନ୍ଦା ବିଭାଗ ସ୍ପେଶାଲ ଡିଜି ଥିବା ସତ୍ୟଜିତ ମହାନ୍ତିଙ୍କୁ ପୂର୍ବ ଦାୟିତ୍ୱ ସହ ଅଗ୍ନିଶମ ବିଭାଗର ଡିଜି ଏବଂ ହୋମଗାର୍ଡ ଆଣ୍ଡ ଡାଇରେକ୍ଟର ସିଭିଲ୍ ଡିଫେନ୍ସର କମାଣ୍ଡାଂଟ ଜେନେରାଲ୍ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ସେହିପରି ସେସୁର ସିଇଓ ଭାବେ କାର୍ଯ୍ୟରତ ଅରୁଣ ବୋଥ୍ରାଙ୍କୁ ଓଏସଆରଟିସିର ସିଏମଡି କରାଯାଇଛି।

# ୭୧ ଦିନ ପରେ ଜଳେଶ୍ୱରରେ ପ୍ରଥମ ଟ୍ରେନ୍ ରହଣି

### ଯାତ୍ରୀଙ୍କୁ ସାମାଜିକ ଦୂରତା ଓ ଥର୍ମାଲ ସ୍କ୍ରିନିଂ : ଡାହାଣ ହାତରେ ଷ୍ଟାମ୍ପିଂ



ଜଳେଶ୍ୱର,୧୬(ନିପ୍ର) : କୋରନା ସଂକ୍ରମଣ ରୋକିବା ଓ ଏହାର ଭୟାବହତା ଲାଗି ଦେଶବ୍ୟାପି ୭୧ଦିନ ଧରି ଯାତ୍ରିବାହୀ ଟ୍ରେନ ଚଳାଚଳ ବନ୍ଦ ରହିବାପରେ ଆଜି ପ୍ରଥମକରି ୦୨୦୭୪ ଜନଶତାବ୍ଦି ଟ୍ରେନ୍ ଦିନ ୧୦ଟାରେ ଭୁବନେଶ୍ୱରୁ ଆସି ଜଳେଶ୍ୱରରେ ପହଞ୍ଚିଥିଲା। ଏଠାରୁ ୨୩ଜଣ ଯାତ୍ରୀ ସାମାଜିକ ଦୂରତା ରକ୍ଷା କରି ୨ ପ୍ଲାଟଫର୍ମରୁ ଟ୍ରେନ୍‌ରେ ଚଢିବାପୂର୍ବରୁ ସମସ୍ତଙ୍କର ଥର୍ମାଲ ସ୍କେନିଂ ଓ ଯାତ୍ରା ସଂପର୍କୀତ ସମସ୍ତ ତଥ୍ୟ ପଂଜିକରଣ କରାଯାଇଥିଲା। ସେହିପରି ଟ୍ରେନ୍‌ରୁ ୧୭ଜଣ ଯାତ୍ରୀ ଓହ୍ଲାଇବା ପରେ ସେମାନଙ୍କୁ ପଂଜିକରଣ କରାଯାଇ ସେମାନଙ୍କ ଡାହାଣ ହାତରେ ଅଲିଭା କାଳିରେ ଷ୍ଟାମ୍ପିଂ କରାଯାଇଥିଲା । ସେହିପରି ୦୨୦୭୩ ଅପ୍ ଟ୍ରେନ୍‌ଟି ନିର୍ଦ୍ଧାରିତ ସମୟର ୧ଘଣ୍ଟା ବିଳମ୍ବରେ ଜଳେଶ୍ୱର ଷ୍ଟେସନରେ ଲାଗିଥିଲା । ଏଥିରେ ୨୨ଜଣ ଯାତ୍ରୀ ଚଢିଥିବା ବେଳେ ୫୦ଜଣ ଯାତ୍ରୀ ଟ୍ରେନ୍‌ରୁ ଓହ୍ଲାଇଥିବା ରେଳବାଇ ସୂତ୍ରର ପ୍ରକାଶ । ପ୍ରତିଦିନ ଏହି ଟ୍ରେନ୍ ଯାତାୟାତ କରିବାକୁ ଥିବା ବେଳେ ପରିକ୍ଷା ନିରୀକ୍ଷା, ଥର୍ମାଲ ସ୍କେନିଂ ଓ ଷ୍ଟାମ୍ପିଂ ହେବ ବୋଲି ଆଜି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଷ୍ଟେସନ ସୁପରି ଟେଣ୍ଡେଣ୍ଟ ଖଗେନ୍ଦ୍ର ମଣ୍ଡଳ କହିଛନ୍ତି । ଟ୍ରେନ୍ ଆସିବା ପୂର୍ବରୁ ସକାଳ ୭.୩୦ରେ ସମସ୍ତ ପ୍ଲାଟଫର୍ମକୁ ସାଇଟାଇଜ୍ କରାଯିବାପରେ ଯାତ୍ରୀମାନଙ୍କୁ ଷ୍ଟେସନ ଭିତରୁ ଯିବାର ଅନୁମତି ଦିଆଯାଇଥିଲା । ଷ୍ଟେସନର ର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ପ୍ଲାଟଫର୍ମକୁ ବେରିକେଟ କରାଯାଇ ୱାନ୍ ୱେ ଯାତାୟାତର ସମସ୍ତ ବ୍ୟବସ୍ଥା ଆର୍‌ପିଏଫ ଓ ଜିଆରାପି ପକ୍ଷରୁ କରାଯାଇଥିଲା । ଜଳେଶ୍ୱର ବିଡିଓ ଦିପ୍ତିରଂଜନ ସେଠୀ, ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, କମଳ ଲୋଚନ ପାତ୍ର, ପ୍ରଶାନ୍ତ ପାତ୍ର, ଆର୍‌ପିଏଫ ଏସ୍ ସରକାର, ଅମିତ୍ କୁମାର, ସତିଶ କୁମାର, ରାଜୀବ କୁମାର, ଜିଆର୍‌ପି ଏମ୍ ଭଂଜ, କେ ଗଣ୍ଡ, ପ୍ରମୋଦ ଚନ୍ଦ୍ର ପରିଡା, ଡି ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ଡିଏମ୍‌ୟୁ, ମେମୁ ଓ ଏମ୍‌ୟୁ ବନ୍ଦ ରହିବା ସଂପର୍କରେ ମଧ୍ୟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଧାନସୌଧରେ ସ୍ଥାପନ ହେବ ସୌରଶକ୍ତି ପ୍ରକଳ୍ପ

ଭୁବନେଶ୍ୱର, ୦୧ ଜୁନ - ବିଧାନସୌଧରେ ସୌରଶକ୍ତି ପ୍ରକଳ୍ପ ସ୍ଥାପିତ ହେବ । ଏ ସଂପର୍କରେ ଆଲୋଚନା କରିବା ପାଇଁ ଏକ ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତିଙ୍କ କାଯର୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକର ବିବରଣୀରୁ ପ୍ରକାଶ ଯେ ବିଧାନସୌଧରେ ସବୁଜ ଶକ୍ତିକୁ ଉପଲବ୍ଧ କରାଇବା ସହିତ ବିଦ୍ୟୁତ ଦେୟ ହ୍ରାସ କରିବା ଉଦ୍ଦେଶ୍ୟରେ ବିଧାନସୌଧର ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ହେବ । ଏହି ପ୍ରକଳ୍ପର କ୍ଷମତା ୯୦ କିଲୋୱାଟ୍ ରହିବ ଏବଂ ବାର୍ଷିକ ପ୍ରାୟ ଏକ ଲକ୍ଷ ୧୮ ହଜାର ୟୁନିଟ୍ ବିଦ୍ୟୁତ ଶକ୍ତି ଉତ୍ପାଦିତ ହେବ । ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାପିତ ହେବାକୁ ଥିବା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୧୨୦ ଦିନ ମଧ୍ୟରେ ସମାପ୍ତ ହେବ । ଉତ୍ପାଦିତ ସବୁଜ ବିଦ୍ୟୁତ ଶକ୍ତି ବିଧାନସୌଧରେ ବ୍ୟବହାର ହେବ । ଏଥି ନିମନ୍ତେ ଯଥାଶୀଘ୍ର ଟେଣ୍ଡର ଆହ୍ୱାନ କରାଯିବା ସହିତ କାର୍ଯ୍ୟାଦେଶ ପ୍ରଦାନ କରାଯିବ । ଏହି ପ୍ରକଳ୍ପଟି ଓଡ଼ିଶା ଅକ୍ଷୟଶକ୍ତି ବିକାଶ ସଂସ୍ଥା(ଓରେଡା) ଦ୍ୱାରା କାର୍ଯ୍ୟକାରୀ ହେବ । ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଉପସଚିବ ଶ୍ରୀ ଶିଶିର କାନ୍ତ ସ୍ୱାଇଁ, ମୁଖ୍ୟ ସ୍ଥପତି ଶ୍ରୀ ବିଶ୍ୱରଞ୍ଜନ ନାୟକ, ଓରେଡାର ଯୁଗ୍ମ ନିର୍ଦ୍ଦେଶକ’ ଶ୍ରୀ ଏ.କେ. ଚୌଧୁରୀ, ବୈଷୟିକ ଅଧିକାରୀ ଶ୍ରୀ ଅରୂପାନନ୍ଦ ପଟ୍ଟନାୟକ, ମୁଖ୍ୟଯନ୍ତ୍ରୀ ଶ୍ରୀ ଲକ୍ଷ୍ମୀଧର ଦାସ, ଜନସ୍ୱାସ୍ଥ୍ୟ ଅଧୀକ୍ଷଣ ଯନ୍ତ୍ରୀ (ଯୋଜନା ) ଶ୍ରୀ ଗଗନ ବିହାରୀ ସିଂହ, କେନ୍ଦ୍ରୀୟ (ରାସ୍ତା ଓ କୋଠାବାଡ଼ି) ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀ ଗୌରାଙ୍ଗ ଚରଣ ସାହୁ ଏବଂ ରାସ୍ତା ଓ କୋଠାବାଡ଼ି ଡିଭିଜନ-୧ର ନିର୍ବାହୀ ଯନ୍ତ୍ରୀ ଶ୍ରୀ ସୂର୍ଯ୍ୟନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ୟାକେଜ ଦାବିରେ ପରିବହନ କର୍ମଚାରୀଙ୍କ ଧାରଣା

## ବାଲେଶ୍ୱରରେ ଗଡ଼ିଲାନି ଗୋଟିଏ ବି ବସ୍

ବାଲେଶ୍ୱର,୧୬ (ନି.ପ୍ର): ପୂର୍ବ ଚେତାବନୀ ଅନୁସାରେ ସ୍ୱତନ୍ତ୍ର ପ୍ୟାକେଜ୍ ଦାବିରେ ବସ୍ କର୍ମଚାରୀଙ୍କ ଧାରଣା ଯୋଗୁଁ ସମଗ୍ର ରାଜ୍ୟରେ ବସ୍ ଚଳାଚଳ ଆଜି ବନ୍ଦ ରହିଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ ପରିସ୍ଥିତି ଲକ୍ଷ୍ୟ କରାଯାଇଛି। ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ବାଲେଶ୍ୱର ଶାଖାର କର୍ମକର୍ତ୍ତା, ସଦସ୍ୟ ତଥା ଜିଲ୍ଲାର ଏକାଧିକ ଘରୋଇ ବସ୍‌ର ଡ୍ରାଇଭର, କଣ୍ଡକ୍ଟର ଓ ହେଲପର ସ୍ଥାନୀୟ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡରେ ଧାରଣାରେ ବସିଥିଲେ। ପରିବହନ କର୍ମଚାରୀଙ୍କ ସାମାଜିକ ସୁରକ୍ଷା ନେଇ ପୂର୍ବରୁ ଦିଆଯାଇଥିବା ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ସଂଘର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ରାଜକିଶୋର ଲେଙ୍କା, ଅସିତ ବରଣ ଦାସ, ପ୍ରମୋଦ କୁମାର ରାଉତ, ବିନୋଦ କୁମାର ଜେନା, ଅଚ୍ୟୁତ୍ କୁମାର ବାରିକ, ବସନ୍ତ କୁମାର ସାହୁ, ଗଣେଶ୍ୱର ଦାସ, ସନ୍ତୋଷ ମଲିକ ପ୍ରମୁଖ ପରିବହନ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ହେଲପର, ଡ୍ରାଇଭର ଓ କଣ୍ଡକ୍ଟର ଏହି ଧାରଣା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କରୋନା ମୁକାବିଲାରେ ନବଜ୍ୟୋତିଙ୍କ ପ୍ରୟାସ

### କଂଗ୍ରେସ ପକ୍ଷରୁ ଜିଲ୍ଲାର ୪ ପୌରାଞ୍ଚଳ ବିଶୋଧନ ନିଷ୍ପତ୍ତି

ବାଲେଶ୍ୱର,୧୬ (ନି.ପ୍ର): ମହାମାରୀ କରୋନା ଭଳି ସଙ୍ଗୀନ ସ୍ଥିତିରେ ବି କଂଗ୍ରେସ ଦଳ ସାଧାରଣ ଲୋକଙ୍କ ସହ ରହିଥିବା ବେଳେ କୋଭିଡ୍-୧୯ ମୁକାବିଲାରେ ଲୋକଙ୍କୁ ସହଯୋଗ କରି ଚାଲିଛି ବୋଲି ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତାମାନେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।



ଲକଡାଉନ କଟକଣା ଯୋଗୁଁ ଦଳର ଅନ୍ୟତମ ନେତା ନବଜ୍ୟୋତି ପଟ୍ଟନାୟକ ଦିଲ୍ଲୀରେ ଅଟକି ରହିଥିଲେ ମଧ୍ୟ ବାଲେଶ୍ୱର ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ସେ ଭୁଲିପାରି ନାହାଁନ୍ତି ବୋଲି ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶରେ ମାର୍ଚ୍ଚ ୨୬ ତାରିଖଠାରୁ ବାଲେଶ୍ୱର ସହର ସମେତ ସମଗ୍ର ଜିଲ୍ଲାରେ ଲକ୍ଷାଧିକ ମାସ୍କ ଓ ସାନିଟାଇଜେସନ ବଂଟନ କରାଯାଇଥିବା ବେଳେ ସହରର ବିଭିନ୍ନ ବସ୍ତିବାସିନ୍ଦା ଗରିବ, ଅସହାୟଙ୍କ ପାଇଁ ବିଗତ ୨ ମାସ ହେଲା ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ବଂଟନ କରାଯାଇଥିଲା। ଏହା ବ୍ୟତୀତ ବିଗତ ୫ ଦିନ ଧରି ଜାତୀୟ ରାଜପଥରେ ଯାଉଥିବା ପ୍ରବାସୀ

▶▶ପୃଷ୍ଠା ୭

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo